# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୮/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 8/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 76 | ମୂଲ୍ୟ ₹୭/-




**କାନ୍ଦିଲେ ଭୂମିକା**

ଅଭିନେତ୍ରୀ ଭୂମିକା ଚାୱଲା 'ୟୁଫୋରିଆ'ରେ ନଜର ଆସିବେ। ତେବେ ଏକ କାର୍ଯ୍ୟକ୍ରମରେ ସେ ଫିଲ୍ମରେ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ।

୦୨

୧୪

**ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍**

ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ୍ ଉଇକେଟ ସଫଳତା ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜ ବୋଲର ରୋମାରିଓ ଶେଫର୍ଡ।



# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି

- ରୁଷିଆ ତୈଳ ପାଇଁ ଭାରତ ଉପରେ ଲାଗିଥିବା ଅତିରିକ୍ତ ୨୫% ଶୁଳ୍କ ହଟିଲା
- ଭାରତ ଦେଇଛି ୫୦୦ ବିଲିୟନ ଡଲାରର ଆମଦାନୀ ପ୍ରତିଶ୍ରୁତି

ଭାରତ ଏବଂ ଆମେରିକା ମଧ୍ୟରେ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକାର ୩୦ ଟ୍ରିଲିୟନ ଡଲାରର ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏହାସହ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍)କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ହଟାଇ ଦେଇଛନ୍ତି। ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଗତ ଅଗଷ୍ଟରେ ଦଣ୍ଡସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଇଥିଲା। ଗତ ସୋମବାର ଟ୍ରମ୍ପ ଭାରତ ଉପରେ ଲଗାଯାଇଥିବା ୨୫% ଜବାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏବେ ଅତିରିକ୍ତ ୨୫% ଶୁଳ୍କ ହଟିବା ଫଳରେ ଭାରତୀୟ ରପ୍ତାନି ପୁଣି ସୁଗମ ହେବା ଆଶା କରାଯାଉଛି। ଦୁଇ ଦେଶର ଏକ ମିଳିତ ବିବୃତି ଅନୁଯାୟୀ, ଭାରତରୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଶୁଳ୍କ କୋହଳ କରାଯାଇଛି, ଯାହା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଦେଇଛି। ସେହିପରି ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ଲକ୍ଷ୍ୟ ରଖିଛି। ଏଥିରେ ମୁଖ୍ୟତଃ ଶକ୍ତି, ବିମାନ ଉପକରଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଅନ୍ତର୍ଭୁକ୍ତ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ, ଏହି ଚୁକ୍ତିରେ ଭାରତର ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି। ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହିସବୁ ସାମଗ୍ରୀ ଉପରେ ଆମେରିକାକୁ କୌଣସି ବଡ଼ ରିହାତି ଦିଆଯାଇନାହିଁ। ଏହି ଚୁକ୍ତିକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହଗଲୋମାସି' ବା କୋଳାଗ୍ରତ କରିବାର ଶୈଳୀ ଏବଂ ଫଟୋ ଉଠାଇବା ଦ୍ୱାରା ଦେଶକୁ ପ୍ରକୃତ ଲାଭ ମିଳିନାହିଁ। ଚୁକ୍ତିରେ ଭାରତ ନିଜ ସ୍ୱାର୍ଥକୁ ବଳି ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।



**ୱାଶିଂଟନ୍/ନୂଆଦିଲ୍ଲୀ, ୭।୨(ପି.ଟି./ରଏଟର୍ସ/ବ୍ଲୁମ୍‌ବର୍ଗ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ କ୍ଷମତାକୁ ଆସିବା ପରଠୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଅନେକ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମେ ସେ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଆମଦାନୀ ଶୁଳ୍କ ଲଗାଇଥିଲେ। ସେପଟେ ୨୦୨୨ ୟୁକ୍ରେନ୍ ଯୁଦ୍ଧ ପରଠୁ ଆକ୍ରମଣକାରୀ ରୁଷିଆଠାରୁ ଭାରତ କ୍ରୁଡ୍ ଆମଦାନୀ କରିଚାଲିଥିଲା। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍ ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨ ପ୍ରକାର ଟିକସ କଷିଥିଲେ। ୨୫% ଆମଦାନୀ ଟିକସ ସାଙ୍ଗକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଯିବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିଲା। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାକୁ ଯାଇ ନାନା କୌଶଳ ଆପଣାଇଥିଲେ। କିନ୍ତୁ ତାଙ୍କ କୌଣସି ଜିଦ୍ ଆଗରେ ନୂଆଦିଲ୍ଲୀ ମୁଣ୍ଡ ନୁଆଇ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂସ୍କାର ଓ ଅନ୍ୟ ଦୂରଦର୍ଶୀ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍ ଦେଶରେ ସମାଲୋଚନାର ଶିକାର ହୋଇଥିଲେ। ବହୁ ବିରୋଧକୁ ସାମ୍ନା କରିବା ପରେ ଶେଷରେ ଗତ ସପ୍ତାହରେ ରାଷ୍ଟ୍ରପତି ଟ୍ରମ୍ପ୍ ନରମିଯାଇଥିଲେ। 'ମଦର ଅଫ୍ ଅଲ୍ ଡିଲ୍ସ' ନାମରେ ପରିଚିତ ବହୁପ୍ରତୀକ୍ଷିତ ଭାରତ-ୟୁରୋପୀୟ ☞ପୃଷ୍ଠା-୪



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରଡ଼ିଆ-କଂସାର ଗୋବରୀ ନଦୀବନ୍ଧରେ ଶହେ ଫୁଟ ଲମ୍ବର ଅତଡ଼ା ଧସିଯାଇଛି।

# ଗୋବରୀରେ ୧୦୦ ଫୁଟ ଅତଡ଼ା ଧସିଲା

**ନଦୀବନ୍ଧକୁ ଦୁର୍ବଳ କରୁଛି ବେଆଇନ ଚିଙ୍ଗୁଡ଼ିଘେରି**

**ମହାକାଳପଡ଼ା, ୭।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବି ଦାଣ୍ଡୁଆ ପଞ୍ଚାୟତ କଂସାର-ରଡ଼ିଆ-ବଗ ଗହଣ ନଦୀ ତଟବନ୍ଧ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଗୋବରୀ ନଦୀ କଂସାର ଗ୍ରାମ ସଂଲଗ୍ନ ପଥର ସ୍ପର ନିର୍ମାଣ କାର୍ଯ୍ୟ ହେଉଛି। ଗୋବରୀ ନଦକୂଳରେ କେତୋଟି ବେଆଇନ ଚିଙ୍ଗୁଡ଼ିଘେରି ଥିବାରୁ ତା'ର ଲୁଣିପାଣି ନଦୀ ବନ୍ଧରେ ଲିକ୍ ଯୋଗୁ ଏହା ଦୁର୍ବଳ ହେବାରେ ଲାଗିଛି। ଶୁକ୍ରବାର ହଠାତ୍ ଗୋବରୀ ନଦୀ ବନ୍ଧରୁ ଶହେ ଫୁଟ ଲମ୍ବର ଅତଡ଼ା ଧସିଛି। ଫଳରେ ବନ୍ଧର ସୁରକ୍ଷା ପାଇଁ ନିର୍ମିତ ପଥର ପ୍ୟାକିଂ ଧସି ନଦୀଗର୍ଭକୁ ଚାଲିଯାଇଛି। ଏଥିଯୋଗୁ କଂସାର ଓ ବଡ଼ଦାଣ୍ଡୁଆ ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି।

ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଗୋବରୀ ନଦୀରେ ପ୍ରଖର ଅନ୍ତଃସ୍ରୋତ ଯୋଗୁ ଭଉଁରି ସୃଷ୍ଟିହୋଇ କୂଳ ଖାଇ ଜନବସତିମୁହାଁ ହେଉଛି। ଗୋବରୀ ନଦୀ ପାର୍ଶ୍ୱ ଚିଙ୍ଗୁଡିଘେରିକୁ ତୁରନ୍ତ ଉଚ୍ଛେଦ କରି ବଡ଼ ପ୍ରାଚୀର ନିର୍ମାଣ ହେଲେ ବନ୍ଧ ପ୍ରତି ବିପଦ ରହିବ ନାହିଁ। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ଗୋବରୀ ନଦୀ ବନ୍ଧ ସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଗଲ୍‌ୱାନ ସଂଘର୍ଷ ପରେ ଆଣବିକ ପରୀକ୍ଷା କରିଥିଲା ଚାଇନା

**ଆମେରିକାର ଅଭିଯୋଗ**

**ଜେନେଭା, ୭।୨**

ଚାଇନା ବିରୋଧରେ ଆମେରିକା ଏକ ବିସ୍ଫୋରକ ଅଭିଯୋଗ ଆଣିଛି। ୨୦୨୦ରେ ସୀମାନ୍ତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିଲେ। ଏହାର ୭ ଦିନ ପରେ ଚାଇନା ଗୋପନରେ ଅଣୁଅସ୍ତ୍ର ପରୀକ୍ଷା କରିଥିଲା ବୋଲି ଆମେରିକା କହିଛି। ସେତେବେଳେ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀକୁ ନେଇ ଯୁଝୁଥିଲାବେଳେ ବେଜିଂ ନିଜର ଆଣବିକ କ୍ଷମତାର ପରୀକ୍ଷା କରିଥିଲା ବୋଲି ଆମେରିକା ପରରାଷ୍ଟ୍ର ଅନୁସଚିବ ଥୋମାସ୍ ଡିନାନୋ ଶୁକ୍ରବାର ଜେନେଭାରେ ନିରସ୍ତ୍ରୀକରଣ ଉପରେ ଅନୁଷ୍ଠିତ ଜାତିସଂଘ ସମ୍ମିଳନୀରେ କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ହୋଇଥିବା ଶେଷ ଆଣବିକ ଚୁକ୍ତିନାମା ସମୟସୀମା ଗତ ୫ ତାରଖରେ ଶେଷ ହୋଇଥିବାବେଳେ ଏଭଳି ଗମ୍ଭୀର ଅଭିଯୋଗ ଆସିଛି। ଭବିଷ୍ୟତର କୌଣସି ଆଣବିକ ଚୁକ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ସାଙ୍ଗରେ ନେବାକୁ ଚାହୁଁଛନ୍ତି।






**ଆଜିର ସମ୍ପାଦକୀୟ** ଆତ୍ମସମର୍ପଣ

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ, ଉତ୍ତେଜନା

**କୋକସରା/ବେହେରା, ୭।୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ/ଭୂପେଶ ତିୱାରୀ)**

ବିଜୁ ଏକ୍ସପ୍ରେସ୍ ୱେର କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ବିଦେଶୀ ମଦ ଦୋକାନ ଛକରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଟାଟା ଆଇଚର (ନଂ.ଓଡି୧୦ଡବ୍ଲ୍ୟୁ-୩୮୮୧) ଟ୍ରକ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। କ୍ଷତିପୂରଣ ଦାବିରେ ଲୋକେ ଦୁର୍ଘଟଣାସ୍ଥଳରେ ହୋହଲ୍ଲା କରିବାରୁ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ସୂଚନା ଅନୁସାରେ, ରମେଶ ଓ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସି ଘରକୁ ଫେରିବା ସମୟରେ ବିଜୁ ଏକ୍ସପ୍ରେସ୍ ୱେରେ ତାଙ୍କ ବାଇକ୍‌କୁ ଆମପାଣି ପଟୁ ଆସୁଥିବା ଏକ ଟାଟା ଆଇଚର ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ☞ପୃଷ୍ଠା-୪









କୁଆଲାଲମପୁରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ଅଭିବୃଦ୍ଧି ପାଇଁ ଭାରତ ବିଶ୍ୱସ୍ତ ସହଯୋଗୀ: ମୋଦି

**କୁଆଲାଲମପୁର, ୭।୨(ପି.ଟି.)**

ଭାରତ ଅଭିବୃଦ୍ଧିର ଏକ ବିଶ୍ୱସ୍ତ ସହଯୋଗୀ, ଯାହା ନିକଟରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ସମେତ ବିଭିନ୍ନ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତି ସହମତିରୁ ପ୍ରତିଫଳିତ ହୋଇଛି। ୨ ଦିନିଆ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହା କହିଛନ୍ତି। କୁଆଲାଲମପୁରଠାରେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ପ୍ରବାସୀ ଭାରତୀୟମାନେ ଯୋଗାଯୋଗର ଏକ ଦୃଢ଼ ସେତୁ ଭାବେ କାର୍ଯ୍ୟ କରିଆସୁଛନ୍ତି। ଭାରତୀୟ ଭାଷା ଏବଂ ମଳୟ ମଧ୍ୟରେ ବହୁସଂଖ୍ୟାରେ ସମାନ ଶବ୍ଦ ରହିଥିବାରୁ ୨ ଦେଶ ପରସ୍ପରକୁ ଖୁବ୍ ଭଲ ଭାବରେ ଜାଣନ୍ତି। ୨୦୨୬ର ପ୍ରଥମ ବିଦେଶ ଗସ୍ତରେ ମାଲେସିଆ ଆସିଥିବାରୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଖୁସି ଅନୁଭବ କରୁଥିବା କହିଛନ୍ତି। ମୋଦିଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଉପସ୍ଥିତ ଥିଲେ। ମାଲେସିଆରେ ତାମିଲ ପ୍ରବାସୀମାନେ ବହୁ ଶତାବ୍ଦୀ ଧରି ରହିଆସିବା ସହ ବିଭିନ୍ନ କ୍ଷେତ୍ରରେ ସମାଜର ସେବା କରୁଛନ୍ତି। ୟୁନିଭର୍ସିଟି ଅଫ୍ ମଳୟରେ

## ମାଲେସିଆରେ ଖୁବ୍‌ଶୀଘ୍ର ୟୁପିଆଇ ଶୁଭାରମ୍ଭ

ଥିରୁଭାଲ୍ଲୁଭାର ଚେୟାର ସ୍ଥାପନ କରି ଆମେ ଗର୍ବିତ ଏବଂ ଆମ ମିଳିତ ଐତିହ୍ୟକୁ ଅଧିକ ମଜଭୁତ କରିବା ଲାଗି ଥିରୁଭାଲ୍ଲୁଭାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛୁ ବୋଲି ମୋଦି କହିଛନ୍ତି। ମାଲେସିଆରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ରହିଛନ୍ତି।

୨ ଦେଶ ମଧ୍ୟରେ ଆର୍ଥିକ, ପ୍ରତିରକ୍ଷା ଏବଂ ଲୋକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲେସିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଭାରତୀୟ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍) ମାଲେସିଆରେ ଶୁଭାରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟକ୍ରମରେ ମୋଦି ଓ ତାଙ୍କ ମାଲେସିଆ ପ୍ରତିପକ୍ଷ ଇବ୍ରାହିମ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାରତ ନାଟ୍ୟମ, ଓଡ଼ିଶୀ, କଥକ, କଥାକଲି, କୁଚିପୁଡ଼ି ଆଦି ଭାରତୀୟ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ମୋଦି ଓ ଇବ୍ରାହିମ୍ ଗୋଟିଏ କାରରେ କାର୍ଯ୍ୟକ୍ରମ ସ୍ଥଳକୁ ଯାଇଥିଲେ।

# ଟ୍ରେଡ୍ ଡିଲ୍ ଭାରତ ପ୍ରତି ବିଶ୍ୱାସଘାତ: କଂଗ୍ରେସ

**ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଥିବାବେଳେ ଶନିବାର ଏହା ଉପରେ ଉଭୟ ଦେଶ ପକ୍ଷରୁ ବିସ୍ତୃତ ରୂପରେଖ ପ୍ରକାଶ କରାଯାଇଛି। ଟ୍ରେଡ୍ ଡିଲ୍‌ରେ କ'ଣ ସବୁ ରହିବ, ଏହାଦ୍ୱାରା ଭାରତ ଓ ଆମେରିକାକୁ କେତେ ଲାଭ ମିଳିବ ସେନେଇ ଚର୍ଚ୍ଚା ଜାରି ରହିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ଟ୍ରେଡ୍ ଡିଲ୍ ନୁହେଁ, ବରଂ ଭାରତର ଆତ୍ମସମ୍ମାନ ଓ ସ୍ୱାର୍ଥର ଆତ୍ମସମର୍ପଣ ବୋଲି କଂଗ୍ରେସ ସମାଲୋଚନା କରିଛି। କେନ୍ଦ୍ର ସରକାର ଭାରତ ଓ ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଥିବା ବିରୋଧୀ ଦଳ କହିଛି। ଅନ୍ୟପକ୍ଷେ ଭାରତର ଖାଦ୍ୟ ଓ ଅନ୍ୟ ସମ୍ବେଦନଶୀଳ ସେକ୍ଟରଗୁଡ଼ିକୁ ସରକାର ଏହି ଡିଲ୍‌ରେ ସୁରକ୍ଷିତ ରଖିଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଏହାଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ଭଳି ବୃହତ୍ ବଜାର ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।**


**ନୂଆଦିଲ୍ଲୀ,୭।୨**

ଟ୍ରେଡ୍ ଡିଲ୍ ଉପରେ ମିଳିତ ଘୋଷଣାନାମା ଜାରି କରାଯିବା ପରେ କଂଗ୍ରେସ ମିଡିଆ ଓ ପବ୍ଲିସିଟି ବିଭାଗ ମୁଖ୍ୟ ପୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ଆମେରିକୀୟ ସାମଗ୍ରୀର ଅଳିଆ ଗଦାରେ ପରିଣତ ହେବାକୁ ଯାଉଛି। ଦେଶର କୃଷକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ସହିବାକୁ ପଡ଼ିବ।



ପୱନ ଖେରା

ଏହା ଆମ ସ୍ୱାର୍ଥ ପାଇଁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୂର୍ଣ୍ଣ ଆତ୍ମସମର୍ପଣ। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଚୂଡ଼ାନ୍ତ ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ସଂସଦରେ ଏହାର ପ୍ରତିଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ। ଏଥିରେ ଅନେକ ପ୍ରସଙ୍ଗର ସ୍ପଷ୍ଟ ଅବତାରଣା କରାଯାଇ



ପୀୟୂଷ ଗୋୟଲ

ନ ଥିବାରୁ କୃଷି, ଶିଳ୍ପ ଓ ନିଯୁକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କଂଗ୍ରେସ ନେତା ରଣଦୀପ ସିଂ ସୁର୍ଯ୍ୟେୱାଲା ଏହାଦ୍ୱାରା ଗ୍ରାମାଞ୍ଚଳ କୃଷକଙ୍କ ଜୀବନଜୀବିକା ଉଜୁଡ଼ିଯିବ ବୋଲି ସମାଲୋଚନା କରିଥିବାବେଳେ ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀ ଟ୍ରେଡ୍ ଡିଲ୍‌ର ରୂପରେଖକୁ 'ୱାଶିଂଟନ୍‌ର

## କୃଷି ସମେତ ଅନ୍ୟ ସମ୍ବେଦନଶୀଳ ସେକ୍ଟର ସୁରକ୍ଷିତ: କେନ୍ଦ୍ର

ଅର୍ଡର' ରୂପେ ଅଭିହିତ କରିଛନ୍ତି। ଅନ୍ୟପକ୍ଷେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଆମେରିକାକୁ କୌଣସି କୃଷି ଫଳ ଓ ଦୁଗ୍ଧଜାତ ସାମଗ୍ରୀ ଉପରେ ରିହାତି ଦେଇନାହିଁ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକା ସହ ଜଡ଼ିତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମକା, ଗହମ, ଧାନ, ସୋୟା, ପଲ୍ଟ୍ରି, ଦୁଗ୍ଧ ଏଥାନଲ୍, ତମାଖୁ ଆଦି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ଟ୍ରେଡ୍ ଡିଲ୍‌ର ଅନ୍ତରୀଣ ରୂପରେଖରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳର ସମର୍ଥନ ମିଳିବା ଭଳି ଉଦ୍ୟମ କରାଯାଇଛି।

# ଆକ୍ରମଣ କଲେ ପାଲଟା ଜବାବ ଦେବୁ

## ଆମେରିକାକୁ ଇରାନର ଚେତବାନୀ

**ତେହରାନ୍,୭।୨**

ଓମାନ ମଧ୍ୟସ୍ଥତାରେ ଶୁକ୍ରବାର ମସ୍କାଟ୍‌ରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବୈଠକକୁ ୨୪ ଘଣ୍ଟା ନ ପୂରୁଣୁ ଇରାନ ଆମେରିକାକୁ ଚେତବାନୀ ଦେଇଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ଇରାନ ମଧ୍ୟ ଆମେରିକାର ନୌସେନା ବେସ୍ ଉପରେ ଆକ୍ରମଣ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି କହିଛନ୍ତି। ଇରାନ ଏହାର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ପରମାଣୁ ପ୍ରକଳ୍ପକୁ ଆବଶ୍ୟକ ଅନୁସାରେ ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଧମକ ଦେଇଛନ୍ତି।

# ଏମ୍‌ପି ପପୁ ଯାଦବ ଗିରଫ

**ପାଟନା, ୭।୨**

ପୂର୍ଣ୍ଣିଆ ଏମପି ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ବିହାର ପୋଲିସ ଶୁକ୍ରବାର ମଧ୍ୟ ରାତ୍ରରେ ତାଙ୍କ ବାସଭବନରୁ ଗିରଫ କରିଛି। ୩୧ ବର୍ଷ ତଳର ଏକ ଜମି ଘୋଟାଲା ମାମଲାରେ ପପୁଙ୍କୁ କୋର୍ଟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ବାରମ୍ବାର ସମନ କରାଯିବା ସତ୍ତ୍ୱେ ସେ ହାଜର ନ ହେବାରୁ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଏହାସତ୍ତ୍ୱେ ସେ ନ ଆସିବାରୁ ଶୁକ୍ରବାର ରାତିରେ ପାଟନା ପୋଲିସ ପପୁଙ୍କ ବାସଭବନରେ ପହଞ୍ଚିଥିଲା। ଖବର ପାଇ ପପୁଙ୍କ ଅନେକ ଶହ ସମର୍ଥକ ରୁଣ୍ଡ ହୋଇ ପୋଲିସକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ପୋଲିସ ଏବଂ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ଶେଷରେ ପୋଲିସ ପପୁଙ୍କୁ ଗିରଫ କରିଥିଲା।

# ବାଂଲାଦେଶ ହାଜତରେ ହିନ୍ଦୁ ନେତାଙ୍କ ମୃତ୍ୟୁ

**ଢାକା,୭।୨**

ହାଜତରେ ଥିବା ବାଂଲାଦେଶର ଅନ୍ୟତମ ଶୀର୍ଷ ହିନ୍ଦୁ ନେତା ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ସେନ୍ ଗୁରୁତର ଅସୁସ୍ଥ ହୋଇପଡ଼ିବା ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଖୁବ୍ ସାହାଯ୍ୟକାରୀ ଏବଂ ତାଙ୍କ ରାଜନୈତିକ ଜୀବନ ସ୍ୱଚ୍ଛ ଥିଲା। ଆୱାମୀ ଲିଗ୍‌ର ଏହି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କୁ ହାଜତରେ କରାଯାଇଥିବା ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଛି। ୮୫ ବର୍ଷୀୟ ସେନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାବେଳେ ଜଣେ ପୂର୍ବତନ ମନ୍ତ୍ରୀ ଭଳି ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିଲା ବୋଲି ଜଣାପଡ଼ିଛି। ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ଆୱାମୀ ଲିଗ୍ ନେତାମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇ ସେମାନଙ୍କୁ ବିଭିନ୍ନ ମାମଲାରେ ଜେଲରେ ରଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ସେନ୍‌ଙ୍କ ବିରୋଧରେ ହତ୍ୟା ସମେତ ୩ଟି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା।

# ସମୁଦ୍ର ମଧ୍ୟରେ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣ ର୍‍ୟାକେଟ୍ ଠାବ



**ନୂଆଦିଲ୍ଲୀ,୭।୨(ପି.ଟି.)**

ଭାରତୀୟ ତଟସୁରକ୍ଷା ବାହିନୀ ମୁମ୍ବାଇ ଉପକୂଳରୁ ପଶ୍ଚିମରେ ପ୍ରାୟ ୧୦୦ ନଟିକାଲ ମାଇଲ ଦୂର ସମୁଦ୍ର ମଝିରେ ଏକ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣକାରୀ ର୍‍ୟାକେଟ୍‌କୁ ଠାବ କରିଥିବା ଶନିବାର କହିଛି। ଏହି କାର୍ଯ୍ୟରେ ନିୟୋଜିତ କେତେକ ଜାହାଜକୁ ତଟସୁରକ୍ଷା ବାହିନୀ ଜବତ କରିଛି। ବିବାଦ ମଧ୍ୟରେ ଥିବା ଦେଶଗୁଡ଼ିକରୁ ପ୍ରଚୁର ପରିମାଣର ଶସ୍ତା ତୈଳ ଏବଂ ତୈଳଭିତ୍ତିକ ପଣ୍ୟ ଚୋରା ଚାଲାଣ କରିବା ପାଇଁ ଉକ୍ତ ଜାହାଜଗୁଡ଼ିକ ଏକ ପଦ୍ଧତି ବାହାର କରିଥିଲେ। ସମୁଦ୍ର ମଧ୍ୟରେ ଉକ୍ତ ତୈଳକୁ ସେମାନେ ମୋଟର ଟ୍ୟାଙ୍କରଗୁଡ଼ିକୁ ସ୍ଥାନାନ୍ତର କରି ଲାଭ ଉଠାଉଥିଲେ ବୋଲି ତଟସୁରକ୍ଷା ବାହିନୀ କହିଛି। ସମୁଦ୍ର ମଧ୍ୟଭାଗରେ ସେମାନଙ୍କର ଏହି ଦୁଃସାହସିକ ଅଭିଯାନକୁ ତଟସୁରକ୍ଷା ବାହିନୀ ଡିଜିଟାଲ ସର୍ଭିଲାନ୍ସ ବଳରେ ଧରିବାରେ ସଫଳ ହୋଇଛି। ଗତ ଗୁରୁବାର ୩ଟି ଜାହାଜକୁ ତଟସୁରକ୍ଷା ବାହିନୀ ପିଛା କରିବା ପରେ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରିବା ଓ ସେଥିରେ ଥିବା କର୍ମଚାରୀମାନଙ୍କୁ ଜେରା କରିବା ପରେ ତୈଳ ଚୋରାକାରବାର ସମ୍ପର୍କିତ ତଥ୍ୟ ମିଳିଥିଲା। ଉପକୂଳ ରାଜ୍ୟଗୁଡ଼ିକର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଉକ୍ତ ଜାହାଜଗୁଡ଼ିକ ବାରମ୍ବାର ପରିଚୟ ବଦଳାଉଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜାହାଜ ମାଲିକ ଅନ୍ୟ ଦେଶର ବୋଲି ଜଣାପଡ଼ିଛି।

# ରିତୁ ତାବ୍‌ଡେ ହୋଇପାରନ୍ତି ମୁମ୍ବାଇ ମେୟର

**ମୁମ୍ବାଇ,୭।୨**

ବିଏମ୍‌ସି ମେୟର ନିର୍ବାଚନ ଆସନ୍ତା ୧୧ରେ ହେବାକୁ ଯାଉଛି। ଭାଜପା ଏହାର ବରିଷ୍ଠ କର୍ପୋରେଟର ରିତୁ ତାବ୍‌ଡେଙ୍କୁ ମେୟର ପ୍ରାର୍ଥୀ କରିଛି। ବ୍ରିହନ




ମୁମ୍ବାଇ ମହାନଗର ନିଗମରେ ଭାଜପାର ଏକକ ସଂଖ୍ୟାଗରିଷ୍ଠତା ଥିବାରୁ ରିତୁ ବିଜୟ ହେବା ନିଶ୍ଚିତ ବୋଲି କୁହାଯାଉଛି। ରିତୁ ଏହା ପୂର୍ବରୁ କର୍ପୋରେଟର ରହିବା ସହିତ ଶିକ୍ଷା କମିଟିର ଅଧ୍ୟକ୍ଷା ରହିଥିଲେ। ତାଙ୍କର ଦୃଢ଼ ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତାକୁ ନେଇ ଦଳ ତାଙ୍କର ବିଜୟ ଆଶା ରଖିଛି। ସେପଟେ ସହଯୋଗୀ ଶିବସେନା ପକ୍ଷରୁ ସଞ୍ଜୟ ଶେଖର ଘଡିଙ୍କୁ ଡେପୁଟି ମେୟର ପ୍ରାର୍ଥୀ କରାଯାଇଛି। ୨୫ ବର୍ଷ ବିଏମ୍‌ସିକୁ ଦଖଲରେ ରଖିଥିବା ଶିବସେନା (ୟୁବିଟି) ପ୍ରଥମଥର ପାଇଁ କ୍ଷମତା ହରାଇଛି।

# ପିଓକେ, ଅକ୍ସାଇ ଚୀନ୍‌କୁ ଭାରତର ଦର୍ଶାଇଲା ଆମେରିକା

**ନୂଆଦିଲ୍ଲୀ,୭।୨**

ଆମେରିକା ସହ ଭାରତର ବାଣିଜ୍ୟ ବୁଝାମଣାକୁ ନେଇ ଉଭୟ ପକ୍ଷ ଉତ୍ସାହିତ ରହିଛନ୍ତି। ବିଶେଷକରି ଶିଳ୍ପଉଦ୍ୟୋଗୀ ଏବଂ ରପ୍ତାନିକାରୀମାନେ ଅତ୍ୟନ୍ତ ଆଶାବାଦୀ ହୋଇପଡ଼ିଛନ୍ତି। ଏହାମଧ୍ୟରେ ଆମେରିକା ଏବଂ ଭାରତ ପକ୍ଷରୁ ଶୁକ୍ରବାର ଏନେଇ ଏକ ଅନ୍ତରୀଣ ଫ୍ରେମ୍‌ୱାର୍କ ଘୋଷଣା କରାଯାଇଛି। କିନ୍ତୁ ଏହି ଫ୍ରେମ୍‌ୱାର୍କ ଘୋଷଣା ସମୟରେ ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ ଭାରତର ଯେଉଁ ମାନଚିତ୍ର ପ୍ରକାଶ କରାଯାଇଛି ତାହାକୁ ନେଇ ଚାଇନା ଏବଂ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି। ଭାରତ-ଆମେରିକା ବାଣିଜ୍ୟ ବୁଝାମଣାକୁ ନେଇ ଆମେରିକାର ଟ୍ରେଡ୍ ରିପ୍ରେଜେନ୍‌ଟେଟିଭସ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ଭାରତର ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସମେତ ସମ୍ପୂର୍ଣ୍ଣ ଜମ୍ମୁ କଶ୍ମୀରକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। ସେହିପରି ଅକ୍ସାଇ

## ପାକିସ୍ତାନ, ଚାଇନାକୁ ଧକ୍କା




ପାକିସ୍ତାନ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦୁଇ ଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦାବି କରିବା ସହିତ ଏହାକୁ ଫେରାଇ ଆଣିବାକୁ ପଡ଼ିବ ବୋଲି କହିଥିଲେ। କିନ୍ତୁ ଏହାର ୪୮ ଘଣ୍ଟା ପରେ ଆମେରିକା ଜାରି କରିଥିବା ମାନଚିତ୍ରକୁ ନେଇ ପାକିସ୍ତାନକୁ କୂଟନୈତିକ ସ୍ତରରେ ଉଚିତ ଜବାବ ମିଳିଯାଇଛି ବୋଲି

ଚୀନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିଲାବେଳେ ଏହାକୁ ମଧ୍ୟ ଉକ୍ତ ମାନଚିତ୍ରରେ ଭାରତର ଅଂଶ ଭାବେ ଦର୍ଶାଯାଇଛି। କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଏଥିରେ ସନ୍ଦେହ ନାହିଁ,ହେଲେ ପିଓକେ ସମେତ କଶ୍ମୀରକୁ ଆମେରିକା ସମ୍ପୂର୍ଣ୍ଣ ଭାରତର ଅଂଶ ଭାବେ ଦର୍ଶାଇବା

ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମାନଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଅକ୍ସାଇ ଚୀନ୍‌କୁ ସବୁବେଳେ ବିବାଦୀୟ କହି ଆସିଥିବା ଚାଇନାକୁ ମଧ୍ୟ ଆମେରିକା କୂଟନୈତିକ ସ୍ତରରେ ଉଚିତ ଜବାବ ଦେଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଇନ୍‌ଷ୍ଟାଗ୍ରାମ ରିଲ୍ କଲାବେଳେ ଭାରସାମ୍ୟ ହରାଇ ମହିଳାଙ୍କ ମୃତ୍ୟୁ

**କାନପୁର,୭।୨**

ଉତ୍ତରପ୍ରଦେଶର ବଣ୍ଡା ଜିଲା ଅନ୍ତର୍ଗତ ବବେରୁ ସହରର କରୁଇୟା ପୁର୍‌ୱାଠାରେ ଜଣେ ୨୭ ବର୍ଷୀୟା ମହିଳା ଇନ୍‌ଷ୍ଟାଗ୍ରାମ ରିଲ୍ ପ୍ରସ୍ତୁତ କରୁଥିବାବେଳେ ପ୍ରାଣ ହରାଇଛନ୍ତି। ଗୋଡ଼ ଖସିଯିବାରୁ ସେ ଲଗାଇଥିବା ଫାଶ ତାଙ୍କ ବେକରେ ଚାପି ହୋଇଯାଇଥିଲା। ମୋହିନୀ ନାମ୍ନୀ ଉକ୍ତ ମହିଳା ଶୁକ୍ରବାର ସନ୍ଧ୍ୟାରେ ମୋବାଇଲ ଫୋନ୍ ଯୋଗେ ଫାଶୀଦୃଶ୍ୟର ଶୁଟିଂ କରୁଥିଲେ। ସେ ସିଲିଂ ହୁକରୁ ଏକ ଫାଶ ଝୁଲାଇ ତାଙ୍କ ବେକରେ ଲଗାଇଥିଲେ। ଭାରସାମ୍ୟ ହରାଇବାରୁ ଷ୍ଟୁଲ୍‌ରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଫାଶୀ ଦୃଶ୍ୟ ବାସ୍ତବ ଫାଶୀରେ ପରିଣତ ହୋଇ ମୋହିନୀଙ୍କ ପ୍ରାଣ ଚାଲିଯାଇଥିଲା।

# ମାର୍ଚ୍ଚ ପୂର୍ବରୁ ବୋତୋସ୍ୱାନାରୁ ଆସିବେ ଚିତା

**ନୂଆଦିଲ୍ଲୀ,୭।୨(ପି.ଟି.)**

ବୋତୋସ୍ୱାନାରୁ ପ୍ରଥମ ପର୍ଯ୍ୟାୟରେ କେତେକ ଚିତାବାଘ ଚଳିତ ମାସ ଶେଷ ସୁଦ୍ଧା ଭାରତରେ ଆସି ପହଞ୍ଚିବେ ବୋଲି ଆଶା କରାଯାଉଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର କହିଛନ୍ତି। ସେଠାରୁ ୮ଟି ଚିତାବାଘ ଆଣିବା ପାଇଁ ଯୋଜନା ଚାଲିଛି। ବାଘ ସଂଖ୍ୟାରେ ପରିବର୍ତ୍ତନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରିତାର ଆକଳନ ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ୟାଘ୍ର ସଂରକ୍ଷଣକୁ ନେଇ ରହିଥିବା ଚ୍ୟାଲେଞ୍ଜଗୁଡ଼ିକ ଉପରେ ସମୀକ୍ଷା କରିବା ଲାଗି ୪ଟି କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବାକୁ ଯାଦବ କହିଛନ୍ତି। ରାଜସ୍ଥାନର ଅଲୱାରରେ ବାଘ ଥିବା



ରାଜ୍ୟଗୁଡ଼ିକର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ନିର୍ଦ୍ଦେଶକମାନଙ୍କ ୨ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ ପରିବେଶ ମନ୍ତ୍ରୀ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣରେ ଭାରତ ୫୦ ବର୍ଷ ପୂରଣ କରିଥିବାରୁ ବିସ୍ତୃତ ନୀତି ସମୀକ୍ଷାର ଏହା ଉପଯୁକ୍ତ ସମୟ। ଦେଶରେ ଲୁପ୍ତ ହୋଇଥିବା ବନ୍ୟପ୍ରାଣୀଗୁଡ଼ିକର ଅନ୍ତର୍ଜାତୀୟ ସ୍ଥାନାନ୍ତରଣରେ ଭାରତ ସଫଳତା ହାସଲ କରିଛି। ବିଦେଶରୁ ଅଣାଯାଇଥିବା ଚିତାବାଘଗୁଡ଼ିକ ଭାରତରେ ଜନ୍ମିତ ତୃତୀୟ ପିଢ଼ିରେ ପହଞ୍ଚିଥିବାବେଳେ ଫେବୃଆରୀ ଶେଷ ସୁଦ୍ଧା ଆଉ ଏକ ନୂଆ ବ୍ୟାଚ୍ ଚିତାବାଘ ବୋସ୍‌ୱାନାରୁ ଆସି ଭାରତରେ ପହଞ୍ଚିବା ଆଶା କରାଯାଉଛି ବୋଲି ଯାଦବ କହିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଭାରତ ପ୍ରୋଜେକ୍ଟ ଚିତା ଆରମ୍ଭ କରି ଆଫ୍ରିକୀୟ ଦେଶ ନାମିବ୍ୟାରୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୮ଟି ଚିତାବାଘ ଆଣିଥିଲା।



ଭୂମିକା ଚାୱଲା

# କାନ୍ଦିଲେ ଭୂମିକା

**ମୁମ୍ବାଇ**


ବଲିଉଡ୍ ଅଭିନେତ୍ରୀ ଭୂମିକା ଚାୱଲା। ଏବେ ସେ ଫିଲ୍ମରେ କମ୍ ସକ୍ରିୟ ଥିଲେ ବି ପ୍ରାୟତଃ ଚର୍ଚ୍ଚାରେ ଅଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ତେରେ ନାମ୍'ରେ ନିର୍ଜରା ଭୂମିକା ପାଇଁ ଏବେ ବି ଚର୍ଚ୍ଚିତ। ନିକଟରେ ଭୂମିକା ଏକ କାର୍ଯ୍ୟକ୍ରମର ମଞ୍ଚ ଉପରେ କାନ୍ଦୁଥିବାର ଦେଖାଯାଇଥିଲା। ଭୂମିକା ଫିଲ୍ମ 'ୟୁଫୋରିଆ'ରେ ନଜର ଆସିବେ। ଏଥିରେ ରଣବୀର ସିଂଙ୍କ ବ୍ଲକ୍‌ବଷ୍ଟର 'ଧୁରନ୍ଧର'ର ନାୟିକା ସାରା ଅର୍ଜୁନ ମଧ୍ୟ ଅଛନ୍ତି। ଏହି ଫିଲ୍ମର କାହାଣୀ ହାଇଦ୍ରାବାଦ୍‌ରେ ସଂଘଟିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ହାଇଦ୍ରାବାଦ୍‌ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଭୂମିକା 'ୟୁଫୋରିଆ' ସହିତ ତାଙ୍କ ଅଭିଜ୍ଞତା ବାଣ୍ଟି କାନ୍ଦି ପକାଇଥିଲେ। ଫିଲ୍ମର କାହାଣୀ ଶୁଣି ସାରାରାତି ଶୋଇ ପାରି ନ ଥିବା ସେ କହିଛନ୍ତି। ଗୁଣଶେଖରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ନିଶା ନିବାରଣ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଯୌନ ଶୋଷଣର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। କାହାଣୀଟି ୨୦୨୨ରେ ଜୁବିଲି ହିଲ୍ସରେ ଘଟିଥିବା ଏକ ଘଟଣା ଉପରେ ଆଧାରିତ। ଏଠାରେ ଏକ ପ୍ରଭାବଶାଳୀ ପରିବାରର ପାଞ୍ଚଜଣ ନାବାଳକ ଜଣେ ୧୭ ବର୍ଷୀୟା ଝିଅକୁ ଯୌନ ନିର୍ଯାତନା ଦେଇଥିଲେ।





# ସମୃଦ୍ଧିର ପ୍ରୟୋଗଶାଳା ହେବ ବିସିପିପିଇଆର୍

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଏକ ଅର୍ଥନୈତିକ ଯୋଜନା (ଇକୋନୋମିକ ପ୍ଲାନ୍)ର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ପରିକଳ୍ପନା ଅନୁଯାୟୀ ଏହି ଅଞ୍ଚଳଗୁଡ଼ିକରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଯୋଜନା କରାଯାଇଛି। ଏହାସହ ୩୦ରୁ ଅଧିକ ପଲିସି ଇନିସିଏଟିଭ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**




ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଉଦ୍ଦିଷ୍ଟ ଇକୋନୋମିକ ପ୍ଲାନ୍‌କୁ ଉନ୍ମୋଚନ କରାଯାଉଛି। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର,୭।୨(ସୁମିତ୍ ମିଶ୍ର)

ବିସିପିପିଇଆର୍ ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଥିଲେ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉକ୍ତ ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଏବଂ ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବ୍ୟବସାୟିକ ପରମ୍ପରାରେ କଟକ, ସଂସ୍କୃତି ଗରିମାରେ ପୁରୀ ଏବଂ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ ରହିଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୬-୨୭ ବଜେଟରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନ ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର୍ ରିଜିଅନ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି।

## ୮୦ରୁ ଅଧିକ ପ୍ରକଳ୍ପ, ୩୦ରୁ ଊର୍ଦ୍ଧ୍ୱ ପଲିସି ଇନିସିଏଟିଭ ନିଆଯିବ

ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତି ଅନୁଯାୟୀ ୧୯% ରହିଛି। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଉକ୍ତ ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗକୁ ରାଜ୍ୟର ଅନ୍ୟ ସହରଗୁଡ଼ିକ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ।

ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା କହିଛନ୍ତି, ବିସିପିପିଇଆର୍ ପ୍ରୋଜେକ୍ଟ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ। ଏହି ରିଜିଅନର ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କ ମଧ୍ୟ ଅଭିବୃଦ୍ଧି ହେବ। ଉକ୍ତ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ କହିଛନ୍ତି, ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ☞ପୃଷ୍ଠା-୪

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଏମ୍‌ବିଏ ବିଭାଗର ଗବେଷଣାରତ ଜଣେ ପିଏଚ୍.ଡି. ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ତାଙ୍କ ଗାଇଡ୍ ସହକାରୀ ପ୍ରଫେସର ଡ. ସରୋଜ ସାହୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଏହି ଘଟଣାର ତଦନ୍ତକରି ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଆଧାରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ଉକ୍ତ ନିଲମ୍ବନ ଆଦେଶ ଅନୁସାରେ ଡ. ସାହୁଙ୍କୁ ଶୈକ୍ଷିକ ଓ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ବା ସ୍ନାତକୋତ୍ତର ବିଭାଗର କୌଣସି ବିଭାଗକୁ ପ୍ରବେଶ ବା କୌଣସି ପ୍ରଶାସନିକ ବୈଠକରେ ଯୋଗ ଦେବାକୁ ବାରଣ କରାଯାଇଛି। ଏପରିକି ବିନା ଅନୁମତିରେ କେନ୍ଦ୍ରୀୟ ପାଠାଗାରକୁ ମଧ୍ୟ ଯାଇପାରିବେ ନାହିଁ। ସେହିପରି ☞ପୃଷ୍ଠା-୪

# ଉତ୍ତର ଓଡ଼ିଶାରେ ୫ ଡିଗ୍ରୀ କମିଲା ତାପମାତ୍ରା

ଭୁବନେଶ୍ୱର,୭।୨(ବନ୍ଦନା ସେଠୀ)

ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିଛି। ରାତି ତାପମାତ୍ରା ହଠାତ୍ ୪ରୁ ୫ ଡିଗ୍ରୀ କମିଯିବାରୁ ଶୀତ ଅନୁଭୂତ ହୋଇଛି। ରାତିରେ ଥଣ୍ଡା ବଢ଼ିଥିଲେ ମଧ୍ୟ ଦିନରେ ଖରାତାତି ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ତେବେ ଅନ୍ୟ କୌଣସି ଅଞ୍ଚଳରେ ସେପରି କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଅପରପକ୍ଷେ ବିଭିନ୍ନ ଜିଲାରେ କୁହୁଡ଼ି ପରିଲକ୍ଷିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ରବିବାର ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି। ସୋମବାର ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର ଏବଂ ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ପୁରୀ ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ନେଇ ପୂର୍ବାନୁମାନ କରାଯାଇଛି।

# ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

କ. ନୂଆଗାଁ,୭।୨(କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ବୁଢ଼ାବାଲିଠାରେ ଶନିବାର ଏକ ବୋଲେରୋ ପିକଅପ୍ ଭ୍ୟାନ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ପ୍ରଶାନ୍ତ ପାତ୍ର ହୋଇଥିବା ବେଳେ ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡ଼ିଛି, ବୋଲେରୋ ପିକ୍‌ଅପ୍ ଭ୍ୟାନ (ଓଡି ୦୭ଏ-୫୩୧୬)ଟି ବାଲିଗୁଡାରୁ ସାରଙ୍ଗଡ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ☞ପୃଷ୍ଠା-୪

# ଛାତ୍ରାବାସରୁ ଛାତ୍ର ନିଖୋଜ

ଦାରିଙ୍ଗବାଡ଼ି,୭।୨(ଅରୁଣ ସାହୁ)

## ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଦ୍ୟାଳୟ

### ସୁଦୃକୁମ୍ପା ଅଞ୍ଚଳରୁ ଆସି ଛାତ୍ରାବାସରେ ରହି ପଢୁଥିଲେ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଏବଂ ପଛୁଆବର୍ଗ କଲ୍ୟାଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ନାମ କିଷାନ ବେହେରା(୧୪)। କିଷାନଙ୍କ ଘର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦୃକୁମ୍ପା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ଛାତ୍ରଙ୍କ ସମ୍ପର୍କରେ କିଛି ସୁରାକ ନ ପାଇବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ମଧ୍ୟରେ ଏହି ବିଦ୍ୟାଳୟରେ ୨ ଥର ଅଘଟଣ ଘଟିବା ସାଧାରଣରେ ଗଭୀର ଆଲୋଡନ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

ଖବରରୁ ଜଣାପଡ଼ିଛି, ସୁଦୃକୁମ୍ପା ଅଞ୍ଚଳର ଅର୍ଜୁନ ବେହେରାଙ୍କ ପୁଅ କିଷାନ ଦାରିଙ୍ଗବାଡ଼ିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଯାଇଥିଲେ। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଷାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। କାଳେ ସେ ଗାଁକୁ ଚାଲିଯାଇଥିବେ ଚିନ୍ତାକରି ପ୍ରଧାନଶିକ୍ଷକ ଉମାଶଙ୍କର ସାମନ୍ତରାୟ କିଷାନଙ୍କ ମା'ବାପାଙ୍କୁ ପଚାରିଥିଲେ। ମାତ୍ର ସେ ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ପ୍ରଧାନଶିକ୍ଷକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ) ଥାଇ ସୁଦ୍ଧା ଗୋଟିଏ ମାସ ମଧ୍ୟରେ ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ମାଓବାଦୀ ମୁକ୍ତ ହେବ ରାୟଗଡ଼ା: ଏଡିଜି

ରାୟଗଡ଼ା,୭।୨(ଆଶିଷ ରଞ୍ଜନ ପଣ୍ଡା)

## ରାୟଗଡ଼ାରେ ଆତ୍ମସମର୍ପଣ ସମାରୋହ

### ପୋଲିସକୁ ୧୪ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେଲେ ମାଓବାଦୀ



ରାୟଗଡ଼ା ପୋଲିସ ପାଖରେ ଶୁକ୍ରବାର ବାଶଧାରା-ଘୁମୁସର-ନାଗାବଳୀ(ବାଘୁନା) ଡିଭିଜନର ମାଓବାଦୀ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ ଜଣ ଆତ୍ମସମର୍ପଣ କରିଥିଲେ। ଏହାପରେ ଶନିବାର ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆତ୍ମସମର୍ପଣ ସମାରୋହ କରାଯାଇଛି। ରାୟଗଡ଼ା ଜିଲା ମାଓବାଦୀ ମୁକ୍ତ ଜିଲା ହେବ ବୋଲି ଏଡିଜି ସଞ୍ଜୀବ ପଣ୍ଡା ସେଠାରେ ଯୋଗଦେଇ କହିଛନ୍ତି। ସେଠାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଏଡିଜି (ଆଣ୍ଟି ନକ୍ସଲ ଅପରେସନ) ସଞ୍ଜୀବ ପଣ୍ଡା, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଆଇଜି ଅପରେସନ ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣ – ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ, ରାୟଗଡ଼ା ଏସପି ସ୍ୱାଥି ଏସ୍.କୁମାର, କନ୍ଧମାଳ ଏସ୍‌ପି ହରିଶ ବିଶି, କଳାହାଣ୍ଡି ଏସ୍‌ପି ନାଗରାଜୁ ଡି ଓ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀମାନେ ପୋଲିସ ନିକଟରେ ନିଜର ଅସ୍ତ୍ରଶସ୍ତ୍ର ତ୍ୟାଗ କରିଥିଲେ। ୨ଟି ଏକେ ୪୭, ଏସ୍‌ଏଲ୍‌ଆର ୫ଟି, ଗୋଟିଏ ଲେଖାଏ ଷ୍ଟାଣ୍ଡଗନ, ଇନସାସ, ୩୦୩ ରାଇଫଲ ଏବଂ ସିଙ୍ଗଲ ସଟ ଗନ୍ ୪ଟି ପୋଲିସକୁ ହସ୍ତାନ୍ତର କରିଥିଲେ। ଦିନକୁ ଦିନ ମାଓବାଦୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଜୋରଦାର ହେବା ପରେ ଏକ ବଡ ମାଓବାଦୀ ଗୋଷ୍ଠୀ ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ ☞ପୃଷ୍ଠା-୪




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁଧା ସର୍ଜନା ମହାମହୋତ୍ସବ, ସ୍ଥାନ: ବାଲିଯାତ୍ରା ପଡ଼ିଆ(ଜରିପାଟଣା, ବରିମୁଣ୍ଡ), ସମୟ: ପ୍ରାତଃ ୫ଟାରୁ ରାତ୍ର ୯ଟା।
- ବିଶ୍ୱ ଭାରତୀ ପ୍ରାକ୍ତନୀ- ଆଲୁମିନି ଆସୋସିଏଶନ୍ ଅଫ୍ ବିଶ୍ୱ ଭାରତୀ ପକ୍ଷରୁ ୮ମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ଅଧିବେଶନ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍ ୯, ସମୟ: ସନ୍ଧ୍ୟା ୫ଟା ୩୦।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ୨୦୨୬ର ଉଦଘାଟନୀ ସମାରୋହ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ବିଜେଡି କଟକ ପକ୍ଷରୁ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଦାବି କରି ପ୍ରତିବାଦ, ସ୍ଥାନ: ବାରବାଟୀ ଷ୍ଟାଡ଼ିୟମ୍, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମୋସନ ପିକ୍‌ଚର ଟେକ୍ନିସିଆନ୍ସ ଆଣ୍ଡ ୱାର୍କସ୍ ଆସୋସିଏସନ୍‌ର ୩୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁଇଦିନିଆ ବାର୍ଷିକ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୩ଟା।
- ଗୋପିନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟ ପୂଜା ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ତୃତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାଡ଼ିମଙ୍ଗଳା ସାହିତ୍ୟ ସଂସଦର ବସନ୍ତ ମହୋତ୍ସବ, ସ୍ଥାନ: ମା' ଜାଡ଼ିମଙ୍ଗଳା ପୀଠ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।

ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବରି ସରକାରୀ ଉଚ୍ଚ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳ ସୁନ୍ଦରଜୀଉ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡିଆ, ଖଇରା, ସମୟ: ଅପରାହ୍ନ ୫ଟା।
- ବାରିଙ୍ଗିଆ ମହୋତ୍ସବର ଉଦ୍‌ଘାଟନୀ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କଳାକାର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦୋଦରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଆର୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁ ମିଳନ ଓ ଗୁରୁ ପୂଜନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଏ ବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ଶକୁନ୍ତଳା ଲେଙ୍କା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ମଞ୍ଜୁରୀରୋଡ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶିବରାତ୍ରି ପାଇଁ ଦାୟିତ୍ୱ ବଣ୍ଟନ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମ ଗାଁ ଗୁରୁଜନ ପୂଜନ ଉତ୍ସବ, ସ୍ଥାନ: ଡିହିରାକୁଳ ଗ୍ରାମ ଦୋଳ ମଣ୍ଡପ ପଡ଼ିଆ, ଉଦଳା, ସମୟ: ସକାଳ ୮ଟା ୩୦।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଅଷ୍ଟଶମ୍ଭୁ ଶିବ ମନ୍ଦିର ପରିସର, ଉଦଳା ଏନ୍‌ଏସି, ସମୟ: ସକାଳ ୮ଟା ୩୦।
- ବିଶାଳ ହିନ୍ଦୁ ସମ୍ମିଳନୀ , ସ୍ଥାନ: ବାବା ଭୂତେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାସଗୋବିନ୍ଦପୁର, ସମୟ: ସକାଳ ୮ ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ତ୍ରିରଙ୍ଗା ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବଜାର ସାହି, ଗାନ୍ଧୀ ଛକ, ଦିଗପହଣ୍ଡ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ : ଯାତ୍ରା ପଡିଆ, ଦଣ୍ଡପଦର, ବାଲିଗୁଡା, ସମୟ : ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଅନୁଗୋଳ

- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା ଗଣଦୌଡ଼ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୬ଟା।
- ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସଚେତନତା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ହରିଡ଼ାନାଳୀ, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସ୍ମୃତିପୀଠ ଲୋକାର୍ପଣ, ସ୍ଥାନ: କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ରମୋହନ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି, ସ୍ଥାନ: କଣିହାଁ ବ୍ଲକ ପବିତ୍ର ମୋହନ ହାଇସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ବ୍ଲକସ୍ତରୀୟ ସମ୍ମିଳିତ ମହାମହୋତ୍ସବ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ ଖେଳପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ଜଗନ୍ନାଥ ଚାରିଟି ଫାଉଣ୍ଡେସନର ରକ୍ତଦାନ ଶିବିର, ସ୍ଥାନ: ଆରିପହା ହାଇସ୍କୁଲ, ବସପୁର, ଡେରାବିଶ, ସମୟ: ସକାଳ ୮ଟା।
- ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମହାପୁରୁଷ ପ୍ରାଙ୍ଗଣ, ତାଳସଙ୍ଗା, ମାର୍ଶାଘାଇ, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଅନନ୍ତ ବଳିଆ ଆଶ୍ରମ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ତୀର୍ଥ ପକ୍ଷରୁ କବି ଅମରପ୍ରସାଦ ରାଉତଙ୍କ କବିତା ସଙ୍କଳନ ଉନ୍ମୋଚନ ଉତ୍ସବ, ସ୍ଥାନ: ମା' ମଙ୍ଗଳା ପଡିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ପକ୍ଷରୁ ବିଶାଳ ସାଧାରଣ ସଭା, ସ୍ଥାନ: ବ୍ରାହ୍ମଣୀ କଲେଜ ପଡିଆ, ଦାଣ୍ଡିସାହି, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା'ତାରିଣୀଙ୍କ ଷଷ୍ଠ ବାର୍ଷିକ ଯଜ୍ଞ, ସ୍ଥାନ: ମା' ତାରିଣୀ ପୀଠ, ଜିଏସାହି, ବାଲିବିଲ ବରୀ, ସମୟ: ସକାଳ ୮ଟା।
- ଡାକ୍ତର ସୁରେଖା ଓଝାଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା, ସ୍ଥାନ: ବରୀ-ବାଗଦା, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ସହ ଦଶରଥଙ୍କ ସ୍ୱର୍ଗବାସ, ଭରତଙ୍କ ଚିତ୍ରକୁଟ ଯାତ୍ରା ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବର ପ୍ରଥମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ:ସକାଳ ୭ଟାରୁ ରାତ୍ର ୯ଟା ।
- କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଯୁକ୍ତ ୨ ଓ ୩ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୧୯୯୩ରୁ ୧୯୯୮ ବର୍ଷର ପୁରାତନ ଛାତ୍ରୀଛାତ୍ରଙ୍କ ଅଭିନନ୍ଦନ ଅବସରରେ ବନ୍ଧୁମିଳନ, ସ୍ଥାନ:ଭାପୁର ବ୍ଲକ ପଥର ଚକଡା ନାରାୟଣୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ନାଟ୍ୟଧାରା ପକ୍ଷରୁ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ସାଗର ପୁଷ୍କରିଣୀ ପାଖ ବୁଦ୍ଧ ମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା ।
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନର ଉଦ୍‌ଯାପନୀ ଦିବସ, ସ୍ଥାନ:ଦଶପଲ୍ଲା ସାତପାଟଣା ଛକ ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତ୍ର ୯ଟା ।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବ ଉଦ୍‌ଘାଟନ ପର୍ବ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜଳନିଧି, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜେକେପୁର ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ସାରସ୍ୱତ ସମାବେଶ ଏବଂ କବିତା ପାଠୋତ୍ସବ, ସ୍ଥାନ: ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ମିନି ମାରାଥନ ଦୌଡ଼, ସ୍ଥାନ: ଉମରକୋଟ ଅଧିକାରୀଗୁଡ଼ାରୁ ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।
- ସତ୍‌ସଙ୍ଗ ବିହାର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଁ ଶାନ୍ତି ଇଶ୍ୱରିୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଥି ସାମାଜିକ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- ୨୪ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି, ସମୟ : ପୂର୍ବାହ୍ନ ୧୦ଟା।
- ବଡ଼ମାଲ ଲୋକ ମହୋତ୍ସବ ଦହନା ପାଇଁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ରେଢାଖୋଲ ବ୍ଲକ ଅନ୍ତର୍ଗତ ବଡ଼ମାଲ, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହେବେ। ଏକାଦଶସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରି ନେଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବ।

**ବୃଷ** ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଆପଣଙ୍କ ସହଯାତ୍ରୀ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନରେ ସମସ୍ୟା ଦୂର ହେବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ମିଥୁନ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ଅସୁବିଧା ହେତୁକ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ମକଦ୍ଦମାରେ ବିଚାର ବିଳମ୍ବିତ ହେଉଥିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା ହେତୁ କରଜ କରିବାକୁ ପଡ଼ିବ।

**କର୍କଟ** ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶକୁ ପାଥେୟ କରି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସହକର୍ମୀଙ୍କ ସହିତ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହେଲେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ ।

**ତୁଳା** ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବାରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ମନ ମୁତାବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ବିଶୃଙ୍ଖଳିତ କରିବ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ସହକର୍ମୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜି ପ୍ରତିଯୋଗିତାରେ ସଫଳତା ପାଇବା ସହଜସାଧ୍ୟ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଅଗ୍ରଗତି ଘଟିବ ।

**ମକର** ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି । ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଲାଭ ଯୋଗୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ** ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଅସୁବିଧା ହେବ ନାହିଁ । ବ୍ୟବସାୟିକ ବୁଦ୍ଧି ପ୍ରଭାବରେ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସମ୍ଭାବନା ରହିଛି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଫେବୃୟାରୀ ୮ ତାରିଖ, ବିଶ୍ୱ ବିବାହ ଦିବସ, ଫାଲ୍‌ଗୁନ କୃଷ୍ଣ ସପ୍ତମୀ ରବିବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୪ ଗତେ ଘ.୦୫।୩୮ ମଧ୍ୟେ ରାହୁକାଳ।

## ଅବଶିଷ୍ଟାଂଶ

### ସମ୍ବଲପୁର ବିଶ୍ୱବିଦ୍ୟାଳୟ...

କର୍ତ୍ତୃପକ୍ଷଙ୍କ କୌଣସି ପ୍ରାକ୍ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ଅନ୍ୟତ୍ର ଯାଇପାରିବେ ନାହିଁ। ତେବେ ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କୁ ଛୁଟି ଦରମା ହାରରେ ବେତନ ଦିଆଯିବ। ମାତ୍ର ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ଜଡ଼ିତ ହୋଇପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ନ ଥିବା ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏଥିପୂର୍ବରୁ ବିଶ୍ୱବିଦ୍ୟାଳୟର ଜଣେ ମହିଳା ସହକାରୀ ପ୍ରଫେସରଙ୍କୁ ଦୀର୍ଘବର୍ଷ ଧରି ମାନସିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗରେ ୨୦୨୩ ଅଗଷ୍ଟ ୨୭ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଜତ କୁଜୁର ନିଲମ୍ବିତ ହୋଇଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲି ଗଲି,**
**ଯାହା ଦେଖିଥିଲି ତାହା କହିଲି ।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବାଣି କାଟଇ ଝୋଟ,**
**ଠାଏ ସରୁ ଠାଏ ମୋଟ ।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଭାରତ-ଆମେରିକା ....

ସଂଘ (ଇୟୁ) ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ପରେ ଏକ ବଡ଼ ସୁଯୋଗ ହାତଛଡ଼ା ହେଉଥିବା ଦେଖି ଟ୍ରମ୍ପ ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) କରିବାକୁ ଫେବୃଆରୀ ୨ରେ ଘୋଷଣା କରିଥିଲେ। ତେବେ ଉକ୍ତ ଟ୍ରେଡ୍ ଡିଲ୍‌ର ରୂପରେଖ ଚୂଡ଼ାନ୍ତ ହୋଇ ନ ଥିବାରୁ ଭାରତରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସଂସଦ ଭିତରେ ଓ ବାହାରେ ସମାଲୋଚନା କରିଆସିଥିଲେ। ତେବେ ଉଭୟ ଭାରତ ଓ ଆମେରିକା ପକ୍ଷରୁ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଥିବାବେଳେ ଶନିବାର ଆନୁଷ୍ଠାନିକ ଭାବେ ଏନେଇ ଏହାର ରୂପରେଖ ପ୍ରକାଶ କରାଯାଇଛି। ତଦନୁଯାୟୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ଐତିହାସିକ ଡିଲ୍ ସମ୍ପନ୍ନ ହେଲେ ଉଭୟ ଦେଶ ଲାଭାନ୍ୱିତ ହେବେ ଏବଂ ପୁଞ୍ଜିନିବେଶ ବଢ଼ିବା ଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି।

ଆମେରିକା ହେଉଛି ଭାରତର ଅନ୍ୟତମ ବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪-୨୫ରେ ଦୁଇଦେଶ ମଧ୍ୟରେ ୧୯୦ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର କାରବାର ହୋଇଥିଲା। ତେବେ ଟ୍ରମ୍ପ ୫୦% ଟାରିଫ୍ କଷିବା ପରଠୁ ନୂଆଦିଲ୍ଲୀ-ୱାଶିଂଟନ୍ ଉତ୍ତେଜନା ବୃଦ୍ଧିପାଇ ଚାଲିଥିଲା। ଋଷିଆଠାରୁ ଭାରତ ଅଶୋଧିତ ତୈଳ ବହୁମାତ୍ରାରେ କିଣିବା ହ୍ରାସ କରିଦେଇଥିବା ଦର୍ଶାଇ ଟ୍ରମ୍ପ ନିଜ ପ୍ରଶାସନକୁ ଟ୍ରେଡ୍ ଡିଲ୍‌ର ସର୍ତ୍ତ ଓ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନବପ୍ରସ୍ତୁତ ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ଅନୁସାରେ ଉଭୟ ଭାରତ ଓ ଆମେରିକା ପରସ୍ପରର ସାମଗ୍ରୀ ଓ ସେବା ଉପରୁ ଆମଦାନୀ ଟିକସ ହ୍ରାସ କରିବେ। ଡିଜିଟାଲ ଟ୍ରେଡ୍, ନିୟାମକ ସହଭାଗିତା ଓ ଯୋଗାଣ ଶୃଙ୍ଖଳ ନମନୀୟତା ମଧ୍ୟ ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଡିଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଆମେରିକା ଏଣିକି ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ପରିବର୍ତ୍ତେ ୧୮% ଟିକସ କଷିବ। ଏହାସହ ଋଷୀୟ ତୈଳ କ୍ରୟ ବାବଦକୁ ଲଗାଯାଉଥିବା ୨୫% ଦଣ୍ଡାତ୍ମକ ଟିକସ ମଧ୍ୟ ହଟାଇବ। ଦେଖିବାକୁ ଗଲେ ମୋଟ ୫୦%ରୁ ଟିକସ ୧୮%କୁ ଖସିଛି। କେବଳ ଏତିକି ନୁହେଁ, ଆମେରିକା ଭାରତରୁ ଆମଦାନୀ କରୁଥିବା ଜେନେରିକ୍ ମେଡିସିନ୍, ମୁକ୍ତା, ହୀରା ଓ ଏୟାରକ୍ରାଫ୍ଟ ଯନ୍ତ୍ରାଂଶ ସମେତ ଆଉ କେତେକ ସେକ୍ଟର ଉପରେ ଆଦୌ ଟିକସ ଲଗାଇବ ନାହିଁ। ଏହା ବଦଳରେ ଭାରତ ଆମେରିକାଠାରୁ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷିଜାତ ସାମଗ୍ରୀ ଉପରେ ଟିକସ ହ୍ରାସ କରିବ। ଆସନ୍ତା ୫ ବର୍ଷରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ଏୟାରକ୍ରାଫ୍ଟ ପାର୍ଟ୍ସ, ଟେକ୍ନୋଲୋଜି ଗୁଡ୍ସ, କୋଇଲା ଆଦି କିଣିବାକୁ ସହମତି ପ୍ରକାଶ କରିଛି। ସେହିପରି ୮୦୦-୧,୬୦୦ ସିସି ଏବଂ ତଦୂର୍ଦ୍ଧ୍ୱ କାପାସିଟି ଇଞ୍ଜିନ୍ ବିଶିଷ୍ଟ ଆମେରିକୀୟ ବାଇକ୍‌ଗୁଡ଼ିକ ପାଇଁ ଭାରତ ଆଦୌ ଟିକସ ଲଗାଇବ ନାହିଁ। ଆମେରିକୀୟ ବ୍ରାଣ୍ଡ ହାର୍ଲେ-ଡାଭିଡ୍‌ସନ୍‌କୁ ଏଥିରୁ ସର୍ବାଧିକ ଲାଭ ପାଇବ।

ଅନ୍ତରୀଣ ଚୁକ୍ତି ଅନୁସାରେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ୩୦ ଟ୍ରିଲିୟନ୍ ଡଲାରର ଏକ ବଜାର ଉନ୍ମୁକ୍ତ ହେବାକୁ ଯାଉଛି। ବିଶେଷକରି ଏମ୍‌ଏସ୍‌ଏମ୍‌ଇ, କୃଷକ, ମତ୍ସ୍ୟଜୀବୀମାନେ ଏଥିରୁ ଲାଭବାନ୍ ହେବେ ବୋଲି କୁହାଯାଉଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଆମେରିକାକୁ ମାଛ, ଚିଙ୍ଗୁଡ଼ି ଓ ଅନ୍ୟ ଉପକରଣ ରପ୍ତାନି ବୃଦ୍ଧି ପାଇବା ନେଇ ଆଶା କରାଯାଉଛି। ଏହି ଦୃଷ୍ଟିରୁ ନୂଆଦିଲ୍ଲୀ ଏହାକୁ ବିଶ୍ୱର ୨ ବୃହତ୍ ଗଣତନ୍ତ୍ର ମଧ୍ୟରେ ଐତିହାସିକ ଡିଲ୍ ରୂପେ ଅଭିହିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅନ୍ତରୀଣ ଟ୍ରେଡ୍ ଏଗ୍ରିମେଣ୍ଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ'କୁ ବଳ ଦେବା ସହ କୃଷକ, ଉଦ୍ୟୋକ୍ତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ମହିଳା ଓ ଯୁବପିଢ଼ିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ତିଆରି ହେବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ଆମେରିକା ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍‌ଟିଆର୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଟ୍ରମ୍ପ ଆମେରିକୀୟ କୃଷକ ଓ ନିର୍ମାତାମାନଙ୍କ ପାଇଁ ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତିକୁ ବାଟ ଖୋଲିଦେଇଛନ୍ତି। ଭାରତୀୟ ବଜାରରେ ଆମେରିକୀୟ ସାମଗ୍ରୀଗୁଡ଼ିକୁ ପ୍ରବେଶ ପାଇଁ ପଥ ସୁଗମ ହେବ ବୋଲି ୟୁଏସ୍‌ଟିଆର୍ ଆମ୍ବାସାଡର ଜାମିସନ୍ ଗ୍ରିର୍ କହିଛନ୍ତି।

### ଟ୍ରକ୍ ଧକ୍କାରେ ୨ ବାଇକ୍ ...

ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଜ୍ୟୋତିଷଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟେ କ୍ଷତିପୂରଣ ନିମନ୍ତେ ଗାଡ଼ି ମାଲିକଙ୍କୁ ଡାକିବା ନେଇ ଲୋକ ଜିଦ୍ ଧରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

### ଖୁବ୍‌ଶୀଘ୍ର ମାଓବାଦୀ...

କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି ବୋଲି ଏଡିଜି ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟ ମାଓବାଦୀମାନେ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ସ୍ରୋତରେ ସାମିଲ ହେବା ପରେ ଆତ୍ମସମର୍ପଣକାରୀ ସମସ୍ତଙ୍କୁ ସରକାରୀ ସୁବିଧା ମିଳିବ ବୋଲି ଜିଲାପାଳ କୁଲକର୍ଣ୍ଣି କହିଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ଜିଲାରେ ବାଘୁନା ଡିଭିଜନର ମୋଟ ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେଥି ମଧ୍ୟରେ ୨ ଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ୍ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଇନ୍ଦୁ ଓରଫ୍ ଅଙ୍କିତା ଓରଫ୍ ରଶ୍ମିତା ଲେଙ୍କା (କଟକ) ସବୁଠାରୁ ବଡ ମୁଣ୍ଡ ଅଛନ୍ତି। ନିଖିଲ ୨ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି,କନ୍ଧମାଳ ଓ ଗଞ୍ଜାମ ଜିଲାରେ ସକ୍ରିୟ ଥିଲେ। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ଥିଲା। ଅନ୍ୟମାନଙ୍କ ନାମରେ ମଧ୍ୟ ପୁରସ୍କାର ରାଶି ପୋଲିସ ଘୋଷଣା କରିଥିଲା। ଆତ୍ମସମର୍ପଣ କରିଥିବା ଅନ୍ୟ କ୍ୟାଡର ମାଓବାଦୀ ହେଲେ ଡିସିଏମ୍ ବିକାଶ, ଏସିଏମ୍ ସୁନ୍ଦର, ଏସିଏମ୍ ପ୍ରଦୀପ, ଏସିଏମ୍ ରୋଷନୀ, ଏସିଏମ୍ ଅରୁଣା, ଏସିଏମ୍ ନାନ୍ଦେ, ପିଏମ୍ ନିକିତା, ପିଏମ୍ ନିକିତା, ପିଏମ୍ କୁମାରୀ, ପିଏମ୍ ଦୀପକ, ପିଏମ୍ ରାକେଶ, ପିଏମ୍ ଲଳିତ, ପିଏମ୍ ରାଜେ ଓ ପିଏମ୍ ମାଳତୀ। ଏହି ଆତ୍ମସମର୍ପଣ ସମାରୋହରେ ସିଆରପିଏଫ ଚତୁର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁର, ଏସଆଇଡବ୍ଲ୍ୟୁ ଡିଏସ୍‌ପି ସୁରେଶ ବଳ ଓ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଛାତ୍ରାବାସରୁ ଛାତ୍ର...

୨ଥର ଅଘଟଣ ଘଟିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଲେ ଯେଉଁ ଛାତ୍ର ଏବେ ନିଖୋଜ ରହିଛନ୍ତି ସେ ପୂର୍ବରୁ ମଧ୍ୟ ହଷ୍ଟେଲ ଛାଡ଼ି ପଳାଇଥିବା ନଜିର ରହିଛି। ଏବେ ଆମେ ସମ୍ପୃକ୍ତ ଛାତ୍ରଙ୍କୁ ଖୋଜୁଛୁ, ଶୀଘ୍ର ସେ ମିଳିଯିବେ ବୋଲି ଆଶା ରଖିଛୁ। ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ତାଙ୍କ ଦୃଷ୍ଟିଆକର୍ଷଣ କରିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଧାନଶିକ୍ଷକ ସାମନ୍ତରାଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ମିଶ୍ର କହିଛନ୍ତି।

### ସମୃଦ୍ଧିର ପ୍ରୟୋଗଶାଳା...

ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମୁମ୍ବାଇ, ସୁରଟ, ବିଶାଖାପାଟଣା, ବାରାଣସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା ବୋଲିସେ କହିଛନ୍ତି। ଏହିଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତଙ୍କୁ ସ୍ୱାଗତକରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଅର୍ପଣ କରିଛନ୍ତି।

### ବୋଲେରୋ ପିକ୍‌ଅପ୍...

ଫୁଲବାଣୀରୁ ବୁଢାବାଲି ଅଭିମୁଖେ ଆସୁଥିବା ବାଇକ୍ (ଓଡ଼୦୭ପି-୦୪୯୯) ସହ ନୂଆଗାଁର ବୁଢାଗୁଡ଼ାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ଉଭୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କ. ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନା ଓ ଏସ୍‌ଆଇ ବାସୁଦେବ ପଣ୍ଡା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଡାକ୍ତରଖାନାକୁ ପଠାଇଥିଲେ।

## ୯ହଜାର ବୋତଲ ବେଆଇନ କଫ୍ ସିରପ ଜବତ




# ମହାନଦୀକୁ ନେଇ ନବୀନ-ଏଜି ମୁହାଁମୁହିଁ

- ଏଜି ଟ୍ରିବ୍ୟୁନାଲ ଶୁଣାଣିରେ କାହିଁକି ଉପସ୍ଥିତ ନ ଥିଲେ: ନବୀନ
- ଟ୍ରିବ୍ୟୁନାଲ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଉପସ୍ଥିତି ଜରୁରୀ ନ ଥିଲା: ଏଜି

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମହାନଦୀ ପ୍ରସଙ୍ଗରେ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ମହାନଦୀକୁ ବଞ୍ଚାଇବା ପାଇଁ ଇଏ କ'ଣ ଭାଜପା ସରକାରର ଆନ୍ତରିକତା। ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଶନିବାର ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏପରି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଗଲା ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ। ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ରାଜ୍ୟବାସୀଙ୍କୁ କ'ଣ ମିଳିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ମହାନଦୀ ପ୍ରସଙ୍ଗରେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଓଡ଼ିଶାର ଜୀବନ ରେଖା। ଲକ୍ଷ ଲକ୍ଷ ଚାଷୀ ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି, ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜେଡିର ଲଢ଼େଇ ଜୋର୍‌ଦାର ହେବ ବୋଲି ନବୀନ କହିଛନ୍ତି।


ନବୀନ ପଟ୍ଟନାୟକ


ପୀତାମ୍ବର ଆଚାର୍ଯ୍ୟ

ନବୀନଙ୍କ ଏଭଳି ପୋଷ୍ଟ ପରେ ପୀତାମ୍ବର ତାଙ୍କ 'X' ଜରିଆରେ କହିଛନ୍ତି, ମହାନଦୀ ମାମଲାରେ ନବୀନ ମୁହଁ ଖୋଲିବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ ଥିଲା। ୭ ବର୍ଷ ଧରି ନବୀନବାବୁଙ୍କ ଲିଗାଲ ଟିମ୍ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ଶ୍ରାଦ୍ଧକରି ଗୋଟେ ପଇସାର ସୁଫଳ ମିଳି ନ ଥିଲା। ଭାଜପା ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସକାରାତ୍ମକ ଚିନ୍ତାଧାରା ଏବଂ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ଉଭୟ ରାଜ୍ୟ ବର୍ତ୍ତମାନ ଆପୋସ ସମାଧାନର ଦ୍ୱାରଦେଶରେ। ଏଜି ଦାୟିତ୍ୱ ପରେ ସମସ୍ତ ଶୁଣାଣିରେ ତାଙ୍କ ଉପସ୍ଥିତି ଓ ଭୂମିକା ବାବଦରେ ରାଜ୍ୟବାସୀଙ୍କୁ ଜଣାଅଛି। ଶନିବାର ହୋଇଥିବା ଶୁଣାଣି କେବଳ ସମୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ଥିଲା, ଫଳରେ ତାଙ୍କ ଉପସ୍ଥିତି ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ନବୀନ ବାବୁଙ୍କ ଉକ୍ତି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ଏବଂ ହଠାତ୍ ନିଦରୁ ଉଠି ପ୍ରଳାପ କଲା ଭଳି ମନେହେଉଛି ବୋଲି ପୀତାମ୍ବର ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପୀତାମ୍ବରଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଜୀବନରେଖା ମହାନଦୀ ସ୍ରୋତକୁ ଦୀର୍ଘବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିବା ପରେ ଓଡ଼ିଶା ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହି ବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୁହାଗଲା। ହେଲେ ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ମହାନଦୀର ସୁରକ୍ଷା ଲାଗି ଟ୍ରିବ୍ୟୁନାଲ ଏକମାତ୍ର ରାସ୍ତା। ତେଣୁ ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ରଖିବାକୁ ଆଡ୍‌ଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ଲେନିନ୍ କହିଛନ୍ତି।

### ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମାର୍ଚ୍ଚ ୧୪ରେ ଟ୍ରିବ୍ୟୁନାଲରେ ଶୁଣାଣି

# ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)




ଭାରତ ବର୍ତ୍ତମାନ ବିଶ୍ୱର ୪ର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ୨୦୨୬-୨୭ କେନ୍ଦ୍ର ବଜେଟ ୬.୮%ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣକରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ ବର୍ଷରେ ରପ୍ତାନି ପରିମାଣ ୪୬୬.୨୨ ବିଲିୟନ ଆମେରିକୀ ଡଲାର ଥିବାବେଳେ ବର୍ତ୍ତମାନ ତାହା ୭୭% ବୃଦ୍ଧି ହୋଇ ୮୨୪.୯ ବିଲିୟନ ଡଲାରରେ ପହଞ୍ଚିଛି। ଦେଶରେ ଏଫ୍‌ଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ୨ ଗୁଣା ହୋଇ ୮୧.୦୪ ବିଲିୟନ ଡଲାରରେ ପହଞ୍ଚିଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ୩ ଗୁଣା ବଢ଼ି ୩୩୧.୦୩ କୋଟିରେ ପହଞ୍ଚିଛି। ଦେଶରେ ବୈଦେଶିକ ମୁଦ୍ରାଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସ୍‌ଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଶ୍ୱରେ ୩ୟ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବଜେଟରେ ଆସନ୍ତା ୫ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ ବାୟୋଫାର୍ମା ଶକ୍ତି ଏବଂ ୪୦ ହଜାର କୋଟି ଟଙ୍କାର ଇଣ୍ଡିଆ ସେମିକଣ୍ଡକ୍ଟର ୨.୦ ମିଶନ ଆରମ୍ଭ କରାଯାଇଛି। ଶ୍ରମଭିତ୍ତିକ ବୟନ ଶିଳ୍ପ ଏବଂ ଖଦି ହସ୍ତଶିଳ୍ପର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଅଭିଯାନ ଘୋଷଣା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବାକୁ ମୋଦି ସରକାର ତାଙ୍କ ବଜେଟରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି ଲାଗୁହେବ। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ନୂଆ ଅବକାରୀ ଆଇନ ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋର୍‌ଦାର ହେବ। ଅବୈଧ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ନିଆଯିବ। ଚଢ଼ାଉ କରିବାକୁ ଯିବା ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେହରେ ବଡି କ୍ୟାମେରା ଲଗାଇବେ। ଏହଦ୍ୱାରା କୋର୍ଟରେ ତଦନ୍ତକାରୀ ଅଫିସର ଭିଡିଓ ପ୍ରମାଣ ଦେଇପାରିବେ। ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତମାନେ ଖସିପାରିବେ ନାହିଁ। ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି, ନବୀନ ତା'ର ଖସଡ଼ା ପ୍ରସ୍ତୁତ କରିଥିଲେ: ପ୍ରତାପ

ଦେବଗଡ଼,୭।୨(ଶଶାଙ୍କ ଶେଖର ଝାଙ୍କର)


ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରତାପ ଦେବ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ।

ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅଞ୍ଚଳକୁ ନେଇ ବିକାଶର ପଥ ପାଇଁ ଡବଲ ଇଞ୍ଜିନ ସରକାର ପ୍ରସ୍ତୁତ ହେଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଘୋଷଣା କରିଛନ୍ତି ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖସଡ଼ା ପ୍ରସ୍ତୁତ କରି ସାରିଥିଲେ। ରାଜ୍ୟର ବିକାଶ ପାଇଁ ପୂର୍ବରୁ ଯାହାସବୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା, ରାଜ୍ୟରେ ତାହା କେତେ ପ୍ରତିଫଳନ ହେଲାଣି। ଯେଉଁ ଅଞ୍ଚଳର ବିକାଶ ପାଇଁ ଏବେ ସରକାର ପ୍ରସ୍ତୁତ ହେଉଛନ୍ତି ସେଠାରେ ଇଲେକ୍ଟ୍ରୋନିକ ଭେହିକିଲ୍ ମାନୁଫ୍ୟାକ୍ଚରିଂ ୟୁନିଟ୍, ଷ୍ଟିଲ ପ୍ଲାଣ୍ଟ, ସ୍ପିନିଂ ପ୍ଲାଣ୍ଟ ସବୁ କୁଆଡ଼େ ଗଲା, ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। କେବଳ ଘୋଷଣା କରିଦେଲେ ପ୍ରଗତି ହୁଏ ନାହିଁ। ଉତ୍କର୍ଷ ଓଡ଼ିଶାରେ ଯେଉଁ ଘୋଷଣା ହୋଇଥିଲା ସେସବୁ କେତେବାଟ ଗଲା। ଗୋଟିଏ ବର୍ଷରେ ସାଢ଼େ ୨୨ ଲକ୍ଷ କୋଟି ଟଙ୍କାର ଘୋଷଣା କରାଯାଇଛି, ହେଲେ ଏତେ ସପନକୁ ରାତି କାହିଁ ବୋଲି ଶନିବାର ସ୍ଥାନୀୟ ସର୍କିଟ୍ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଳିର ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି। ଏଥିସହ ସେ କହିଛନ୍ତି, ବିକାଶ ପାଇଁ ଯେଉଁ ଆନୁଷଙ୍ଗିକ ବ୍ୟବସ୍ଥା ଦରକାର ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଚିନ୍ତା କରାଯାଇଥିଲା। କିନ୍ତୁ ଭାଜପା ସରକାର ଆସିବା ପରେ ମନ୍ତ୍ରୀ, ବିଧାୟକମାନେ କହିଛନ୍ତି, ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏଭଳି ସ୍ଥିତିରେ ବିକାଶ କ'ଣ ସମ୍ଭବ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

# ଗୈରିକ ବିଚାର ବ୍ୟକ୍ତିଙ୍କୁ କୁଳପତି କରିବା ଯୋଜନା: ଅରୁଣ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

### ଫେବୃଆରୀ ସୁଦ୍ଧା ସବୁ ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ ନ ସରିଲେ ଆନ୍ଦୋଳନ: ବିଜେଡି




ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ଗୈରିକୀକରଣ କରିବା ପାଇଁ ଉଦ୍ୟମ କରାଯାଉଛି। ସେଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି, ୨୦୨୦ରେ କିଛି ଅସଙ୍ଗତି ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ସରକାର ଆଣିଥିଲେ। ଏହାଛଡ଼ା ତତ୍କାଳୀନ ରାଜ୍ୟପାଳଙ୍କ ପ୍ରସ୍ତାବ ମୁତାବକ ଓପିଏସ୍‌ସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ହେଲେ ରାଜ୍ୟରେ ୨୦୨୪ରେ ଭାଜପା ସରକାର ଆସିବା ପରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ। ୨୦୨୫ ବେଳକୁ ଆଉ ଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ। ଏହି ସଂଶୋଧିତ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ ଲାଗି ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଯୋଗ୍ୟତା ଭିତ୍ତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ୍ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ଏପରି ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ୩ ଜଣଙ୍କୁ ଚୟନ କରିବେ ତା'ର କିଛି ସ୍ପଷ୍ଟତା ନ ଥିବାରୁ କେବଳ ଗୈରିକ ବିଚାରରେ ଥିବା ବ୍ୟକ୍ତିଙ୍କୁହିଁ ମନୋନୀତ କରାଯିବ ସ୍ପଷ୍ଟ ଜଣାପଡୁଛି ବୋଲି ଅରୁଣ ଅଭିଯୋଗ କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ୧୮ ମାସ ପୂରିଗଲାଣି, କିନ୍ତୁ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନ ଥିବାରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ରାଜ୍ୟର ୧୭ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୭୦୬, ଆସୋସିଏଟ ପ୍ରଫେସର ଲାଗି ୪୫୮, ପ୍ରଫେସର ପାଇଁ ୨୬୧ ଏବଂ ନନ୍ ଟିଚିଂରେ ୨୩୨୫ ପଦବୀ ଖାଲି ପଡ଼ିଛି। ତେଣୁ ଫେବୃଆରୀ ଶେଷ ସୁଦ୍ଧା କୁଳପତି ପଦବୀଗୁଡ଼ିକ ପୂରଣ ନ ହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଦଳ ଚେତାବନୀ ଦେଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ ଏବଂ ବିଜୁ ଜନତା ଦଳ ସଭାପତି ଚିନ୍ମୟ ସାହୁ ଉପସ୍ଥିତ ଥିଲେ।

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ୫ ଗୁରୁତର


ଡାକ୍ତରଖାନାରେ ଗୁରୁତର ଆହତ

ଆନନ୍ଦପୁର,୭।୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଚୁକୁଣା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଗ୍ରାମର ଅକ୍ଷୟ ଦାସଙ୍କ ଘରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ପରିବାର ୫ ଜଣ ଗୁରୁତର ହୋଇଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ ଡଲି ଦାସ ରାତିଭୋଜନ ପାଇଁ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଘରେ ବ୍ୟାପିଯାଇ ଅକ୍ଷୟଙ୍କ ସମେତ ପରିବାରର ଜୀବନ ଦାସ, ସିପାଲୀ ଦାସ, ନିଧି ଦାସ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସମସ୍ତ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତୁତି ଚାଲିଛି।



"ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ? -ଶ୍ରୀମା

# ଆତ୍ମସମର୍ପଣ



**ଆକାର ପଟେଲ**

ସାର୍ବଭୌମତ୍ୱ ଉଲ୍ଲଂଘନକୁ ଏକ ଦେଶର ଆଞ୍ଚଳିକ ଅଖଣ୍ଡତାର ଉଲ୍ଲଂଘନ କିମ୍ବା ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ ବୋଲି କୁହାଯାଏ। ଜଣେ ଆତ୍ମସମର୍ପଣ କରେ ଯେତେବେଳେ ସେ ବିନା ପ୍ରତିରୋଧରେ ଅନ୍ୟପକ୍ଷର କ୍ଷମତା ନିକଟରେ ମୁଣ୍ଡ ନୁଆଁଏ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ଯାହା ଘଟିଛି ତାହା ସ୍ପଷ୍ଟତଃ ଏହାର ଏକ ନମୁନା। ଏହାକୁ ବୁଝିବା ପାଇଁ କେବଳ ପ୍ରକାଶିତ ବିବୃତିଗୁଡ଼ିକୁ ଜାଣିବା ଦରକାର। ଡୋନାଲ୍ଡ ଟ୍ରମ୍ପ ୬ ଅଗଷ୍ଟ ୨୦୨୫ର ତାଙ୍କ ନିର୍ଦ୍ଦେଶ (ସଂଖ୍ୟା ୧୪୩୨୯)ରେ ଲେଖିଥିଲେ, ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତୈଳ ଆମଦାନୀ କରୁଥିବାରୁ ମୁଁ ସ୍ଥିର କଲି ଯେ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ମୂଲ୍ୟ ଆଧାରିତ ଶୁଳ୍କ ଲାଗୁ କରିବା ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ।'' ୬ ଫେବୃଆରୀ ୨୦୨୬ରେ ତାଙ୍କ ନିର୍ଦ୍ଦେଶରେ ପ୍ରକାଶ ପାଇଛି, ''ବିଶେଷକରି ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ରୁଷିଆ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିବଦ୍ଧ ଏବଂ ଦର୍ଶାଇଛି ଯେ ଏହା ଆମେରିକାଠାରୁ ଶକ୍ତି ଉତ୍ପାଦ କିଣିବ। ଏହାସହ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଆମେରିକା ସହିତ ଏକ ଢାଞ୍ଚା ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ପ୍ରକାଶ କରିଛି।'' ଦେଖାଯାଉଛି, ଏବେ ଆମେରିକା ଯାହା ଚାହୁଁଛି ଭାରତ ସେଭଳି କରୁଛି। ଟ୍ରମ୍ପ କହିଛନ୍ତି, ''ମୁଁ ପର୍ଯ୍ୟାୟକ୍ରମେ ଭାରତ ଉପରେ ଲାଗୁ ଅତିରିକ୍ତ ଶୁଳ୍କକୁ ହଟାଇ ନେବାକୁ ସ୍ଥିର କରିଛି।'' ଭାରତର ଭଲ ଆଚରଣ କିମ୍ବା କୂଟନୈତିକ ଦୃଷ୍ଟିରୁ ଆଜ୍ଞାପାଳନ ପାଇଁ ହଟାଇ ଦିଆଯାଇଥିବା ଜଣାପଡୁଛି। ତଥାପି, ଟ୍ରମ୍ପ ଚେତାବନୀ ଦେଇଛନ୍ତି , ''ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ରୁଷିଆ ତେଲ ଆମଦାନୀ ପୁନର୍ବାର ଆରମ୍ଭ କରୁଛି କି ନାହିଁ ତାହା ଉପରେ ଆମେରିକା ନଜର ରଖିବ'' ଏବଂ ଯଦି ଏହା ଘଟେ, ''ମୁଁ ଭାରତର ସାମଗ୍ରୀ ଆମଦାନୀ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ପୁଣି ନିଶ୍ଚିତ ଲାଗୁ କରିବି।'' ଭାରତ ବିବୃତିରେ କହିଛି, ''ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାର୍ଷିକ ୧୦୦ ବିଲିୟନ ଡଲାର ହିସାବରେ ୫୦୦ ବିଲିୟନ ଡଲାର ଆମେରିକୀୟ ଉତ୍ପାଦ କିଣିବାକୁ ଚାହୁଁଛି। ୨୦୨୪ରେ ଏହା ୪୦ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ଭାରତ ଆମେରିକାରୁ ଦୁଇଗୁଣରୁ ଅଧିକ ଉତ୍ପାଦ କିଣିବାକୁ ପ୍ରତିବଦ୍ଧ ହୋଇଛି। ଏହା ପ୍ରତିବଦଳରେ ପାଇଛି କ'ଣ ? ତେବେ ପୂର୍ବରୁ କୌଣସି ଟାରିଫ ନ ଥିଲାବେଳେ ଏବେ ବୃଦ୍ଧି କରିବା ପରେ ସେଥିରୁ ୧୮% କମାଇଛି। ଏହା ଆମ ପାଇଁ ପୁରସ୍କାର। ଏଥିରେ ସାର୍ବଭୌମତ୍ୱ ଉଲ୍ଲଂଘନ ହେଉନି କି ? ଯାଞ୍ଚ କରନ୍ତୁ, ଅନିଚ୍ଛା ସତ୍ତ୍ୱେ ଚାପ ପକାଯାଇଛି କି ନାହିଁ ? ଆତ୍ମସମର୍ପଣ କଥାକୁ ବି ପରଖନ୍ତୁ। ଦୁର୍ଭାଗ୍ୟବଶତଃ ଏସବୁ ଘଟିଛି। ଜୟଶଙ୍କର ଏବଂ ଭାରତ ସରକାର କ'ଣ କହୁଛନ୍ତି ତାହା ଶୁଣିବା ଆବଶ୍ୟକ ନାହିଁ, କେବଳ ସ୍ୱାକ୍ଷର କରାଯାଇଥିବା ବୁଝାମଣା ସମ୍ପର୍କରେ ଆମେ ଜାଣିବା ଦରକାର।

ପ୍ରଶ୍ନ ହେଉଛି ଆମେ କାହିଁକି ଆତ୍ମସମର୍ପଣ କଲୁ। ମୋର ବନ୍ଧୁ ତଥା ଅର୍ଥନୀତିଜ୍ଞ ଅଶୋକ ବର୍ଦ୍ଧନ ଚୁକ୍ତି ସ୍ୱାକ୍ଷରିତ ହେବା ପୂର୍ବରୁ ଏକ ମେସେଜ ପଠାଇଥିଲେ ; ଯେଉଁଥିରେ ସେ କ'ଣ ଘଟିବ ତାହା ପୂର୍ବାନୁମାନ କରି ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ। ସେ ଲେଖିଥିଲେ, ''ଭାରତ ଆତ୍ମସମର୍ପଣ କରିବାର ଦୁଇଟି କାରଣ ଅଛି। ପ୍ରଥମେ, ଏହି ସରକାରଙ୍କ ତଥାକଥିତ ଜାତୀୟତାବାଦୀ ପରିଚୟ ଏବଂ ଏହାର ସମର୍ଥନ ଆଧାରକୁ ଅତିରଞ୍ଜିତ କରି ଦର୍ଶାଇବା। ଜାତୀୟତାବାଦୀ କାଡକୁ ବୃହତ ଶକ୍ତିଗୁଡ଼ିକ ସହିତ ଚୁକ୍ତି କରିବା ସମୟରେ ବ୍ୟବହାର କରିବା ଉଚିତ ନୁହେଁ। ଏହା ବ୍ୟତୀତ, ଭାରତର ଅର୍ଥ ବ୍ୟବସ୍ଥାରେ ଥିବା କିଛି ଗତିଶୀଳ କ୍ଷେତ୍ର ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥ ସର୍ବାଧିକ ଭୂମିକା ଗ୍ରହଣ କରେ ଏବଂ ଉଭୟ ଆମେରିକୀୟ ବଜାର, ଫାର୍ମଗୁଡ଼ିକ ସହିତ ବ୍ୟାପକ ଭାବେ ଜଡ଼ିତ ଓ ପାଣ୍ଠି ଉପରେ ଅଧିକ ନିର୍ଭରଶୀଳ।'' ଭାରତର ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକର ମୋଟ ଉତ୍ପାଦର ପ୍ରାୟ ୭୦% ଆମେରିକାକୁ ରପ୍ତାନି ହେଉଛି। ଭାରତ ୨୦୨୪ରେ ଆମେରିକାକୁ ପ୍ରାୟ ୪୦ ବିଲିୟନ ଡଲାର ସର୍ଭିସେସ୍ ରପ୍ତାନି କରିଥିଲା। ବର୍ଦ୍ଧନ କହନ୍ତି, ''ଭାରତୀୟ ଆର୍ଥିକ ବଜାରର ପ୍ରତ୍ୟେକ କ୍ଷେତ୍ର ମୁଖ୍ୟତଃ ଭେଞ୍ଚର ଫଣ୍ଡିଂଠାରୁ ଆରମ୍ଭ କରି ଆର୍ଥିକ ଗବେଷଣା ଓ ବିତ୍ତୀୟ ଖବର ସରବରାହ ସଂସ୍ଥା ଇତ୍ୟାଦି ଆମେରିକା ସହିତ ବି ଜଡ଼ିତ। ଆମର ଜାତୀୟତାବାଦ, ଆମର ସାହସ, ଆମର ୫୬ ଇଞ୍ଚ କେବଳ ଅନ୍ୟ ଭାରତୀୟମାନଙ୍କୁ ନିର୍ଯାତନା ଏବଂ ଧମକାଇବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଜଣେ ପ୍ରକୃତ ପ୍ରତିପକ୍ଷଙ୍କ ସାମ୍ନାରେ ଏହା ମଳିନ ପଡ଼ିଯାଏ। ତେବେ ଟ୍ରମ୍ପ ଆମକୁ ତାଙ୍କ ଇଚ୍ଛାରେ ଏଭଳି ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଘଟଣା ପ୍ରଥମ ଥର ଘଟିନାହିଁ। ମେ ୨୦୧୯ରେ, ଟ୍ରମ୍ପ ଶୁଳ୍କ ଛାଡ଼ ପାଇଁ ଅନୁମତି ନ ଦେବା ପରେ ଭାରତ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲା। ଟ୍ରମ୍ପଙ୍କ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ ବୋଲ୍ଟନ ତାଙ୍କ ପୁସ୍ତକ 'ଦି ରୁମ୍ ହୋୟାର ଇଟ୍ ହାପେଣ୍ଡ'ରେ ଲେଖିଛନ୍ତି, ଟ୍ରମ୍ପ ମୋଦିଙ୍କ ସମସ୍ୟାକୁ ନ ଦେଖି ତାଙ୍କ ଟିମ୍‌କୁ କହିଥିଲେ ଯେ 'ସେ(ମୋଦି) ଠିକ୍ ହୋଇଯିବେ'। ଏହାର ଅର୍ଥ ହେଉଛି ଭାରତକୁ ମାଗଣା ପରିବହନ ଏବଂ ବୀମା ଓ ୬୦ ଦିନର କ୍ରେଡିଟ ଭଳି ରିହାତି ସହିତ ଆସୁଥିବା ତେଲ ଆଣିବାକୁ ମନା କରାଯାଇଥିଲା। ଭାରତ ବୁଝାଇବାକୁ ଚେଷ୍ଟା କରିଥିଲା ଯେ ଏହାର ଅନେକ ରିଫାଇନେରି ଇରାନର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି ଏବଂ ହଠାତ୍ ପରିବର୍ତ୍ତନ ହୋଇପାରିବ ନାହିଁ ଓ ଇରାନରୁ ଯୋଗାଣ ବନ୍ଦ ହେଲେ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ପ୍ରଭାବିତ ହେବ। ଟ୍ରମ୍ପ ଏହାକୁ ସ୍ୱୀକାର କରି ନ ଥିଲେ। ଆମେ ସେତେବେଳେ ତାଙ୍କ କଥା ମାନିଥିଲୁ, ଯେପରି ଆମେ ପୁଣି ଥରେ ରୁଷିଆ ତୈଳ ଏବଂ ବର୍ତ୍ତମାନ ଭେନେଜୁଏଲା ଓ ଆମେରିକୀୟ ତୈଳ କିଣିବାକୁ ରାଜି ହୋଇଛୁ। ଯେଉଁଠାରୁ ଆରମ୍ଭ କରିଥିଲୁ ସେହିଠାକୁ ଆମକୁ ଫେରିଯିବାକୁ ପଡ଼ିବ, କାରଣ ଭାରତୀୟମାନେ ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କ ନାମରେ କ'ଣ କରାଯାଇଛି। ସ୍ପଷ୍ଟତଃ ସରକାରୀ କାର୍ଯ୍ୟରେ ବିଦେଶୀ ହସ୍ତକ୍ଷେପ ଦ୍ୱାରା ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଛି। ପ୍ରତିରୋଧ କରିବା ବନ୍ଦ କରି ଅନ୍ୟପକ୍ଷର କର୍ତ୍ତୃତ୍ୱ ନିକଟରେ ଆତ୍ମସମର୍ପଣ କରିଛୁ।

Email:aakar.patel@gmail.com

# ଆତଙ୍କବାଦର ପୃଷ୍ଠପୋଷକ କିଏ



**ହରେକୃଷ୍ଣ ପଣ୍ଡା**

ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆକୁ 'ଆତଙ୍କବାଦ ପୃଷ୍ଠପୋଷକ ରାଷ୍ଟ୍ର' ବୋଲି ଘୋଷଣା କରିଥିଲା ବେଳେ ଆମେରିକା ପାକିସ୍ତାନକୁ ସହଯୋଗର ହାତ ବଢ଼ାଇ ନିଜର ମିତ୍ର ରାଷ୍ଟ୍ରର ପରିଚୟ ଦେଇଥିଲା। ୟୁକ୍ରେନ୍‌ରେ ମସ୍କୋ ଲଗାତର ଆକ୍ରମଣ କରିବା ସହ ମାନବାଧିକାର ଓ ଅନ୍ତର୍ଜାତୀୟ ମାନବାଧିକାର ଆଇନଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି ପାର୍ଲାମେଣ୍ଟ ଦର୍ଶାଇଥିଲା। ଅନ୍ତର୍ଜାତୀୟ ଆଇନର ଏଭଳି ଉଲ୍ଲଂଘନକୁ ଆତଙ୍କବାଦ ବୋଲି ଦର୍ଶାଯାଇଥିବା ବେଳେ ବାରମ୍ବାର ଆମେରିକା ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ ଏବଂ ଗୋଟିଏ ପରେ ଗୋଟିଏ ଆତଙ୍କ ସୃଷ୍ଟି କରୁଥିବା କେବେ ବି ୟୁରୋପୀୟ ସଂଘ କିମ୍ବା ପାର୍ଲାମେଣ୍ଟର ଆଖିକୁ ଦେଖାଯାଉ ନାହିଁ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୋଗୀର ବାହ୍ୟ ଲକ୍ଷଣ ଉପରେ ଯେତେ ଗୁରୁତ୍ୱ ଦିଅନ୍ତି, ରୋଗର କାରଣ ପ୍ରତି ସେତେ ଗୁରୁତ୍ୱ ଦିଅନ୍ତି ନାହିଁ। ୟୁକ୍ରେନରେ ଆରମ୍ଭ ହୋଇଥିବା ଯୁଦ୍ଧ ସ୍ଥିତିକୁ ଯୋଜନାବଦ୍ଧ ଭାବେ ଜାରି ରଖିବେ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୃଢ଼ ପ୍ରତିଜ୍ଞାବଦ୍ଧ ଥିବା ବେଳେ ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ବିପକ୍ଷ ଯୋଜନାରେ ଲାଗି ରହୁଥିବାରୁ ଯୁଦ୍ଧ ବନ୍ଦ ହେଉ ନାହିଁ। ଦୀର୍ଘ ୨୦ ବର୍ଷ ମଧ୍ୟରେ ବିଶ୍ୱରେ ଯେତେଗୁଡ଼ିଏ ଯୁଦ୍ଧ ଆତଙ୍କ ସୃଷ୍ଟି ହୋଇଛି, ସେଥିରେ ଆମେରିକାର ପ୍ରତ୍ୟକ୍ଷ ହାତ ଯେ ନାହିଁ, ତାହା କହିବା ନିଷ୍ପ୍ରୟୋଜନ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି କାର୍ଯ୍ୟ କରୁଥିବା କଥା କହିଚାଲିଥିବା ବେଳେ ସେ ଗୋଟିଏ ପରେ ଗୋଟିଏ ଯୁଦ୍ଧର ଆତଙ୍କ ଖେଳାଇ ଚାଲିଛନ୍ତି। ଏବେ ଭେନେଜୁଆଲା ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଶ୍ୱରେ ପୁଣି ଆତଙ୍କ ସୃଷ୍ଟି କରିଛି।

ତେବେ ରୁଷିଆ ନିକଟରେ ଆମେରିକା ସହିତ ଥିବା ପରମାଣୁ ଚୁକ୍ତିକୁ ରଦ୍ଦ କରିଦେଇଛି। ଆମେରିକା ସହ ପ୍ରମୁଖ ପରମାଣୁ ଅସ୍ତ୍ରଚୁକ୍ତିରେ ରୁଷିଆର ଅଂଶ ଗ୍ରହଣ ପ୍ରକ୍ରିୟା ରଦ୍ଦ ହୋଇଯାଇଛି, ଯାହା ବିଶ୍ୱ ପାଇଁ ଆଶଙ୍କା ଆଣିଦେଇଛି। ୨୦୧୦ରେ ରୁଷଆ ଆମେରିକା ସହ ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିଥିଲା। ପୁଣି ୨୦୨୧ରେ ଆଉ ୫ ବର୍ଷ ପାଇଁ ବୃଦ୍ଧି ହୋଇଥିଲା। ଏହାକୁ ନ୍ୟୁ ଷ୍ଟାର୍ଟ ଟ୍ରିଟି କୁହାଯାଇଥିଲା। ଏଭଳି କରିବା ଦ୍ୱାରା ରୁଷିଆ ରାଷ୍ଟ୍ରପତି ୟୁକ୍ରେନ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ବାରମ୍ବାର ଦେଇ ଚାଲିଛି। ୟୁରୋପୀୟ ରାଷ୍ଟ୍ର ଏବଂ ଆମେରିକା ଏକ ନିର୍ଣ୍ଣାୟକ ସ୍ଥିତିକୁ ନ ଆସି ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଯୁଦ୍ଧର ଗତିକୁ ବଢ଼ାଇ ଚାଲିଛି । ୟୁରୋପୀୟ ପାର୍ଲାମେଣ୍ଟରେ ରୁଷିଆ ବିରୋଧରେ କୌଣସି ପଦକ୍ଷେପ ନେବା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା ନଥିବା ବେଳେ ଆତଙ୍କବାଦୀ ଘୋଷଣା କେବଳ ହାସ୍ୟାସ୍ପଦ ବୋଲି କୁହାଯାଇପାରେ। ରୁଷିଆକୁ ଯୁଦ୍ଧ ଅପରାଧ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ଦଣ୍ଡିତ କରାଯିବାକୁ କ୍ୱାର୍ଡ ରାଷ୍ଟ୍ରର ନେତାମାନେ ମିଳିତ ଭାବେ ମତ ରଖିଥିଲେ। କିନ୍ତୁ ପରମାଣୁ ଅସ୍ତ୍ର ବ୍ୟବହାର ପାଇଁ ରଷିଆର ଧମକକୁ ଅଗ୍ରହଣୀୟ କହିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ଏମାନେ କୌଣସି ସୂତ୍ର ବାହାର କରିପାରିନାହାନ୍ତି। ରୁଷିଆ ଆଣବିକ ଚୁକ୍ତିକୁ ବାତିଲ କଲା ପରେ ଆମେରିକା ଓ କ୍ୱାର୍ଡ ରାଷ୍ଟ୍ର ସମୂହ ବିଚାରବିମର୍ଶ କରି ଏହାର ନିରାକରଣ ପନ୍ଥା ଦର୍ଶାଇବା ଉଚିତ ଥିଲା। ୟୁରୋପୀୟ ରାଷ୍ଟ୍ରସମୂହ ରୁଷିଆ ସହିତ ଆଲୋଚନା କରି ପରମାଣୁ ଚୁକ୍ତିକୁ କାଏମ ରଖିବା ଆବଶ୍ୟକ ଥିଲା। ଏହା ନ ହେବାରୁ ରୁଷିଆ ତାହାର ଆବଶ୍ୟକତା ଦର୍ଶାଇ ପରମାଣୁ କାର୍ଯ୍ୟକ୍ରମ ଚଳାଇବାକୁ ଘୋଷଣା କରିସାରିଲାଣି। ଜି-୨୦ ବୈଠକରେ ଭାରତର ପ୍ରତିନିଧି ଜୟଶଙ୍କର ଯୁଦ୍ଧ ବନ୍ଦ ପାଇଁ ବୈଶ୍ୱିକ ସହମତି ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସହମତି ପାଇଁ ଜି-୨୦ ରାଷ୍ଟ୍ରସମୂହ ଆଗ୍ରହର ସହିତ କିଛି କାର୍ଯ୍ୟକ୍ରମ ହାତକୁ ନେଲେନାହିଁ। ଏଥିରୁ ଜଣାପଡ଼େ, ଜି-୨୦ ସହମତି କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି।



ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଯେତେବେଳେ ଆତଙ୍କବାଦ ବୃଦ୍ଧି ପାଇ ଦେଶଗୁଡ଼ିକୁ ପ୍ରଭାବିତ କଲା, ସେତେବେଳେ ସବୁ ରାଷ୍ଟ୍ର ଏକଜୁଟ ହେଲେ ସତ ; କିନ୍ତୁ ଆତଙ୍କବାଦ ନିରୋଧ କ୍ଷେତ୍ରରେ ସହମତି ହେବା ନେଇ ଦ୍ୱନ୍ଦ୍ୱ ଦେଖାଦେଲା। ସେହିଦିନରୁ ଏଯାବତ୍ ଆତଙ୍କବାଦ ତିଷ୍ଠି ରହିଛି। କ୍ଷତାକ୍ତ ଓ ରକ୍ତାକ୍ତ ହୋଇ ସାରିଲା ପରେ ବି ୟୁରୋପୀୟ ରାଷ୍ଟ୍ର ସଚେତନ ହୋଇ ପାରିନାହାନ୍ତି। ତେଣୁ ବାସ୍ତବରେ ଜି-୨୦ ରାଷ୍ଟ୍ର ସଂଘକୁ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଭରସା କରାଯାଇନପାରେ। ଏବେ ଯୁଦ୍ଧ ଘଟଣା ନେଇ ରୁଷିଆ ବିରୋଧରେ ଭାରତ-ଆମେରିକା-ଜାପାନ-ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ମିଳିତ ବିବୃତିରେ କହିଛନ୍ତି ଯେ, ରୁଷିଆ ୟୁକ୍ରେନ୍‌ରେ ଯେଉଁ ଅପରାଧ ଘଟାଇଛି, ଯଦି ଏହାକୁ ଦଣ୍ଡ ନ ମିଳେ, ତେବେ ଆକ୍ରମଣକାରୀ ସବୁଠି ଆକ୍ରମଣ କରିବେ ଏବଂ ବିନା ଦୋଷରେ ଖସିଯିବେ। ଏହା ଅବଶ୍ୟ ଯୁକ୍ତିଯୁକ୍ତ ମନେହୁଏ। କିନ୍ତୁ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

ୟୁରୋପୀୟ ପାର୍ଲାମେଣ୍ଟରେ ଗୃହୀତ ନିଷ୍ପତ୍ତିକୁ ୟୁକ୍ରେନ୍ ସ୍ୱାଗତ କରି ଆଶା ପ୍ରକଟ କରିଛି ଯେ, ୟୁକ୍ରେନ୍ ସମେତ ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାରର ନୀତି ଯୋଗୁ ରୁଷିଆକୁ ସବୁସ୍ତରରେ ଏକଘରକିଆ ଓ ଉତ୍ତରଦାୟୀ କରାଯିବା ଜରୁରୀ। ଏଭଳି ଏକ ପନ୍ଥା ଗ୍ରହଣ ନ କରି ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଯେଉଁ କଟକଣା ଜାରି ରଖିଛନ୍ତି, ତାହା ତାକୁ ପ୍ରଭାବିତ କରିପାରୁ ନାହିଁ। ବିଶ୍ୱସ୍ତରରେ ଏକ ସ୍ୱଚ୍ଛ ଓ ନିର୍ଭୀକ ନୀତିକୁ ଗ୍ରହଣ ନ କଲେ ଯୁଦ୍ଧ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ଆମେରିକା ଦେଖୁଛି ବର୍ତ୍ତମାନ କ୍ୟୁବା, ଉତ୍ତରକୋରିଆ, ଇରାନ, ସିରିଆ ହେଉଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ। ୟୁରୋପୀୟ ଦେଶ ଲିଥୁଆନିଆ, ଲାଟ୍‌ଭିଆ, ଷ୍ଟୋନିଆ ଏବଂ ପୋଲାଣ୍ଡ ମଧ୍ୟ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ଭାବେ ଘୋଷଣା କରିସାରିଛି। ହେଲେ ଏହିସବୁ ଦେଶକୁ ଏ କ୍ଷେତ୍ରରୁ ନିବୃତ୍ତାଇବା ପାଇଁ କୌଣସି କର୍ତ୍ତୃତ୍ୱ ଜାରି କରିପାରୁନାହାନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଜି-୨୦ ତଥା ପାଶ୍ଚାତ୍ୟ ରାଷ୍ଟ୍ର ନିଜେ ହିଁ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି। ସମାଧାନ କରିବାର ସାହସ ବା ନିର୍ଭୀକତା ଏମାନଙ୍କ ପାଖରେ ନାହିଁ। ଆମେରିକା ସ୍ୱଚ୍ଛ ଓ ନିରପେକ୍ଷ ହୋଇପାରୁନାହିଁ।

ରୁଷିଆ ୫୦ ବର୍ଷ ଧରି ନିଜକୁ ଶକ୍ତିଶାଳୀ ରାଷ୍ଟ୍ର ଦର୍ଶାଇବାକୁ ଉଦ୍ୟମ କରିଆସୁଛି। ପୁଟିନ୍‌ଙ୍କ କ୍ରମାଗତ ବିଜୟ ତାଙ୍କ ମନରେ ଏକ ବିଶ୍ୱାସ ବି ସୃଷ୍ଟି କରିଛି। ତାଙ୍କ ଦେଶବାସୀ ତାଙ୍କୁ ପୁନର୍ବାର ବିଜୟୀ କରିଥିବା ଯୋଗୁ ନିଜର ପ୍ରତିପତ୍ତି କିପରି ଆମେରିକାକୁ ଅତିକ୍ରମ କରିବ, ସେଥିପାଇଁ ସେ ଆଶା ବାନ୍ଧିଛନ୍ତି। ବିଶ୍ୱରେ କିପରି ସୁପର ଦେଶ ହୋଇପାରିବ, ସେଥିପାଇଁ ସଂଗ୍ରାମ ସେ ଜାରି ରଖିଥିବା ମନେହୁଏ। ଏଇଭଳି ଲକ୍ଷ୍ୟ ପୋଷଣ କରିଥିଲା ଚାଇନା। ସେଥିରୁ ସେ ମଧ୍ୟ ଓହରି ନାହିଁ। ତେବେ ରୁଷିଆ ଆଗ ଚାଇନାକୁ ପରାହତ କରିବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସ୍ଥାନ ନେବାକୁ ହେଲେ ଏସୀୟ ରାଷ୍ଟ୍ରଗୁଡ଼ିକ ରୁଷିଆର ବିଶ୍ୱାସଭାଜନ ହେବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କ ଚିନ୍ତାଧାରା ପ୍ରତି ରୁଷିଆ କିମ୍ବା ଆମେରିକା ସଚେତନ ହେବା ଜରୁରୀ। ରୁଷିଆ ଯଦି ଏବେ ଯୁଦ୍ଧ ରହିତ ମାନସିକତା ଗ୍ରହଣ କରିପାରନ୍ତା, ଚାଇନାର ଔଦ୍ଧତ୍ୟ ବିରୋଧରେ କୂଟନୀତି ପ୍ରୟୋଗ କରି ବିଶ୍ୱ ଶାନ୍ତି ଦିଗରେ ଅଗ୍ରସର ହୁଅନ୍ତା, ତେବେ ସର୍ବପ୍ରଥମେ ରୁଷିଆ ନିଜକୁ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରନ୍ତା। କିନ୍ତୁ ରୁଷିଆ ବେଳେବେଳେ ଆମେରିକାଠାରୁ ଭୟଙ୍କର ହୋଇଯାଉଛି। ଆମେରିକା ଓ ରୁଷିଆ ଅସ୍ତ୍ର ବେପାରକୁ ନେଇ ବିଶ୍ୱବାସୀଙ୍କୁ ଆତଙ୍କିତ କରି ଚାଲିଛନ୍ତି। ଏଥିରୁ ନିବୃତ୍ତ ନ ରହିଲେ, ଏମାନେ ବିଶ୍ୱବାସୀଙ୍କ ଆସ୍ଥା ଭାଜନ ହୋଇପାରିବେ ନାହିଁ।

– ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ବିଶ୍ୱାସ ଅଛି, ଭରସା ନାହିଁ



**ସବ୍ୟସାଚୀ ଦତ୍ତ**

ଆଗକୁ ଅନ୍ଧାରପକ୍ଷ ଆସୁଛି। କୁଞ୍ଜବଦଳିଆ, ଦାଆଗେଣ୍ଡାଳିଆ, ସାରସ, ପାତିହଂସ, ଜଡ଼ାହଂସ ସମସ୍ତଙ୍କ ମଧ୍ୟରେ ଭାଳେଣି, ମାଫିଆଙ୍କ ହାତରୁ ଏଥର ନିସ୍ତାର ନାହିଁ। କାକଟପୁର, ଅସ୍ତରଙ୍ଗ, ଦେବୀନଦୀ ମୁହାଣ, ଶଙ୍କରାଡିଆ, ସୁନାଡିଆ ଆଦି ଅଞ୍ଚଳରେ ଅତିଥି ପକ୍ଷୀମାନେ ମନ ମାରି ବସିଛନ୍ତି। ତାଙ୍କ ଫେରାଦ ''ଆମେ କ'ଣ ଅତିଥି ନୋହୁଁ? ଚିଲିକା ନଳବଣ ଅଭୟାରଣ୍ୟର ଆୟତନ ମାତ୍ର ୧୫.୫୩ ବର୍ଗ କି.ମି.। ଆମେ ଏତେ ଏତେ ସଂଖ୍ୟକ ବିଦେଶାଗତ ଅତିଥି ସେତିକି ଜାଗାରେ କେମିତି ବା ରହନ୍ତୁ? ପାଖାପାଖି ଅନ୍ୟ ପାଣି ଆଶ୍ରା ଜାଗା ଦେଖି ଆମେ ବସିଗଲୁ ବୋଲି 'ସାଇବେରିଆନ୍ କ୍ରେନ୍' ନ କହି ଆମକୁ ଦେଶୀ ନାଁରେ ଡକାଗଲାଣି। ଆମ ପାଇଁ ସିକ୍ୟୁରିଟି ବ୍ୟବସ୍ଥା ନାହିଁ। କିଏ ଅଠାକାଠିରେ, କିଏ ବିଷ ଦେଇ ତ କିଏ ଗୁଳି ଫୁଟାଇ ଶିକାର କରୁଛି। ଗାଁ ଗହଳିରେ ଦିନ ଦ୍ୱିପ୍ରହରରେ ବି ବିକ୍ରି ଚାଲିଛି ପକ୍ଷୀଙ୍କ ମାଂସ ; ମାତ୍ର ୩୦୦ରୁ ୪୦୦ ଟଙ୍କା କିଲୋରେ। ସମସ୍ତେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଦେଶୀ ଅତିଥିଙ୍କ ମାଂସର ସ୍ୱାଦ ଚାଖିପାରୁଛନ୍ତି। ବନ ବିଭାଗ କର୍ମଚାରୀ ମଝିରେ ମଝିରେ ଚଢ଼ାଉ କରୁଛନ୍ତି। ତାଙ୍କୁ ମଧ୍ୟ କିଛି ବିରଳ ପକ୍ଷୀର ମାଂସ ଭେଟି ଦେଲେ କାର୍ଯ୍ୟାନୁଷ୍ଠାନ ହୁଗୁଳା ହୋଇଯାଉଛି। ପରିବେଶବିତ୍‌ମାନେ କିନ୍ତୁ ନଛୋଡ଼ବନ୍ଦା। ବାରମ୍ବାର ସ୍ୱର ଉତ୍ତୋଳନ କରିଚାଲିଛନ୍ତି– 'ରକ୍ଷକ ସାଜିଛି ଭକ୍ଷକ'। ଏଇ ପରିବେଶବିତ୍‌ମାନେ ହିଁ ଆମର ଭରସା।''

ନଭେମ୍ବର ମାସରୁ ସମସ୍ତଙ୍କ ନଜର ଚିଲିକା ଉପରେ। ଏବେ ଜାନୁଆରୀ ୨୦୨୬ରେ ପକ୍ଷୀଗଣନା ସରିଲା। ୨୦ ଜାନୁଆରୀ ସୁଦ୍ଧା ୧୯୬ ପ୍ରଜାତିର ୧୧ ଲକ୍ଷ, ୩୨ ହଜାର, ୨୦୦ ବିଦେଶୀ ଅତିଥି ପକ୍ଷୀ ଆସିଥିଲେ ବୋଲି ବନ ବିଭାଗ ଘୋଷଣା କରିଛି। ଗତବର୍ଷ ମାତ୍ର ୧୦୬ ପ୍ରଜାତିର ପକ୍ଷୀ ବିଦେଶରୁ ଓଡ଼ିଶା ଆସିଥିଲେ ଓ ସେମାନଙ୍କର ସଂଖ୍ୟା ଥିଲା ମାତ୍ର ୧୧ ଲକ୍ଷ, ୧୦ ହଜାର ୨୫୭। ତେଣୁ ଏବର୍ଷ ପ୍ରାୟ ୪,୯୭୨ ଅଧିକ ପକ୍ଷୀ ଆସିଛନ୍ତି। କେବଳ ନଳବଣରେ ଠୁଳ ହୋଇଛନ୍ତି ୫୪,୩୬୧ ପକ୍ଷୀ। ଏ ପରିସଂଖ୍ୟାନକୁ ସାର୍ବଜନୀନ କରିବା ପାଇଁ ବନ ବିଭାଗ ପାଞ୍ଚଟି ରେଞ୍ଜରେ ୨୨ଟି ଟିମ୍‌କୁ ନିୟୋଜିତ କରିଥିଲେ। ଯାହା ଚାକ୍ଷୁଷ ଗଣତିରୁ ଜଣାପଡ଼ିଛି, ପ୍ଲେନ୍ ମାର୍ଟିନ୍ ଓ ବେଙ୍ଗଲ୍ ବୁଶ୍ ଲାର୍କ ନାମକ ଦୁଇଟି ପ୍ରଜାତିର ନୂଆ ପକ୍ଷୀ ଏ ବର୍ଷ ଚିଲିକାକୁ ଆସିଛନ୍ତି। ତେଣୁ ସରକାରଙ୍କ ତରଫରୁ ସବୁ ତତ୍ପରତା ସେଇଠି। ଗୋଟିଏ ସେକ୍ସନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରାୟ ୨୦ଟି ସୁରକ୍ଷା କ୍ୟାମ୍ପ ଗଠନ କରାଯାଇଛି। ପୂର୍ବତନ ଜଣାଶୁଣା ପକ୍ଷୀ ଶିକାରୀଙ୍କୁ ନେଇ ଏହି ପକ୍ଷୀ ସୁରକ୍ଷା କମିଟି ଗଠିତ।



ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ ସାମିଲ କରାଯାଇଛି। ପ୍ରତିଦିନ ପ୍ରାୟ ୫/୬ ଢାବା ଉପରେ ଅତର୍କିତ ଚଢ଼ାଉ କରାଯାଉଛି। ଡି.ଏଫ୍.ଓ. ସାହେବଙ୍କ ଭାଷାରେ 'ବିଲେଇକୁ ମାଛଭଜା ଜଗେଇବାରୁ ସୁଫଳ ମିଳିଲା'। ଚିଲିକାରେ ପକ୍ଷୀ ଶିକାର ଏବେ କମୁଛି। ଚିଲିକା ଅଞ୍ଚଳରେ ପ୍ରାୟ ୧୫୦ ପୂର୍ବତନ ଶିକାରୀ ଏବେ ପକ୍ଷୀଙ୍କର ସୁରକ୍ଷା ଦାୟିତ୍ୱ ନେଉଛନ୍ତି। ବିଶେଷକରି ପୂର୍ବତନ ପେସାଦାର ପକ୍ଷୀ ଶିକାରୀମାନେ ଲୋକଙ୍କୁ ପକ୍ଷୀ ଶିକାରର ଅପକାରିତା ସମ୍ପର୍କରେ ବୁଝାଉଥିବାରୁ ଜନସଚେତନତା ଯଥେଷ୍ଟ ବୃଦ୍ଧି ପାଇଛି। ପକ୍ଷୀଙ୍କୁ ଦେଖିବା ପାଇଁ ମଙ୍ଗଳାଯୋଡ଼ି ଓ ନଳବଣରେ ପର୍ଯ୍ୟଟକମାନଙ୍କ ଭିଡ଼ । ତେବେ ପକ୍ଷୀମାନଙ୍କର ସ୍ୱାଭାବିକ ଜୀବନ ଯେପରି ବିପର୍ଯ୍ୟସ୍ତ ନ ହୁଏ, ସେଥିପାଇଁ ନଳବଣ ମଧ୍ୟକୁ ବିଶେଷ ଅନୁମତି ବିନା କୌଣସି ବୋଟ୍‌କୁ ଯିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି। ପର୍ଯ୍ୟଟକମାନେ ଯେପରି ନଳବଣର ସୀମା ବାହାରୁ ପକ୍ଷୀଙ୍କୁ ଠିକ୍‌ଭାବେ ଦେଖିପାରିବେ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି।

ଆପଣ କେବେ ମୋଟରବୋଟ୍‌ରେ ୧୫୦୦ ଟଙ୍କା ଭଡ଼ା ଦେଇ ନଳବଣକୁ ପକ୍ଷୀ ଦେଖିବାର ସଉକ ମେଣ୍ଟାଇବା ପାଇଁ ଯାଇଛନ୍ତି କି? ଆପଣଙ୍କ ଆଖି କୌଣସି ଜୀବିତ ପ୍ରାଣୀକୁ ପକ୍ଷୀ ବୋଲି ଠଉରେଇ ପାରିବାର ଦୂରତ୍ୱରୁ ହିଁ ପକ୍ଷୀ ସୁରକ୍ଷା ପୋଲିସ୍ ଆପଣଙ୍କୁ ରୋକିଦେବେ। ଯଦି ଆପଣ ବିଦେଶୀ ଅତିଥି ପକ୍ଷୀ ଦେଖିବାର ଆଶା ମନରେ ପୋଷଣ କରିଛନ୍ତି, ତେବେ ଚିଲିକା ନ ଯାଇ ପ୍ରୟାଗରାଜ (ଆହ୍ଲାବାଦ) କି ବାରାଣସୀ ଯାଆନ୍ତୁ। ତୀର୍ଥକୁ ତୀର୍ଥ ହେବ। ତ୍ରିବେଣୀସଙ୍ଗମ ଦେଖିବାକୁ ସଡ଼କ ପଥରେ ନଯାଇ ନଦୀପଥରେ ଡଙ୍ଗାଘାଟରୁ ଯାଆନ୍ତୁ। ନଦୀପଥରେ କିଶୋରମାନେ ୧୦ ଟଙ୍କାର ସେଉ/ଗାଣ୍ଠିଆ ପ୍ୟାକେଟ ଡଙ୍ଗାରେ ବିକ୍ରି କରୁଥିବାର ଭେଟିବେ। ତାଙ୍କଠାରୁ ପ୍ୟାକେଟଟିଏ କିଣି ଆ...ଆ... ବୋଲି ଡାକନ୍ତୁ। ବିଦେଶାଗତ ପକ୍ଷୀ ଆପଣଙ୍କ ହାତରୁ ତାହା ଛଡେଇ ନେଇ ଖାଇବେ। ଘଣ୍ଟା ଘଣ୍ଟା ଧରି ଏ ଦୃଶ୍ୟ ଅବିରତ ଚାଲିବ। ଆପଣ ଯଥେଷ୍ଟ ଆମୋଦିତ ହେବେ।

ଖାଲି ଚିଲିକା କାହିଁକ, ପ୍ରୟାଗରାଜ, ବାରାଣସୀ ଭଳି ଅନେକ ଜାଗାକୁ ସାଇବେରିଆ ଆଦି ଅଞ୍ଚଳର ପକ୍ଷୀମାନେ ଶୀତଦିନେ ଆସନ୍ତି। ପ୍ରୟାଗରାଜର ସଂସ୍କୃତି ନୁହେଁ ଆମିଷ ଭକ୍ଷଣ। ଫଳତଃ ପକ୍ଷୀମାନେ ଆପଣଙ୍କ ହାତରୁ ଗାଣ୍ଠିଆ ଖାଇବେ ଓ ବିନିମୟରେ ଆମୋଦ ବିତରଣ କରିବେ। କିନ୍ତୁ ଆମ ଓଡ଼ିଶା ତ ଆମିଷ ବାବଦରେ ନିଆରା। ଏଠି ପକ୍ଷୀକୁଳ ଓଡ଼ିଆଙ୍କ ବ୍ୟବହାରରେ ନିଜକୁ ନିରାପଦ ମଣନ୍ତି ନାହିଁ। ତେଣୁ ପର୍ଯ୍ୟଟକ ଦେଖିଲେ ଦୂରକୁ ଦୂରକୁ ପଳାନ୍ତି। ତଥାପି ପ୍ରଶ୍ନ ଆସେ ଯେ ପ୍ରତ୍ୟେକ ବର୍ଷ ଅତିଥି ପକ୍ଷୀଙ୍କ ସଂଖ୍ୟା ଓଡ଼ିଶାରେ ଏତେ ବଢୁଛି କାହିଁକି ? ବୋଧେ ବିଦେଶୀ ପକ୍ଷୀଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ଅଛି ଯେ, ଓଡ଼ିଶାକୁ ଗଲେ ସଫଳ ପ୍ରଜନନ କରି ଭବିଷ୍ୟତ ଗଢ଼ି ହେବ, କିନ୍ତୁ ଓଡ଼ିଆଙ୍କୁ ଭରସା ନାହିଁ। କିଏ କହିପାରେ, କେତେବେଳେ କୋଉ କଥା। ଜୀବନ ବଞ୍ଚାଇ ନିରାପଦ ଦୂରତ୍ୱରେ ରହିଲେ ସାଇବେରିଆ ଫେରିବା କଥା ଚିନ୍ତା କରିହେବ।

ମୋ: ୯୪୩୭୦୪୫୫୪୭

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଟିଭି ଶୋ' ଦେଖି ସେ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଷ୍ଟ୍ରବେରି ଚାଷ କରିବା ପୂର୍ବରୁ ୧୩ ବର୍ଷ ଧରି ୧୦ ଏକର ଜମିରେ ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲର ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ହାଇଡ୍ରୋପୋନିକ୍ସ ପଦ୍ଧତି ସମ୍ପୂର୍ଣ୍ଣ କରିବା ପାଇଁ ସେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏଥିପାଇଁ ଦେଢ଼ବର୍ଷ ସମୟ ଲାଗିଥିଲା। ସେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିରୁ ପ୍ରଥମେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି ଏବଂ ଆସନ୍ତା ବର୍ଷ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି କହନ୍ତି ଧୀରଜ। ସେ ମଧ୍ୟ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଲାଲ ଓ ହଳଦିଆ କ୍ୟାପ୍ସିକମ୍ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୬

- କଂଗ୍ରେସ ଦଳର ପ୍ରାର୍ଥୀତ୍ୱକୁ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଭିଭି ଗିରିଙ୍କ ପୁତ୍ର ଶ୍ରୀ ଶଙ୍କର ଗିରିଙ୍କ ପ୍ରତ୍ୟାଖ୍ୟାନ।
- ରାଜ୍ୟର ନବନିଯୁକ୍ତ ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର୍ ଏକ ମନୋରମ ପରିବେଶ ମଧ୍ୟରେ ଶପଥ ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାର ନିକଟରେ ଡାକତାର ବିଭାଗ ପକ୍ଷରୁ ଏକ ନୂତନ ପୋଷ୍ଟାଲ ଡିଭିଜନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | | | | | | 1 |
| | | | | | | | | |
| 6 | | 2 | 8 | | | | | |
| | 6 | 4 | 9 | | 8 | 5 | 2 | |
| 9 | | | | 5 | | 1 | 3 | |
| | | 1 | | 6 | 3 | 4 | 9 | 8 |
| 5 | 4 | | | 9 | | 8 | 7 | 2 |
| | 2 | | | | 4 | 9 | | |
| | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 4 | 5 | 8 | 9 | 3 | 6 |
| 4 | 9 | 3 | 7 | 6 | 1 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 9 | 2 | 7 | 8 | 1 | 6 | 3 | 4 | 5 |
| 6 | 8 | 5 | 2 | 3 | 4 | 1 | 7 | 9 |
| 3 | 1 | 4 | 5 | 9 | 7 | 2 | 6 | 8 |
| 7 | 5 | 9 | 3 | 4 | 2 | 6 | 8 | 1 |
| 2 | 3 | 1 | 6 | 8 | 5 | 7 | 9 | 4 |
| 8 | 4 | 6 | 1 | 7 | 9 | 5 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ବସ୍ ପରିଚାଳନାର ପୁନଃ ବିଚାର ହେଉ

ମହାଶୟ,
ନିକଟ ଅତୀତରେ ପ୍ରକାଶିତ ସ୍କ୍ରିନିଂ ଟେଷ୍ଟ ପାସ୍ କରିବା ପରେ ଆମ ବସ୍‌ଗୁଡ଼ିକୁ ରାଜଧାନୀ ତଥା ତତ୍ ସଂଲଗ୍ନ ସ୍ଥାନଗୁଡ଼ିକରେ ଡ୍ରାଇଭରମାନେ ନିର୍ଦ୍ୱନ୍ଦ୍ୱରେ ଚଳାଇ ପାରିବେ। କେବଳ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା, ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମିଳିପାରିବ ପ୍ରୋତ୍ସାହନ ରାଶି ସାଙ୍ଗକୁ ଉତ୍ତମ ଦରମା। ରଙ୍ଗ ବଦଳା ଯାଇ ମୋ ବସ୍‌କୁ ଆମ ବସ୍ ସେବାକୁ ରୂପାନ୍ତରିତ କରାଯିବା ବର୍ତ୍ତମାନ ସରକାରଙ୍କର ନ୍ୟାୟୋଚିତ ପଦକ୍ଷେପ ନୁହେଁ। ତେବେ ବର୍ତ୍ତମାନ ଆମ ବସ୍‌ର ପରିଚାଳନାଗତ ତ୍ରୁଟି କ୍ରମାଗତ ଭାବେ ଘଟି ଚାଲିଛି। ଏସବୁ ଦୋଷ ଦୁର୍ବଳତାକୁ ଏଡ଼ାଯାଇପାରିବ ନାହିଁ। କାରଣ ଏହି କ୍ଷେତ୍ରରେ ପ୍ରଶାସନିକ ଅବହେଳା ରହିଛି। ସରକାର ଦୁର୍ଘଟଣାରେ ପୀଡ଼ିତାପୀଡ଼ିତଙ୍କ ହିତ ଦୃଷ୍ଟିରୁ ଉପଯୁକ୍ତ କ୍ଷତି ପୂରଣ ପାଇଁ ପଦକ୍ଷେପ ନେବା ଉଚିତ। ଦ୍ୱିତୀୟତଃ ଉପଯୁକ୍ତ ଏବଂ ଦକ୍ଷ ବସ୍ ଚାଳକଙ୍କୁ ଚୟନ କରିବାର ଆବଶ୍ୟକତା ରହିଛି। ଏମ୍‌ଭିଆଇମାନଙ୍କର ଦାୟିତ୍ୱ ମଧ୍ୟ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ତତ୍ ସହିତ ବସ୍‌ଚାଳକ ରୂପେ ଚୟନ ହୋଇଥିବା ସମସ୍ତଙ୍କୁ ଦକ୍ଷତା ହିସାବରେ ନିୟୋଜିତ କରାଯାଇ କାର୍ଯ୍ୟ କରାଯିବାର ଆବଶ୍ୟକତା ପରିଲକ୍ଷିତ ହୁଏ। ତେଣୁ ଆମ ବସ୍ ଦୁର୍ଘଟଣାର ହାରକୁ କମ୍ କରାଯିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ।

**– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକରୋଡ୍, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହେଁ ସତେ ?
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆସୁଛି ନିର୍ବାଚନ**

# ପୁରୁଣା ଗଡ଼ ହାତେଇବାକୁ କଂଗ୍ରେସର ପ୍ରୟାସ

ବ୍ରହ୍ମପୁର,୭।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ କଂଗ୍ରେସର ସେଭଳି ପତିଆରା ନାହିଁ। ଯେଉଁ ପୁରୁଣା ଗଡ ଥିଲା ତାହା ବିଜେଡି ଶାସନ ସମୟରେ ରସାତଳଗାମୀ ହୋଇ ସାରିଛି। ଶାସନ ଏବେ ବିଜେଡି ହାତରୁ ଭାଜପା ହାତକୁ ଆସିଛି। ବର୍ତ୍ତମାନ ପୌର ଓ ପଞ୍ଚାୟତ ନିର୍ବାଚନ ହେବା। ଆସନ୍ତା ଜୁନ ବେଳକୁ ପୌର ନିର୍ବାଚନ ହେବ ବୋଲି ବିଗୁଲ ବାଜି ସାରିଛି। ଏଭଳି ପରିସ୍ଥିତିରେ ନିଜ ପୁରୁଣା ଗଡ ହାତେଇବାକୁ କଂଗ୍ରେସ ପ୍ରୟାସ ଆରମ୍ଭ କରିଥିବା ଜିଲା କଂଗ୍ରେସ ସଭାପତି(ପୂର୍ବ) ରଶ୍ମି ରଞ୍ଜନ ପଟ୍ଟନାୟକ ଶନିବାର କହିଛନ୍ତି। ତାଙ୍କ କହିବା କଥା ହେଲା ସେ ସଭାପତି ଦାୟିତ୍ୱ ନେବାର ୩ ମାସ ହୋଇ ୪ ଚାଲୁଛି। କଂଗ୍ରେସକୁ ଜିରୋରୁ ହିରୋ କରିବାକୁ ପଡିବ। ସେଥିପାଇଁ ପୁରୁଣା କଂଗ୍ରେସ କର୍ମୀଙ୍କୁ ଦଳକୁ ଟାଣିବାକୁ ପ୍ରୟାସ ଜାରି ହୋଇଛି। ଏଥି ସହିତ ବିଜେଡି ଓ ଭାଜପାର ଅସନ୍ତୁଷ୍ଟମାନେ ମଧ୍ୟ କଂଗ୍ରେସକୁ ଆସିବାକୁ ଗୋଡ

## ବିକାଶ ଉପରେ ଗୁରୁତ୍ୱ ଦିଆଯିବ: ରଶ୍ମି

କାଢ଼ି ବସିଥିବା ଅନୁମାନ କରାଯାଉଛି। କଂଗ୍ରେସ ସବୁବେଳେ ବିକାଶର କଥା କହି ଆସିଛି। ଏବେ ବି ସେ ବିକାଶକୁ ମୁଦ୍ଦା କରି ଲୋକଙ୍କ ପାଖକୁ ଯିବ। ନିଜ ପୁରୁଣା ଗଡକୁ ପୁଣି ସଜାଡିବା ବହୁତ କଷ୍ଟ। କଂଗ୍ରେସରେ ଯେଉଁ କର୍ମୀମାନେ ଥିଲେ ସେମାନେ ସହଯୋଗ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଛନ୍ତି। ଦେଖିବାକୁ ଗଲେ ବର୍ତ୍ତମାନ ଜିଲାରେ ସର୍ବାଧିକ ସହରାଞ୍ଚଳ ରହିଛି। ସେଥିରୁ ୫ ଏନଏସି କବିସୂର୍ଯ୍ୟନଗର, ଛତ୍ରପୁର, ଭଞ୍ଜନଗର, ଆସିକା ଓ ପୋଲସରାକୁ ପୌରାଞ୍ଚଳର ମାନ୍ୟତା ମିଳିଥିବାବେଳେ ଜଗନ୍ନାଥପ୍ରସାଦ ଓ ପ୍ରାତ୍ରପୁର ଏନଏସିରେ ପ୍ରଥମ କରି ନିର୍ବାଚନ ହେବ। ୨୦୨୨ ନିର୍ବାଚନରେ ଅଧିକାଂଶ ସହରାଞ୍ଚଳରେ ବିଜେଡି ଜିତିଥିଲା। ଦୀର୍ଘଦିନ ଶାସନ କଲା ପରେ ବିଜେଡି ମଧ୍ୟ ଓ ସମ୍ପୂର୍ଣ୍ଣ ସଂଗଠନକୁ ସୁଦୃଢ଼ କରିଥିଲା। କଂଗ୍ରେସ ସବୁଠି ପ୍ରାର୍ଥୀ ଦେଇଥିଲେ ବି ସେଭଳି ସଫଳ କରିପାରିନଥିଲା। ଭାଜପା ଆସିବା ପରେ ଅଧିକାଂଶ ପୌରାଞ୍ଚଳ ଓ ବ୍ଲକରେ ନିଜ ପରିଆରା ବୃଦ୍ଧି ପାଇଁ ପ୍ରୟାସ ଆରମ୍ଭ କରିଛି। ବିଜେଡିର ଜିଲା ସଭାପତି ବିକ୍ରମ ପଣ୍ଡା ପୀଡବାର ପଣ୍ଡା ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ଦୁଇ ପୁରୁଖା ନେତାଙ୍କୁ ବିଜେଡି ଜିଲା ସମ୍ପାଦନା ଦାୟିତ୍ୱ ଦେଇଥିଲେ ବି କଂଗ୍ରେସ ଏଥିରୁ ଫାଇଦା ନେବାକୁ ଚେଷ୍ଟା କରିବା ସ୍ୱାଭାବିକ। କଂଗ୍ରେସ ଜିଲା ସଭାପତି ରଶ୍ମିଙ୍କ ଘର ବ୍ରହ୍ମପୁରରେ ହୋଇଥିବାରୁ ବ୍ରହ୍ମପୁର ମହାନଗର ନିଗମକୁ ତାଙ୍କର ଅଧିକ ଫୋକସ ରହିବ ବୋଲି ଚର୍ଚ୍ଚା ହେଉଛି। ବ୍ରହ୍ମପୁରର ୪୨ ୱାର୍ଡ଼ରୁ କେବଳ ୧୬ ନଂ. ୱାର୍ଡ଼ରେ କଂଗ୍ରେସ କର୍ପୋରେଟର ଅଛନ୍ତି। ବ୍ରହ୍ମପୁରକୁ ହାତେଇବାକୁ କଂଗ୍ରେସକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ହେବ। ଏଣେ ୨୦୨୨ ନିର୍ବାଚନକୁ ଯଦି ଦୃଷ୍ଟି ଦିଆଯାଏ ଜିଲାର ୧୭ ଏନଏସିରୁ ବିଜେଡି ୧୧, ଭାଜପା ୨, ସ୍ୱାଧୀନ ୨ ଓ କଂଗ୍ରେସକୁ ଗୋଟିଏ ଅଧ୍ୟକ୍ଷ ପଦ ମିଳିଥିଲା, ତାହା ଥିଲା ଦିଗପହଣ୍ଡି ଏନଏସି। ଯଦି ଜିଲାକୁ ଦୃଷ୍ଟି ଦିଆଯାଏ ତେବେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ରମେଶ ଜେନା କଂଗ୍ରେସରୁ ଜିତିଛନ୍ତି। ତାଙ୍କ ଉପରେ ବି ଦଳର ଭରସା ରହିଛି। ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ କଂଗ୍ରେସ ତା'ର ଦଳ ସଜାଡିବା ଆରମ୍ଭ କରିଦେଇଛି। ତେବେ କଂଗ୍ରେସରେ ଥିବା ଅନ୍ତଃକଳହ ଓ ନେତୃତ୍ୱକୁ ନେଇ ଯେଉଁ ଛକାପଞ୍ଝା ଲାଗିଥିଲା ତାହା ଧୀରେ ଧୀରେ ଏବେ ସମାଧାନ ହେବାରେ ଲାଗିଛି। ଜିଲା ପୂର୍ବ ସଭାପତି ରଶ୍ମିଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ବିଭିନ୍ନ ଚା'ଖଟିରେ ଆଲୋଚନା ହେଉଛି। କଂଗ୍ରେସ ଅମଳରେ କ'ଣ ବିକାଶ ହୋଇଥିଲା, ଅନ୍ୟ ସରକାର ଅମଳରେ କ'ଣ ବିକାଶ ହୋଇଛି ତାହାର ତୁଳନାତ୍ମକ ଚିତ୍ର ନିଶ୍ଚିତ ଭାବେ କଂଗ୍ରେସ ଲୋକଙ୍କ ନିକଟରେ ପହଞ୍ଚାଇବ ଏଥିରେ ସନ୍ଦେହ ନାହିଁ। ପୁରୁଣା ଗଡକୁ କଂଗ୍ରେସ ଦଖଲ କରିବାକୁ ଆଶାବାଦୀ ରହିଥିବା ରଶ୍ମି କହିଛନ୍ତି।

# ୨୦ରେ ଗୀତା ଭବନରେ ସାମୂହିକ ବିବାହ ଉତ୍ସବ

ବ୍ରହ୍ମପୁର,୭।୨(ଅଶୋକ କୁମାର ସାହୁ)

ଆସନ୍ତା ୨୦ ତାରିଖରେ ବ୍ରହ୍ମପୁର ଗୀତା ଭବନରେ ସାମୂହିକ ବିବାହ ଉତ୍ସବ ହେବ। କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ୧୩, ଗଜପତି ଜିଲାରୁ ୨ ବରକନ୍ୟା ଏଥିରେ ଯୋଗଦେବେ। ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ଏହି ସାମୂହିକ ବିବାହ ହେବ। ଏଥିରେ ଝିଅ ଓ ପୁଅ ଘର ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ଭୋଜିଭାତରେ ଆପ୍ୟାୟିତ କରାଯିବ। କନ୍ୟାମାନଙ୍କୁ ଆବଶ୍ୟକୀୟ ଘରକରଣି, ପ୍ରସାଧନ ସାମଗ୍ରୀ ସହ ବିଭିନ୍ନ ଉପହାର ଦିଆଯିବ। ସମାଜରେ ଯୌତୁକ ପ୍ରଥା, ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା ଏବଂ ଯେଉଁ ଘରର ଝିଅ, ପୁଅ ଆର୍ଥିକ ଦୁର୍ବଳ ଯୋଗୁ ବାହାଘର ସ୍ୱପ୍ନ ମନେ କରନ୍ତି, ସେମାନଙ୍କ ସ୍ୱପ୍ନକୁ ସାକାର କରି ବିବାହ ବନ୍ଧନରେ ଯୋଡି ନୂତନ ଜୀବନ ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟ ସଭାନେତ୍ରୀ ରଞ୍ଜନା ମିଶ୍ର ପ୍ରକାଶ କରିଛନ୍ତି। ଏହି ପ୍ରୟାସ ଦୀର୍ଘ ୪ ବର୍ଷ ଧରି ଜାରି ରହିଛି ବୋଲି ସେ କହିଛନ୍ତି।

# ବିଏମ୍‌ସି ଦୋକାନୀଙ୍କୁ ବାଣ୍ଟିଲା କ୍ୟୁ ଆର୍ କୋଡ୍



ମେୟର ସଂଘମିତ୍ରା ଦଳେଇ, କମିଶନର, ଡେପୁଟି ମେୟରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୭।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଶନିବାର ମହାନଗରର ଷ୍ଟଲଗୁଡ଼ିକରେ ଦୋକାନ କରିଥିବା ଦୋକାନୀଙ୍କୁ କ୍ୟୁ ଆର କୋଡ ବଣ୍ଟନ କରାଯାଇଛି। ରାମଲିଙ୍ଗେଶ୍ୱର ଟ୍ୟାଙ୍କ ନିକଟରେ ଏକ କାର୍ଯ୍ୟକ୍ରମରେ ପ୍ରାୟ ୧୦ ଗ୍ରାମୀୟ ଦୋକାନୀଙ୍କୁ ଏହା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ସହକାରୀ କମିଶନର ରୋନିତ କୁମାର, ୱାର୍ଡ ନଂ. ୨୬ର କର୍ପୋରେଟର ଧିରେଶ ସାବତ, ୱାର୍ଡ ନଂ. ୭ର ଟି.କିଶୋର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କମିଶନର ରାଜଶିର୍କେଙ୍କୁ ପଚାରିବାରୁ ସେ କହିଲେ ଯେ, ସହରରେ ବିଏମସିର ୮୫୮ ଷ୍ଟଲ ରହିଛି। ୪ କୋମ୍ପ୍ଲେକ୍ସରେ ୨୩୬ ଭେଣ୍ଡିଂ ଯୁନିଟ ରହିଛି। ମୋଟ ୧୧୦୪ ଷ୍ଟଲକୁ ପର୍ଯ୍ୟାୟକ୍ରମେ ଏହା ବଣ୍ଟନ କରାଯିବ। ସୋମବାରଠାରୁ ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟ ଆରମ୍ଭ ହେବ। ଦୋକାନୀମାନେ ଅନଲାଇନରେ ସେମାନଙ୍କ ମାସିକ ଭଡା ପୈଠ କରିପାରିବେ। ସେମାନେ ଏଠାକୁ ଆସିଲେ ସମୟ ଓ ଅଯଥା ଅର୍ଥ ଖର୍ଚ୍ଚ ହେଉଥିଲା। ସେଥିରୁ ସେମାନଙ୍କୁ ରକ୍ଷା ମିଳିବ। ଏଥି ସହିତ ୪ ମାସ ପର୍ଯ୍ୟନ୍ତ ଅପେକ୍ଷା କରାଯିବ। ଯଦି ପୈଠ ନ ହେଲା ତେବେ ସେମାନଙ୍କ ନିକଟରୁ ଯାଇ ଭଡା ସଂଗ୍ରହ କରାଯିବ। ଏନେଇ ସହକାରୀ କମିଶନର ରୋନିତ କୁମାର କହିଲେ ଯେ, ବିଏମସିର କର ଆଦାୟ କରିବା ପାଇଁ କେବଳ ୨ କର୍ମଚାରୀ ଅଛନ୍ତି।

# କ୍ୱାଣ୍ଟମ ବିଜ୍ଞାନ ଶିକ୍ଷା ଓ ଗବେଷଣା ମଧ୍ୟରେ ଏକ ସେତୁ




କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଓ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଓ ଓଡ଼ିଶା ପଦାର୍ଥ ବିଜ୍ଞାନ ସଂଗଠନ ମିଳିତ ଉଦ୍ୟମରେ ୪୨ ତମ ବାର୍ଷିକ ସମ୍ମିଳନୀ ସହ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଥିଲା 'କାଣ୍ଟମ ଫିଜିକ୍ସ ଠାରୁ କ୍ୱାଣ୍ଟମ ଟେକନୋଲୋଜି' ଏକ ଶତାବ୍ଦୀର ଯାତ୍ରା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଲୋଚନାଚକ୍ର ଜ୍ଞାନ ଆହରଣର ମାଧ୍ୟମ ବୋଲି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ୟୁଏସଏ ମିଚିଗାନ ୟୁନିଭରସିଟିର ପ୍ରଫେସର ଏସ.ଡ଼ି.ମହାନ୍ତି ଯୋଗ ଦେଇ କାଣ୍ଟମ ବିଜ୍ଞାନ ଆଗାମୀ ଦିନରେ କିପରି ଶିକ୍ଷା ଓ ଗବେଷଣା ମଧ୍ୟରେ ସେତୁ ବନ୍ଧ ସୃଷ୍ଟି କରିବ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ୟୁଏସଏ ମିସୌରୀ ୟୁନିଭରସିଟିର ପ୍ରଫେସର ଶଶୀ ଶତପଥୀ ଯୋଗ ଦେଇ ଏକ ଶହ ବର୍ଷର କାଣ୍ଟମ ଯାତ୍ରା ଆଗାମୀ ଦିନରେ ନୂତନ ଶିଳ୍ପ ଓ ଜ୍ଞାନ ଭିତ୍ତିକ ଅର୍ଥନୀତିକୁ କିପରି ସୁଦୃଢ଼ କରିବ ତା' ଉପରେ ମତ ରଖିଥିଲେ । ନିମନ୍ତ୍ରିତ ଅତିଥି ଭାବେ ପ୍ରଫେସର କେ.କେ.ନନ୍ଦ,ପ୍ରଫେସର ଅରୁଣ ପତି,ପ୍ରଫେସର ସଞ୍ଜୟ ଜେନ, ପ୍ରଫେସର ଏଲ.ପି.ସିଂ ଯୋଗ ଦେଇ କାଣ୍ଟମ ବିଜ୍ଞାନର ଇତିହାସ, ପ୍ରକୃତି,ପ୍ରାକୃତିକ ପ୍ରୟୋଗ ଏବଂ ବିଭିନ୍ନ ମଡେଲ ବିଷୟରେ ଆଲୋପାତ କରିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ପିଏମଇସିର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଏସ.କେ.ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ପୁସ୍ତିକା ଦିଗବଳୟ ଉନ୍ମୋଚନ ହୋଇଥିଲା। ୧୭ ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ ୨ ଜଣ ଯୁବ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ଼.ଏସ.ଏସ.ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ୩୬୬ ଅଧ୍ୟାପକ ଅଧ୍ୟାପିକା, ଗବେଷକ,ଗବେଷିକା ପଞ୍ଜିକୃତ କରିଥିଲେ । ପ୍ରଥମ ଦିନରେ ୭୦ ଜଣ ପୋଷ୍ଟର ପ୍ରଦର୍ଶନ କରିବା ସହ ସନ୍ଦର୍ଭ ପାଠ କରିଥିଲେ ।

# ଆମେରିକା ସହ ଭାରତର ଅନ୍ତରୀଣ ବାଣିଜ୍ୟ ଚୁକ୍ତିକୁ ନିନ୍ଦା

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ଆମେରିକା ସହ ଭାରତ ଅନ୍ତରୀଣ ବାଣିଜ୍ୟ ଚୁକ୍ତି କରିଥିବାବେଳେ ଏହାକୁ ସିପିଆଇ (ଏମଏଲ) ନ୍ୟୁ ଡେମୋକ୍ରେସି ନିନ୍ଦା କରିଛି। ଏଥି ପାଇଁ ଏକ ଫ୍ରେମୱର୍କ ଘୋଷଣା କରାଯାଇଛି। ଭାରତୀୟ ଶିଳ୍ପ, କୃଷି ଏବଂ ଦୁଗ୍ଧ କ୍ଷେତ୍ର ସମେତ ସମଗ୍ର ଭାରତୀୟ ଅର୍ଥନୀତି ପାଇଁ ଏକ ଅଶୁଭ ସଙ୍କେତ । କେନ୍ଦ୍ରୀୟ ବଜେଟ ଭାରତୀୟ ଅର୍ଥନୀତିର ଅନ୍ଧକାର ଚିତ୍ରକୁ ସ୍ପଷ୍ଟ କରିଦେଇଥିଲା। ରାଜସ୍ୱ ବୃଦ୍ଧିର ମନ୍ଥର ଗତି, ସରକାରୀ ଋଣର ବୃଦ୍ଧି, କୃଷି ସଙ୍କଟରେ ବୃଦ୍ଧି ଓ ଚାକିରି ସୃଷ୍ଟିର ହ୍ରାସ ଏବଂ ସାମାଜିକ କ୍ଷେତ୍ରରେ ବ୍ୟୟ ବରାଦରେ ହ୍ରାସ ଦେଖିବାକୁ ମିଳିଛି । ୪ ଶ୍ରମ ସଂହିତା ଓ ଭିବିଜି ରାମଜି ମାଧ୍ୟମରେ ଶ୍ରମିକମାନଙ୍କୁ ଆକ୍ରମଣ କରାଯାଇଛି। ଏହି ପରିପ୍ରେକ୍ଷିରେ, ମୋଦୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା କୃଷକଙ୍କ ହିତ ସୁରକ୍ଷିତ ବୋଲି କହିବାର କୌଣସି ଆଧାର ନାହିଁ । ଶାସକ ସରକାର ଦେଶ ଓ ତାହାର ପରିଶ୍ରମୀ ଜନତାଙ୍କ ହିତ ସୁରକ୍ଷା କରିବାରେ ବିଫଳ ହୋଇଛନ୍ତି । ତେଣୁ ସିପିଆଇ (ଏମଏଲ)ନ୍ୟୁ ଡେମୋକ୍ରେସି ଏହି ଫ୍ରେମୱର୍କ ଚୁକ୍ତି ଦେଶବିରୋଧୀ ବୋଲି କହିବା ସହ ଏହା ବିରୋଧରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛି ବୋଲି ରାଜ୍ୟ କମିଟି ମୁଖପାତ୍ର ଭାଲଚନ୍ଦ୍ର ଷଡଙ୍ଗୀ ଏକ ପ୍ରେସ ନୋଟ ଜରିଆରେ ପ୍ରକାଶ କରିଛନ୍ତି।

# ଏକବିଂଶ ଶତାବ୍ଦୀର କଥାସାହିତ୍ୟ ପ୍ରତି ସଚେତନ ହେବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ର ସରିଛି। ପ୍ରଥମ ବୈଷୟିକ ଅଧିବେଶନରେ ସଭାମୁଖ୍ୟ ଥିଲେ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁ । ଡ. ଦେବୀ ପ୍ରସାଦ ଶତପଥୀ, ଡ. ନଳିନୀ କୁମାର ପାଣିଗ୍ରାହୀ, ଡ. ଶରତ କୁମାର ଜେନା, ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ, ଡ. ମନୋରଞ୍ଜନ ବିଷୋୟୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଉଦଯାପନୀ ପର୍ବରେ ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ମେଜର ରମାରମଣ ପାଢ଼ୀ ଏକବିଂଶ ଶତାବ୍ଦୀର କଥାସାହିତ୍ୟ ପ୍ରତି ସଚେତନ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏକବିଂଶ ଶତାବ୍ଦୀର କଥାସାହିତ୍ୟର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ କହିଥିଲେ। ସମ୍ମାନନୀୟ ବକ୍ତା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ପ୍ରଫେସର ଶରତ କୁମାର ଜେନା ଏକବିଂଶ ଶତାବ୍ଦୀର କଥା ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବୈଶିଷ୍ଟ୍ୟ ଓ ଏହାର ଗତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିଥିଲେ। ବିଭାଗମୁଖ୍ୟ ଡ. ଉଷାରାଣୀ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା ଓ ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ଦେଇଥିଲେ। ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଓଡ଼ିଶା ସରକାର
GOVERNMENT OF ODISHA

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା

**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**

Phone No. 0661-2664637, Fax No. 0661-2664639, email : dfo.rourkela@odisha.gov.in

Order No. 40 / Dtd. 05.02.2026

Local Tender Call Notice For "Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"

**No.8001/20/2526** : Sealed tenders are invited under Single Bid system from the intending suppliers/manufacturers for **"Installation & Erection of MS Fabricated Traffic Signs Board Warning of Crossing Elephant, Rourkela Forest Division during the year 2025-26"** under Rourkela Forest Division on terms and conditions mentioned in the standard bidding documents so as to reach in the O/o the DFO, Rourkela on or before 13.02.2026 up to 05:00 P.M through Registered/ Speed Post/ Courier Service and can also be dropped in Tender Box placed in Office of the Divisional Forest Officer, Rourkela Forest Division. The tenders will be opened on dtd. 13.02.2026 at 11:00 AM in the O/o the Divisional Forest Officer, Rourkela. The standard bidding documents and terms and conditions can be downloaded from www.dforourkela.in/ www.odishaforest.in and also can be obtained from Office of the Divisional Forest Officer, Rourkela Division, Panposh from 07.02.2026 to 12.02.2026 during office hours.

Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

Sd./- (Tender Calling Authority)
OIPR-8001/8044/1/25-26/0020 Divisional Forest Officer, Rourkela Forest Division

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**

Letter No. 629 / Dt. 06.02.2026

GOVERNMENT OF ODISHA e-Procurement Notice

Bid Identification No. online SECMID - 33/2025-26

No.32001/27/2526 eemidcuttack@yahoo.co.in

| | | |
|---|---|---|
| 1 | Name of work | **Construction of Check Dams & MIP under MATY and MIPSP scheme in MI Sub-Division Athagarh Banki & Narasinghpur** |
| 2 | Total Number of work | **04 (Four) nos.** |
| 3 | Estimated cost | **Varies from Rs.51.62 to 78.57 lakhs** |
| 4 | Tender paper Cost (Online) | **Rs.10,000/-** |
| 5 | Bid Security (Online) | As per DTCN |
| 6 | Period of Completion | As per DTCN |
| 7 | Availability of Bid Document | From **11.02.2026, 10.00 A.M. to 20.02.2026, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | **20.02.2026 at 5.00 P.M.** through online Bid |
| 9 | Date of opening of Technical Bid documents | **21.02.2026 at 11.00 A.M.** in the office of the SE, M.I. Division, Cuttack |
| 10 | Date of Opening of Financial Bid Documents | **25.02.2026 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | **06.03.2026 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web-Site www.tendersorissa.gov.in

**Notes : Corrigendum / Addendum / Modification / Additions if any, can be seen through On-line only.**

Sd./- Superintending Engineer
OIPR-32001/32121/1/25-26/0027 M.I. Division, Cuttack

**BEFORE THE STATE CONSUMER DISPUTES REDRESSAL COMMISSION, ORISSA, CUTTACK**

(First Appeal No. 435 of 2024)

**IN THE MATTER OF:**
**Branch Manager,**
**The Sundargarh District Central Co-operative Bank Ltd.,**
**Hemgir Branch** ... Petitioner
Vrs.
**Niranjan Pradhan & Others** ... Opp. Parties

To
**The Manager**
**Sivam Agrotech, Cuttack**
**At/P.O./Dist.: Cuttack**

**DRAFT NOTICE**

**SUMMONS BY PAPER PUBLICATION IN LOCAL NEWS PAPER FOR SHOW CAUSE AS TO WHY RELIEF PRAYED IN THE F.A. SHOULD NOT BE GRANTED**

To know the addressee that, above mentioned appellant has filed the appeal against the respondents before this Hon'ble Commission, Cuttack notice was sent to Respondent No. 2, through Speed Post, it has returned un-served. Hence, this notice is being published as per direction of this Hon'ble Commission interalia informing you to appear in person before this Hon'ble Commission in person or through Advocate on dated 23.2.26 at 10.30 A.M. in the appeal, failing which appropriate order shall be passed ex-party by this Hon'ble Commission.

By the Order of SCDRC,
Odisha, Cuttack
Secretary, SCDRC
Odisha, Cuttack

**GOVERNMENT OF ODISHA, DEPARTMENT OF WATER RESOURCES**

Office of the Engineer-In-Chief,
Water Resources, Secha Sadan, Bhubaneswar

Email Address : cemech.eicwr.od@gmail.com

No.32001/29/2526 **e-Procurement Notice**

**Bid Identification No. - CEM/MDL-07/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | CEM / MDL - 07/2025-26 |
| 5. | Estimated Cost | Rs.1,24,97,624.00 |
| 6. | Period of Completion | 06 (Six) calendar months |
| 7. | Date & time of availability of bid documents in the Portal | From dt.11.02.2026 (10.00 A.M.) to dt.23.02.2026 (5.30 P.M.) |
| 8. | Last date / time for receipt of bid in the portal | Dt.23.02.2026 (up to 5.30 P.M.) |
| 9. | Date and Place of opening of Technical Bid | Dt.24.02.2026 (12.00 Noon onwards in the O/o the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o - Engineer-In-Chief, Secha Sadan,
OIPR-32001/32520/1/25-26/0029 Bhubaneswar

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**

DIST.: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)

Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022

Tel : 91-0674-2542983, 2542802, 2545526, 2542826, Fax : 2542102

E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

ISO 9001-14001 18001 Certified

**NOTICE INVITING TENDER NO. UIHEP-49/2025-26 DATED. 05.02.2026**

**No.32001/33/2526** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years | 11,800/- (Inclusive of GST) | 51,000/- | From 10.02.2026 to 25.02.2026 up to 12.00 Hrs. | 25.02.2026 (up to 13:00 Hrs) | 25.02.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0033 Sd./- C&P Head, UIHEP, Mukhiguda

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**

E-mail : eerwss_mal@nic.in, eerwssmlkg@gmail.com

**INVITATION FOR BIDS**

**NATIONAL COMPETITIVE BIDDING**

**Bid Identification No. : RWSS_MKG_ONLINE_06/2025-26** **DATED : 04.02.2026**

**No.25001/24/2526** : The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible Authorised Manufacturers / Dealers / Distributers / Firms for the work detailed in the table below to be eventually drawn up in **P-1 contract.**

1. Name of the Work : Supply & Installation of Equipments, Glassware, Furniture with desktop etc. at Sub-Divisional Water Testing Laboratory, Mathili under RWS&S Division, Malkangiri in Malkangiri District (As detailed in TCN), 2. No. of Works : **01 No.**, 3. Estimated Cost : **₹ 11.61 Lakhs**, 4. Tender Paper Cost : Rs. 6000/- each, 5. Class of Contractor : Authorised Manufacturer / Dealer / Distributer / Firm, 6. Period of Completion : 01 (One) calendar month, 7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ ONLINE_06 of 2025-26** | **11.02.2026 at 09.00 Hours** | **19.02.2026 up to 17.00 Hours** | **18.02.2026** | **20.02.2026 At 11.00 Hours** |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the website.
❖ Authority reserves the right to reject any or all tenders without assigning any reason thereof.

Superintending Engineer
OIPR-25001/25044/1/25-26/0024 RWS&S Division, Malkangiri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**

No.25001/38/2526

Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in

**No:-Tender-Online-BBSR Divn.-38** **e-Procurement Notice** **Date : 05.02.2026**


1. Name of the work : Repair / Maintenance Road / Building
2. Total No. of Projects : 02 Nos. of Projects
3. **Class of contractor**
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh to 25.42 Lakh
5. Time for completion : **As per annexure of TCN Col. No.6**
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-38 | 11.02.2026 at 11.00 A.M. | 20.02.2026 up to 5.00 P.M. | 21.02.2026 at 11.00 A.M. |

Further details can be seen from the website www.tendersorissa.gov.in

Sd./- Superintending Engineer
OIPR-25001/25066/1/25-26/0038 Rural Works Divn., BBSR

**PUBLIC NOTICE**



This is to inform general public at large including media, investors and all concerned persons, that immovable properties exclusively belonging to Sahara India Group and owned by various Group Companies are scattered all over India. It has come to the knowledge of the Company that persons illegally claiming themselves to be rightful owners or title holders or duly authorised persons, are trying to dispose of those properties by illegal means for illegal purposes.

Through this public notice, public at large is being warned and cautioned that no property belonging to Sahara India Group can be sold, transferred or alienated or registered without permission, directions and approval of the Hon'ble Supreme Court of India. Any person or institution trying to sell or purchase any of the properties belonging to Sahara India Group is liable for prosecution and imprisonment and such transfer shall be void ab initio, illegal and deemed to be non-est in the eyes of law. If any person is trying to enter into any such transaction, shall be liable for all consequences thereto.

It has also come to the knowledge of the company that one Mr. Kuruba B. Nagaraj and his associate Mr. Y. S. Srinivasan have allegedly sold and caused registration of Sahara properties by impersonation including misrepresentation and through fabricated documents. In furtherance of aforesaid criminal intent, sale deed having numbers 10612600003/2026 and 10612600004/2026 for land admeasuring 31 Acres 597 Decimals situated at Mouza: Pathara, Tehsil: Kanisi, District: Ganjam, State: Odisha have been registered before the Sub-Registrar, Berhampur-1, Odisha.

All members of the public, investors and real-estate dealers are again strictly cautioned not to purchase, invest in, or enter into any type of transaction for any property belonging to Sahara India Group, unless it is backed by specific orders of the Hon'ble Supreme Court of India or concerned authority.

Any such transaction shall be entirely at the risk and peril of the concerned parties.

**Issued in public interest.**
Date: 06.02.2026
Place: Lucknow
**Issued by: Sahara India Commercial Corporation Limited**
**Sd./- Sri Naveen Kumar Maurya**
**Authorised Representative**
**Mobile : 9369721496/9776785555**

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



**नाम–असयानी समद, उम्र–19 वर्ष, उँचाई–5 फीट, रंग–गोरा, पहनावा–लाल रंग का सलवार एवं लाल रंग का पायजाम पहनी हुई है।**

उपरोक्त लापता महिला असयानी समद, उम्र–19 वर्ष, पिता–बुधु मुण्डा, स्थायी पता–कुरूंगा, बीरबाकी, थाना–अड़की, जिला–खूँटी, वर्तमान पता–गन्यौर टोली, अपर हटिया, थाना–जगरनाथपुर, जिला–राँची जो दिनांक–19.01.2026 को घर से काम करने को कहकर निकली जो आजतक अपने घर वापस नहीं आई है। जिसके संबंध में जगरनाथपुर थाना सनहा संख्या–19/2026, दिनांक–20.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, हटिया, राँची। –9431706143
थाना प्रभारी जगरनाथपुर, राँची। –9431706169

वरीय पुलिस अधीक्षक,
राँची

PR 372562 (Police)25-26*D

See Career Appointment on every Wednesday & Saturday

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୁଗୁଡ଼ା,୭।୨(କାଳିଚରଣ ଦାଶ)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି–ବିଷ୍ଣୁଚକ୍ର ଗାଁ ରାସ୍ତା ମଝିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆସିକା ଥାନା ଅନ୍ତର୍ଗତ ଦେଓଭୂଇଁ ଗ୍ରାମର ତିରୁପତି ବେହେରା(୨୭) ଓ ଆହତ ହେଲେ ସେହି ଗ୍ରାମର ଶିବ ଖୁଣ୍ଟିଆ (୨୭)। ଏକ ନିର୍ବନ୍ଧ ଭୋଜିରେ ଯୋଗ ଦେଇ ୨ ସାଙ୍ଗ ତିରୁପତି ଓ ଶିବ ବାଇକ୍ ଯୋଗେ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଆମ୍ବପୁଆ ଗ୍ରାମରୁ ନିଜ ଗାଁକୁ ଫେରୁଥିବା ବେଳେ ରାତି ପ୍ରାୟ ୨ଟା ବେଳେ ପୋଚାଲୁଣ୍ଡି–ବିଷ୍ଣୁଚକ୍ର ଗାଁ ମଧ୍ୟସ୍ଥ ମୁଖ୍ୟ ସଡ଼କରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ବାଇକ ଚାଳକ ତିରୁପତଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଯୋଗୁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ଶିବ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଆହତ ଶିବ ସେହି ରାସ୍ତା ଦେଇ ଯାତାୟତ ଗାଡ଼ି ଚାଳକ ଏବଂ ଅନ୍ୟଙ୍କୁ ସାହାଯ୍ୟ ମାଗିଥିଲେ ମଧ୍ୟ କୌଣସି ସହଯୋଗ ମିଳି ନ ଥିଲା। ପାହାନ୍ତିଆ ସମୟରେ ସ୍ଥାନୀୟ ଲୋକ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଆଣିଥିଲା।

## ଖୋଲିଲା ତାରାତାରିଣୀ ମନ୍ଦିର ଦାନହୁଣ୍ଡି

ପୁରୁଷୋତ୍ତମପୁର, ୭।୨(ସବିତା ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିର ଦାନହୁଣ୍ଡିକୁ ଶନିବାର ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି, ଜିଲା ପ୍ରଶାସନ ପୋଲିସ ଓ ସେବାୟତଙ୍କ ଉପସ୍ଥିତରେ ଖୋଲାଯାଇଛି। ୪ ମାସ ପରେ ଖୋଲାଯାଇଥିବା ହୁଣ୍ଡିରୁ ଟଙ୍କା, ସୁନା, ରୁପା ଓ ବିଦେଶୀ ଟଙ୍କା ମଧ୍ୟ ବାହାରିଛି। ଏପରିକି କାନାଡ଼ାର ଡଲାର କିଛି ମିଳିଛି।

## ତୃତୀୟ କ୍ୱାର୍ଟର ଫାଇନାଲ, ବରଗଡ଼ ବିଜୟୀ

ବାଲିଗୁଡା,୭।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିୟାନଶିପର ଚତୁର୍ଥ ଦିନ ମ୍ୟାଚ ୟୁଏସସି ଟିମ୍ ବରଗଡ଼, ଏଫପିଏସଏ ଟିମ୍ ଜଟଣୀର ମଧ୍ୟରେ ଅନୁଷ୍ଠିତ ହୋଇ ବରଗଡ଼ ଦଳ ବିଜୟୀ ହୋଇ ଦ୍ୱିତୀୟ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଏଥିରେ ଅତିଥି ଭାବେ କନ୍ଧମାଳ ଜିଲା ଏଲଆଇସିର ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ନାୟକ, କୋଟଗଡ ବ୍ଲକ ବିଜେଡି ସଭାପତି ମନୋଜ ସାବତ, ବାଲିଗୁଡା ବ୍ଲକ ବିଜେଡି ସଭାପତି ଅବନୀ ନାୟକ, ନଗର ସଭାପତି ଏମଡି.ସାବେଜ, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାତ୍ରୀ, ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବରଗଡ଼ ଦଳର ଖେଳାଳି ରାହୁଲଙ୍କୁ ଘୋଷଣା କରାଯାଇଥିଲା। ଶନିବାରର ଖେଳକୁ ମୁଖ୍ୟ ରେଫେରି ଭାବେ ଏମ.ଡି. ଶେଖ ଉଦିନ, ବିଶ୍ୱନାଥ କହଁର, ଶମ୍ଭୁ ନାଥ କହଁର ଓ କାମାକ୍ଷା ପ୍ରସାଦ ପ୍ରଧାନ ପରିଚାଳନା କରିଥିଲେ।

# ୨ଥର ଅର୍ଥ ମଞ୍ଜୁର ସତ୍ତ୍ୱେ ସରୁନି ଖେଳପଡ଼ିଆ ନିର୍ମାଣ

ତୁମୁଡିବନ୍ଧ,୭।୨(ଦୀପକ କୁମାର ପରାସେଠ)



ନିର୍ମାଣାଧୀନ ଷ୍ଟେଜ

ଏମ୍‌ଜିଏନଆରଇଜିଏସ୍‌ରେ ଗୋଟିଏ ସ୍ଥାନରେ ହୋଇଛି ଦୁଇଟି ପ୍ରକଳ୍ପ। କାର୍ଯ୍ୟ ନ କରି ଲକ୍ଷାଧିକ ଟଙ୍କା ହଡପକରାଯାଇଥିବା ଅଭିଯୋଗ ହୋଇଛି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଜଲେଶପଟ୍ଟାସ୍ଥିତ ଓଡ଼ିଶା ଅଦର୍ଶ ବିଦ୍ୟାଳୟର ପରିସରରେ ଥିବା ଖେଳ ପଡ଼ିଆ ନିର୍ମାଣ କ୍ଷେତ୍ରରେ ଏପରି ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି। ଏହା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରରୁ ଜଣାପଡିଛି, ତୁମୁଡିବନ୍ଧ ବ୍ଲକ ଜଲେଶପଟ୍ଟାସ୍ଥିତ ଓଡ଼ିଶା ଅଦର୍ଶ ବିଦ୍ୟାଳୟର ପଛ ପାର୍ଶ୍ୱରେ ଏକ ଖେଳ ପଡ଼ିଆ ତୁମୁଡିବନ୍ଧ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନଆରଇଜିଏସ୍‌ରେ ୨୦୧୮/୧୯ ଆର୍ଥିକ ବର୍ଷରେ କରାଯିବାକୁ ନିଷ୍ପତ୍ତି ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପର ବ୍ୟୟ ଅଟକଳ ମୂଲ୍ୟ ୩ଲକ୍ଷ ଟଙ୍କା ଥିଲା। ମାତ୍ର ହୋଇଥିବା କାର୍ଯ୍ୟ ଅତିନିମ୍ନମାନର ହୋଇଛି। ପଡିଆ ନିର୍ମାଣପାଇଁ ୩/୪ଟି ଗଛ ଜେସିବିରେ ଉପୁଡାଯାଇଛି। ନିର୍ମିତ ଗୋଟିଏ ମଞ୍ଚ କାର୍ଯ୍ୟ ନିମ୍ନମାନର କରାଯାଇଛି। ଏହାର ଫାଉଣ୍ଡେଶନ ଦବି ଚାରିପାର୍ଶ୍ୱ ଫାଟି ଗଲାଣି। ଫଳରେ ସେଠାରେ କୌଣସି କାର୍ଯ୍ୟକ୍ରମ ହେଇପାରୁନାହିଁ। ଏପରି ସ୍ଥଳେ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକାଦାର ଏଫଟିଓ ଜରିଆରେ ୨ଲକ୍ଷ ୪୮ ହଜାର ୯୨୦ ଟଙ୍କା ଇତି ମଧ୍ୟରେ ଉଠାଇନେଇଛନ୍ତି। ସେହିପରି ଦ୍ୱିତୀୟ ଥର ସେହି ବିଦ୍ୟାଳୟରେ ଖେଳ ପଡ଼ିଆ ସମାନ ସ୍ଥାନରେ ନିର୍ମାଣ ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥି ମଧ୍ୟରୁ ୭ଲକ୍ଷ ୮୨ହଜାର ୩୦୨ ଟଙ୍କା ଉଠାଯାଇଥିବା କାର୍ଯ୍ୟ ହୋଇଥିବା କୁହାଯାଉଛି। ମାତ୍ର କାର୍ଯ୍ୟ ଠକ୍ ରୂପେ ହୋଇନାହିଁ କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଏହି ଖେଳପଡିଆ ଛାତ୍ରୀଛାତ୍ରଙ୍କ କାମରେଆସୁନି। ଏସମ୍ପର୍କରେ ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପଡରାଙ୍କୁ ପଚାରିବା ଲାଗି ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ତୁରନ୍ତ ଖେଳ ପଡ଼ିଆ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ସମ୍ପର୍କରେ ତୁମୁଡିବନ୍ଧ ବ୍ଲକ ଏମ୍‌ଜିଏନଆରଇଜିଏସର ଏପିଓ ଥିବା ଜ୍ୟୋତି ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଲେ, ରେକର୍ଡ଼ ମାଗି ଦେଖିଲା ପରେ ଯଦି ଦୁର୍ନୀତି ହୋଇଥିବା ତେବେ ଏହାର ତଦନ୍ତ କରାଯିବା ବୋଲି କହିଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ




ସିପିଆଇ ପକ୍ଷରୁ କର୍ମୀ ଓ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଛତ୍ରପୁର,୭।୨(ଦିଲିପ ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ବିଭିନ୍ନ ଦାବି ନେଇ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଟୋକେନ ଲାପସ ହେବା ପୂର୍ବରୁ ଠିକ ସମୟରେ ମଣ୍ଡିରୁ ଧାନ କିଣିବା, ରାଶନ କାର୍ଡରେ ନାମ ସଂଯୋଗୀକରଣ ପ୍ରକ୍ରିୟା ତୁରନ୍ତ କରିବା, ଆବାସ ଯୋଜନାରେ ଘର ଯୋଗାଇ ଦେବା, ସ୍ମାର୍ଟ ମିଟର ଦ୍ୱାରା କରାଯାଉଥିବା ଶୋଷଣ ବନ୍ଦ କରିବା, ବ୍ଲକରେ ଚାଲିଥିବା ପିସି କାରାବାରକୁ ବନ୍ଦ କରିବା ଆଦି ଦାବି ନେଇ ସିପିଆଇ ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ କରିଥିଲେ । ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସିପିଆଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଦଳରକର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁ ମତୀ ରେଡ୍ଡୀ, ସିପିଆଇର ଜିଲା କାର୍ଯ୍ୟକାରିଣୀ ସଭ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ରାଜେନ୍ଦ୍ର ନାହାକ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ଏନ. ମୁନାପାତ୍ର, ଏନ. ସୁକାନ୍ତ ଆଚାରୀ, ଏସ. ତ୍ରିନାଥ ରେଡ୍ଡୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ନବୀନ ଗୌଡ଼ଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଡାଇଭର୍ସନ ରାସ୍ତାରେ ଦୁର୍ଘଟଣା ଆଶଙ୍କା

ଖଜୁରିପଡ଼ା,୭।୨( ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ମା' ବରାଳ ଦେବୀ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ବାଇପାସ ରାସ୍ତାର ନିର୍ମାଣ କାର୍ଯ୍ୟଚାଲୁ ରହିଛି। ଏହି ରାସ୍ତା ପକନା ଗାଁଠାରୁ ଆରମ୍ଭ କରି ବଲସକୁମ୍ପା, ବାରପୁଲିଆ ଭାୟା ଦେଇ କ୍ରାନ୍ତି ମାସ୍କାରେ ସଂଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ଯୋଗୁ ଅନେକ ପୋଲ ଭାଙ୍ଗି ଦିଆଯାଇଛି। ସେଥିପାଇଁ ଡାଇଭର୍ସନ ରାସ୍ତା ବା ଗତିପଥ ପରିବର୍ତ୍ତନ କରି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଗାଡ଼ି ମଟର ଯିବା ଆସିବା କରୁଥିବାରୁ ଡାଇଭର୍ସନ ରାସ୍ତା ଗୁଡ଼ିକ ଧୂଳି ମୟ ହୋଇଯାଉଛି। ସେଗୁଡ଼ିକର ପାଣି ପକାଇ ରାସ୍ତା ସମତୁଲ କରିବା ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗୀୟଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ସୁଧା ଠିକାଦାର ଏହାକୁ ଅଣଦେଖା କରୁଛନ୍ତି। ଫଳରେ ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣେ କଲେଜ ଛାତ୍ରୀ ଅଭିଯୋଗ କରିଛନ୍ତି। ପାଣି ପକାଇ ରାସ୍ତା ସମତୁଲ କରାଯାଉ ନାହିଁ। ଡାଇଭର୍ସନ ରାସ୍ତାରେ ଧୂଳି ଜମା ହୋଇରହୁଛି। ସେଥିରେ ବାଇକ ଚକା ଖସି ଦୁର୍ଘଟଣା ଘଟୁଛି। ସେହିପରି ନିର୍ମାଣ ହୋଇଥିବା କଂକ୍ରିଟ ପୋଲ କାମରେ ପାଣି ପକାଯାଉ ନ ଥିବାରୁ ପୋଲ ଗୁଡ଼ିକର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ତେଣୁ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ମା' ଇଷ୍ଟ ଦେବୀ ଯୁବକଳା ପରିଷଦ ଯୁବକ ସଂଘର ସମ୍ପାଦକ ବିଦୁର ବେହେରା ଅନୁରୋଧ କରିଛନ୍ତି।

## ଚୋରି ଘଟଣାର ଫର୍ଦ୍ଦାଫାଶ, ସୁନା ଗହଣା ଜବତ, ୩ ଗିରଫ

### ଜଙ୍ଗଲରେ ପୋତି ଦେଇଥିଲେ ଅଳଙ୍କାର

ପାରଳାଖେମୁଣ୍ଡି,୭।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପୋଲିସ ଏକ ୩ଜଣିଆ ଚୋର ଗ୍ୟାଙ୍ଗକୁ ଧରିଛି। ସେମାନଙ୍କଠାରୁ ୨୨ ପ୍ରକାରର ଚୋରି ସାମଗ୍ରୀ ଜବତକରିଛି। ଏ ଥି ମଧ୍ୟରେ ୪୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ରହିଥିବା ଜଣାପଡିଛି । ଏଥିରେ ସମ୍ପୃକ୍ତ ୩ ଜଣ ଚୋରଙ୍କୁ ଗିରଫ କରାଯାଇଛି। ସେମାନେହେଲେ ମାରିଗୁଡା ଗ୍ରାମର ମରାଠି ଗିରିବାବୁ (୩୪), ଅରୁଣ ପ୍ରଧାନ ଓରଫ ନରସିଙ୍ଗ (୪୫) ଏବଂ ପରିଡା ଗ୍ରାମର ମୁରଲୀ ନାୟକ (୪୧)। ଶନିବାର ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସେରଙ୍ଗ ଥାନା ଗାଇବା ଆଉଟପୋଷ୍ଟ ଅନ୍ତର୍ଗତ ମାରିଗୁଡା ଗ୍ରାମର ଆର୍.ଲକ୍ଷ୍ମୀ କଲ୍ୟାଣୀ ସପରିବାର ଗତ ୨୬।୧।୨୬ରେ ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ସୂର୍ଯ୍ୟ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେହି ଦିନ ହିଁ ସେ ବିଳମ୍ବିତ ରାତି ସାଢେ ୧୧ରେ ଘରକୁ ଫେରିଥିଲେ। ଘରର ସମ୍ମୁଖ ଫାଟକ ତାଲା ଖୋଲି ଘର ଭିତରକୁ ଯାଇଥିଲେ। ପରେ ଆର୍.ଲକ୍ଷ୍ମୀ କଲ୍ୟାଣୀ ଘରର ଆଲମାରି ଭାଙ୍ଗିଥିବା ଏବଂ ଅନ୍ୟାନ୍ୟ ଆସବାବପତ୍ର ଏଣେତେଣେ ପଡିଥିବା ଦେଖିଥିଲେ । ଘରେ ଅନ୍ୟ ଠାରେ ରଖାଯାଇଥିବା ୧ ଲକ୍ଷ ୯୮ ହଜାର ଟଙ୍କା ସହ ସବୁ ସୁନା, ରୁପା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚୋରମାନେ ଘର ପଛ ଭାଗର କିଛି ଅଂଶକୁ ଭାଙ୍ଗି ଘରେ ପଶି ଚୋରି କରିଥିବାର ଜାଣିବାକୁ ପାଇଥିଲେ । ତା' ପରଦିନ ଆର୍.ଲକ୍ଷ୍ମୀ କଲ୍ୟାଣୀ ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ସେରଙ୍ଗ ଥାନାରେ ନଂ. ୮/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଡିଏସ୍‌ପି ଅମିତାଭ ପଣ୍ଡାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଚାଲିଥିଲା। ତଦନ୍ତ ବେଳେ ଚୋରିରେ ଉପରୋକ୍ତ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ସମସ୍ତଙ୍କୁ ଗିରଫ କରାଯାଇଛି। ସେମାନେ ଚୋରି କରିଥିବା ବିଭିନ୍ନ ସୁନା,ରୁପା ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଦ୍ଧାର କରାଯାଇଥିଲା । ତେବେ ଉଦ୍ଧାର ସାମଗ୍ରୀ ମାରିଗୁଡା ନିକଟସ୍ଥ ଜଙ୍ଗଲର ଏକ ସ୍ଥାନରେ ଗାତ ଖୋଳି ପୋତା ଯାଇଥିବା ଅବସ୍ଥାରେ ଉଦ୍ଧାର ହୋଇଥିବା ଏସ୍‌ପି କହିଥିଲେ। ଡିଏସ୍‌ପି ଅମିତାଭ ପଣ୍ଡା ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ନିରୋଧ ନେଇ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୭।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଲାବଣ୍ୟଗଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ନିରୋଧ ପାଇଁ ଆଇନରେ ରହିଥିବା ବିଭିନ୍ନ ଦିଗ ଉପରେ ଏକ ଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ନାଲସା ଜାଗୃତି ଯୋଜନା ଏବଂ ନାଲସା ଆଶା ଯୋଜନାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

ଏଥିରେ ଜିଲା ଅଦାଲତର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସକ୍ୟୁଟର ରାଜେଶ ମିଶ୍ର, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଗାରାବନ୍ଧ ଥାନାର ଏସ୍‌ଆଇ କୁମାରୀ ଅମ୍ବିକା ବେନିଆ, ଗୋଷାଣି ବ୍ଲକର ଆଇସିଡିଏସ୍ ସୁପରଭାଇଜର ତପସ୍ୱିନୀ ଜେନା, ସମାଜିକ କର୍ମୀ ଜ ଜଗନ୍ନାଥ ଚୌଧୁରୀ ଅତିଥି ରୂପେ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ନେଇ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ ଅତିଥିମାନେ ତର୍ଜମାକରି ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ନାଲସା)ଙ୍କ ଆଇନ ସଚେତନତା ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ବିଶେଷକରି ବାଲ୍ୟ ବିବାହ ନିରୋଧ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ନ୍ୟାୟ ପ୍ରାପ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲାବଣ୍ୟଗଡ ସରପଞ୍ଚ ବିରଞ୍ଚି ଦଳପତି, ଗାରାବନ୍ଧ ଥାନା ଓ ନ୍ୟାୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ୨ ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଗଞ୍ଜାମ/ ବୁଗୁଡ଼ା,୭।୨
(ବିଦ୍ୟାଧର ସାହୁ/ କାଳିଚରଣ ଦାଶ )

ଗଞ୍ଜାମ ସହର ଷ୍ଟେସନ ରୋଡ଼ ସ୍ଥିତ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ଶନିବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାତ୍ରୀ, ବକ୍ତା ଭାବେ ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ଭାଜପା ଏନ୍‌ଏସି ମଣ୍ଡଳ ସଭାପତି ଭଗବାନ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଅର୍ଚ୍ଚନା ଦାସ, ସମ୍ମାନିତ ଅତିଥି ଏନଏସି ଉପନଗରପାଳ ସୁରେନ୍ଦ୍ର ବାରିକି, ସିଆରସିସି ସନ୍ତୋଷ କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଧାନ ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ରବୀନ୍ଦ୍ର ନାଥ ନେପାକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟପଟେ ବୁଗୁଡ଼ା ପିଏମଶ୍ରୀ ପିପୁଲ୍ସ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର, ସମ୍ମାନିତ ଅତିଥି ଭାବେ ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବିଇଓ ଚିନ୍ମୟ ମହାପାତ୍ର, ସିଆରସିସି କିରଣ ବାଳା ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇ ଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

କାଶୀନଗର,୭।୨(ପି. ମୁରଲୀ)

କାଶୀନଗରର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶ୍ରୀରାମ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷା ସଂଯୁକ୍ତା ପାତ୍ରୀ ସଭାପତିତ୍ୱ କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ଜି . ତିରୁପତି ରାଓ ମୁଖ୍ୟବକ୍ତା, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବି. ସାୟାମ୍ମା, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନବକୃଷ୍ଣ ସାହୁକାର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କାଶୀନଗର ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଉକ୍ତ ବିଦ୍ୟାଳୟ ନିର୍ବାହ କରି ଆସିଥିବା ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୁମାମାହା ସାପ୍ତାହିକ ହାଟ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ରାଇକିଆ,୭।୨ (ପ୍ରଦୀପ ବେହେରା)

ରାଇକିଆ ବ୍ଲକର ଗୁମାମହା ପଞ୍ଚାୟତର ସାପ୍ତାହିକ ଜନଜାତି ହାଟ ଶନିବାର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ପ୍ରମିଳା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରୀନା ପ୍ରଧାନ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ଭାଜପା ମଣ୍ଡଳ ସଭାପତି ସନ୍ତୋଷ ପାତ୍ର ପ୍ରମୁଖ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଚନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ମଧୁସୁଦନ ପ୍ରଧାନ, ବାଲୁଙ୍କେଶ୍ୱର ମନ୍ଦିର ସଭାପତି ତରୁଣ ସେନ ପ୍ରଧାନ, ୱାର୍ଡ ସଭ୍ୟା ସଭ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ। ଏହା ଦ୍ୱାରା ଚାଷୀ ମାନେ ସିଧା ସଳଖ ନିଜ ଅଞ୍ଚଳରେ ପନିପରିବା ବିକ୍ରୟ କରିବାର ସୁଯୋଗ ପାଇବା ସହ ଆଖପାଖ ଗ୍ରାମର ଜନ ସାଧାରଣ ମଧ୍ୟ ହାତପାନ୍ତାରେ ବିଭିନ୍ନ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ବିକ୍ରୟ କରି ପାରିବେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଶାନ୍ତ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସମିତିସଭ୍ୟଙ୍କୁ ଘରୁ ଘୋଷାଡ଼ି ଗାଁ ଦାଣ୍ଡରେ ହାଣିଲେ

ପୁରୁଷୋତ୍ତମପୁର, ୭।୨ (ସବିତା ମିଶ୍ର)

**୪ ଆହତ, ୫ ଗିରଫ**

ପୁରୁଷୋତ୍ତମପୁର ଥାନା ବାଘଲା ପଞ୍ଚାୟତର କୁସପୁର ଗ୍ରାମରେ ବିବାହ ଶୋଭାଯାତ୍ରାରେ ଇଟା ଧରି ନାଚିବାକୁ ନେଇ ସୃଷ୍ଟ ବିବାଦ ଶେଷରେ ରାଜନୈତିକ ହିଂସାର ରୂପ ନେଇଛି। ଏହାକୁ କେନ୍ଦ୍ରକରି ସମିତିସଭ୍ୟ ପ୍ରକାଶ ନାହାକଙ୍କ ଘରେ ପଶି ତାଙ୍କୁ ଘୋଷାଡ଼ି ଆଣି ଗାଁଦାଣ୍ଡରେ ଖଣ୍ଡାରେ ହାଣି ପକାଇଥିବାବେଳେ ଅନ୍ୟ ତିନିଜଣଙ୍କୁ ଖଣ୍ଡା,କାତି ଓ ପଞ୍ଝାରେ ଆକ୍ରମଣ କରି ରକ୍ତାକ୍ତ କରାଯାଇଛି। ଆହତମାନେ ହେଲେ ସମିତିସଭ୍ୟ ନାହାକ, ରୋହିତ ନାହାକ, ପ୍ରମୋଦ ନାହାକ ଓ କୃଷ୍ଣ ନାହାକ। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଥାନା ଆଇଆଇସି ରାଜେଶ ନାୟକ ଘଟଣା ସ୍ଥଳରେ ପହଞ୍ଚି ୫ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଲିଙ୍ଗରାଜ ନାହାକ, ଭ୍ରମର ନାହାକ, ଅଭିନାଶ ନାହାକ, ଜିତେନ୍ଦ୍ର ନାହାକ ଓ ସାଗର ଓରଫ ଆଦିତ୍ୟ ନାହାକ। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଆହତ ସମିତି ସଭ୍ୟ ପ୍ରକାଶଙ୍କ ଭାଇ ଶେଷଦେବ ଏନେଇ ଥାନାରେ ଅଭିଯୋଗ କରିବା ପରେ ନଂ. ୮୪/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତଚାଲିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜେଶ ଛତ୍ରିଆ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିବାହ ଶୋଭାଯାତ୍ରା ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଏଭଳି ଆକ୍ରମଣ କରାଯାଇଛି। ତେବେ ଗ୍ରାମର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଏଠାରେ ଗତ କିଛି ଦିନ ହେଲା ଦୁଇଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଥିଲା। ଏହି ବିବାହ ଶୋଭାଯାତ୍ରା ସେମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି। ଶୋଭାଯାତ୍ରାରେ ଇଟା ଫୋପାଡ଼ିବା ସମୟରେ ଅପରପକ୍ଷର ରୋହିତ ନାହାକ ପ୍ରତିବାଦ କରିବାରୁ ତାଙ୍କୁ ପ୍ରଥମେ ଆକ୍ରମଣ କରାଯାଇଥିଲା। ସେ ଦୌଡ଼ିଆସି ତାଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟମାନେ ଘଟଣା ସ୍ଥଳକୁ ଯିବାରୁ ସେମାନଙ୍କୁ ମଧ୍ୟ ଖଣ୍ଡାରେ ହାଣି ଆକ୍ରମଣ କରିବା ସହ ସମିତିସଭ୍ୟ ପ୍ରକାଶଙ୍କୁ ଗାଳିଗୁଲଜ କରି ତାଙ୍କ ଘର ନିକଟକୁ ଆସିବାରୁ ସେ ଘର ଭିତରକୁ ପଳାଇଥିଲେ। ପରେ ଆକ୍ରମଣକାରୀମାନେ ଘରେ ପଶି ପ୍ରକାଶଙ୍କୁ ଘୋଷାଡ଼ି ଗାଁ ଦାଣ୍ଡକୁ ଆଣି ତଳେ ପକାଇ ମାଡ଼ମାରି ଖଣ୍ଡାରେ ହାଣିଆକ୍ରମଣ କରିଥିଲେ। ଘଟଣାକୁ ନେଇ ସରପଞ୍ଚ ହିନ ଖୁଣ୍ଟିଆ କହିଛନ୍ତି, ତାଙ୍କୁ ସହି ନ ପାରି ରାଜନୈତିକ ଅଭିସନ୍ଧି ରଖି ବିରୋଧୀ ଗୋଷ୍ଠୀ ଏପରି କରୁଛନ୍ତି।

## 'କଠିନ ପରିଶ୍ରମ, ନିଃସ୍ୱାର୍ଥପର ସେବା ଓ ସମର୍ପଣ ଜୀବନର ମନ୍ତ୍ର ହେଉ'

**ଭାରତ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଯାପିତ**

ଦାରିଙ୍ଗବାଡି, ୭।୨ (ଅରୁଣ ସାହୁ):




କଠିନ ପରିଶ୍ରମ, ନିଃସାର୍ଥପର ସେବା ଓ ସମର୍ପଣ ଜୀବନର ମୂଳମନ୍ତ୍ର ହେବା ଜରୁରୀ। ଏଥିସହ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ସଦାବେଳେ ପ୍ରୟାସ ରଖିବା ଲାଗି ଏଠାରେ ତିନିଦିନ ଧରି ଚାଲିଥିବା ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ୍‌ସ କ୍ୟାମ୍ପୋରିର ଶନିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଦାଧର ପାତ୍ର ପ୍ରକାଶ କରିଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଭାରତ ସ୍କାଉଟସ ଓ ଗାଇଡ୍‌ସ କ୍ୟାମ୍ପୋରିର ଉଦ୍‌ଯାପନ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟସ ଓ ଗାଇଡ୍‌ସର ଜିଲା ଅଧ୍ୟକ୍ଷ ରାଜେଶ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ପାତ୍ର, ଅନ୍ୟତମ ଅତିଥି ରୂପେ ଭାରତ ସ୍କାଉଟସ ଓ ଗାଇଡ୍‌ସର ଜିଲା ସମ୍ପାଦକ ସଞ୍ଜୟ ପାତ୍ର, ସହ ସମ୍ପାଦକ ରତ୍ନନିଧି ବେହେରା, ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ, ଏବିଇଓ ଗୋକୁଳାନନ୍ଦ ମଲିକ, ବନମାଳୀ ମାଝୀ, କୌଶିକ ନାୟକ, ସିମନବାଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର ପଟ୍ଟନାୟକ ମଞ୍ଚାସୀନ ଥିଲେ। ୪ ଶହ ରୁ ଉର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ଼ର ଛାତ୍ରୀଛାତ୍ର, ସ୍କାଉଟ ମାଷ୍ଟର ଏବଂ ଗାଇଡ଼ କ୍ୟାପଟେନ କ୍ୟାମ୍ପୋରିରେ ସାମିଲ ହୋଇଥିଲେ। ବିଭିନ୍ନ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାରମ୍ପରିକ ଲୋକ କଳା ରୂପେ କନ୍ଧମାଳର ଦଣ୍ଡଚରିତ୍ରରେ ଛାତ୍ରୀଛାତ୍ରମାନେ ନୃତ୍ୟ କରି ଦର୍ଶକଙ୍କ ମନକିଣି ନେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ସାମନ୍ତ ପ୍ରଧାନ, ଶ୍ରୀନିକେତା ଉଚ୍ଚ ବିଦ୍ୟାଳୟର ରାମକୃଷ୍ଣ ଦାସ, ଦୀନବନ୍ଧୁ ସାହୁ, ବନ୍ଧଗଡର ପ୍ରଦୀପ ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଫୁଲବାଣୀ ଏଜେଓ ହାଇସ୍କୁଲ ଖେଳ ଶିକ୍ଷକ ତଥା ସ୍କାଉଟ ଓ ଗାଇଡ଼ର ଡିଓ ରାକେଶ ବିଶୋୟୀ ମଞ୍ଚ ପରିଚାଳନା କରିଥିଲେ।

## ବିଜୟଲକ୍ଷ୍ମୀ ଶରଣପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବେଲଗୁଣ୍ଠା,୭।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବିଜୟଲକ୍ଷ୍ମୀ ଶରଣପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୪ ତମ ବାର୍ଷିକୋତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁବେର ମେହେରଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ପରିଡା, ସମ୍ମାନିତ ଅତିଥି ରୂପେ ବଙ୍କା ସମିତିସଭ୍ୟ ପ୍ରଫୁଲ୍ଲ ଗୌଡ଼, ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡା, ଏସଏମଡିସି ସଭ୍ୟ ମୃତ୍ୟୁଞ୍ଜୟ ରଥ, ଆଲୁମିନି କମିଟି ସଦସ୍ୟ ପୀତାମ୍ବର ପରିଡା ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତକରାଯାଇଥିଲା।



## ୨୦ରେ ଗୀତା ଭବନରେ ସାମୂହିକ ବିବାହ ଉତ୍ସବ

ବ୍ରହ୍ମପୁର,୭।୨(ଅଶୋକ କୁମାର ସାହୁ)
ଆସନ୍ତା ୨୦ ତାରିଖରେ ବ୍ରହ୍ମପୁର ଗୀତା ଭବନରେ ସାମୂହିକ ବିବାହ ଉତ୍ସବ ହେବ। କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ୧୩, ଗଜପତି ଜିଲାରୁ ୨ ବରକନ୍ୟା ଏଥିରେ ଯୋଗଦେବେ। ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ଏହି ସାମୁହିକ ବିବାହ ହେବ। ଏଥିରେ ଝିଅ ଓ ପୁଅ ଘର ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ଭୋଜିଭାତରେ ଆପ୍ୟାୟିତ କରାଯିବ। କନ୍ୟାମାନଙ୍କୁ ଆବଶ୍ୟକୀୟ ଘରକରଣା, ପ୍ରସାଧନ ସାମଗ୍ରୀ ସହ ବିଭିନ୍ନ ଉପହାର ଦିଆଯିବ। ସମାଜରେ ଯୌତୁକ ପ୍ରଥା, ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା ଏବଂ ଯେଉଁ ଘରର ଝିଅ, ପୁଅ ଆର୍ଥିକ ଦୁର୍ବଳ ଯୋଗୁ ବାହାଘର ସ୍ୱପ୍ନ ମନେ କରନ୍ତି, ସେମାନଙ୍କ ସ୍ୱପ୍ନକୁ ସାକାର କରି ବିବାହ ବନ୍ଧନରେ ଯୋଡି ନୂତନ ଜୀବନ ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂସ୍ଥା ସଭାନେତ୍ରୀ ରଞ୍ଜନା ମିଶ୍ର ପ୍ରକାଶ କରିଛନ୍ତି। ଏହି ପ୍ରୟାସ ଦୀର୍ଘ ୪ ବର୍ଷ ଧରି ଜାରି ରହିଛି ବୋଲି ସେ କହିଛନ୍ତି।

## ୧୧ କୁଇଣ୍ଟାଲ ଭାଙ୍ଗ ଜବତ, ଚାଳକ ଫେରାର

ମୋହନା, ୭।୨ (ମନ୍ମଥ ମିଶ୍ର)
ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ବେବେରି ଛକରୁ ୧୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଭାଙ୍ଗ ଅଡବା ପୋଲିସ ଜବତ କରିଛି। ଶନିବାର ପୂର୍ବାହ୍ନରେ ପୋଲିସ ପକ୍ଷରୁ ଆଇଓ ନଳିନୀକାନ୍ତ କହଁର, ଏସଆଇ ପ୍ରସନ୍ନ ପରିଡା ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ଏକ ମେକ୍ସ ପିକଅପ ଗାଡ଼ି (ଓଡି ୩୩ ଏୟୁ-୬୭୫୮) ଦ୍ରୁତଗତିରେ ଆସୁଥିବା ଦେଖି ସନ୍ଦେହରେ ଏହାକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ମ୍ୟାକ୍ସ ପିକଅପ୍ ଭ୍ୟାନଟି କିଛି ଦୂର ଆଗକୁ ଚାଲିଯାଇଥିଲା। ଡ୍ରାଇଭର ଗାଡି ଛାଡି ବଣକୁ ଦୌଡ଼ି ପଳାଇ ଫେରାର ହୋଇଯାଇଥିଲେ। ପୋଲିସ ସେଠାରେ ପହଞ୍ଚି ଗାଡି ଯାଞ୍ଚ କରିବା ବେଳେ ସେଥିରୁ ଭାଙ୍ଗ ବସ୍ତା ମିଳିଥିଲା। ଏହାର ପରିମାଣ ୧୧କୁଇଣ୍ଟାଲ ବୋଲି ପୋଲିସ କହିଛି।

## ଜଳିଗଲା ବାଘଲଟି ମେଗା ପ୍ରକଳ୍ପ ଷ୍ଟୋର ରୁମ୍

ପାତ୍ରପୁର,୭।୨(ଉମା ଚରଣ ନେପାକ)
ସଟ ସର୍କିଟ ଘଟି ବାଘଲଟି ମେଗା ପ୍ରକଳ୍ପ ଷ୍ଟୋର ରୁମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁସାରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ବାଘଲଟି ଡ୍ୟାମ ନିକଟରେ ନିର୍ମାଣ ହେଉଥିବା ମେଗା ପ୍ରକଳ୍ପ ଷ୍ଟୋର ରୁମରେ ଶନିବାର ସଟ ସର୍କିଟ ଘଟି ନିଆଁ ଲାଗିବା ଫଳରେ ଜଳି ଯାଇ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ ପାଇପ ଅଉ କିଛି ସାମଗ୍ରୀ ନଷ୍ଟ ହୋଇଛି। କିଛି ସମୟ ଭିତରେ ସ୍ଥାନୀୟ ଅଞ୍ଚଳ କଳା ଧୂଆଁ ଖେଳିଯାଇଛି। ଘଟଣା ସ୍ଥଳରେ ଉପସ୍ଥିତ ଥିବା ଶ୍ରମିକ ମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହିତ ପାତ୍ରପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା କରିଛନ୍ତି।

## ୧୮ରୁ ଯୁକ୍ତ୨, ୧୯ରୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ): ଆସନ୍ତା ୧୮ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ସେହିପରି ୧୯ ତାରିଖରୁ ମାଟ୍ରିକ ସହ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷା ଚାଲିବ। ଶୃଙ୍ଖଳିତ ପରୀକ୍ଷା ପରିଚାଳନାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେବା ସହ ଶନିବାର ପୂରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନାହିଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ସମସ୍ତେ ଯଥେଷ୍ଟ ସତର୍କତା ଅବଲମ୍ବନ ପୂର୍ବକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲାସ୍ତରୀୟ ଜଳ ଅର୍ପଣ ଦିବସ

ଚକାପାଦ,୭।୨(ପ୍ରତାପ କିଶୋର ବେହେରା)
ଚକାପାଦ ବ୍ଲକ ଚାହାଲୀ ପଞ୍ଚାୟତରେ ଜଳ ଅର୍ପଣ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ବିଧାୟକ ଉମାଚରଣ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ବୈନେତ୍ରୀ କହଁର, ଉପାଧ୍ୟକ୍ଷ ସୋମନାଥ ବେହେରା, ଜିଲା ପରିଷଦ ସଭ୍ୟା ରଚନା ନାୟକ, ପୂର୍ବତନ ବିଧାୟିକା ଅଜନ୍ତି ପ୍ରଧାନ, ଚାହାଳୀ ଗ୍ରାମପଞ୍ଚାୟତ ସରପଞ୍ଚ ମମତା ପ୍ରଧାନ, ସମିତି ସଭ୍ୟ ଦିଲୀପ କହଁର, ଚକାପାଦ ସରପଞ୍ଚ ସୁଲଚନା ନାୟକ ଓ ବିଡିଓ ହୃଦରଞ୍ଜନ ସାହୁ ଉପସ୍ଥିତ ଥିଲେ।

## ହୋମଗାର୍ଡ ପଦବୀ ପାଇଁ ଦୌଡ଼ ବେଳେ ପଡ଼ିଯାଇ ପରୀକ୍ଷାର୍ଥୀ ଆହତ

ଭଞ୍ଜନଗର,୭।୨(ବାବୁଲା ପ୍ରଧାନ)


ଦୌଡ଼ ପରୀକ୍ଷାରେ ସାମିଲ ହୋଇଥିବା ପରୀକ୍ଷାର୍ଥୀ।

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଶନିବାର ଖାଲିଥିବା ୧୩୫ଟି ଗୃହରକ୍ଷୀ (ହୋମଗାର୍ଡ) ପଦବୀ ପୂରଣ ପାଇଁ ଶନିବାର ବିଭିନ୍ନ କେନ୍ଦ୍ରରେ ଦୌଡ଼ ଏବଂ ଲମ୍ଫଡିଆଁ ପରୀକ୍ଷା ହୋଇଥିଲା। ସକାଳ ୫ଟାରୁ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ସୁଦ୍ଧା ସରିଥିଲା। ଏହା ପୂର୍ବରୁ ପରୀକ୍ଷାର୍ଥୀଙ୍କ ସୁଗାର, ବିପି, ହାର୍ଟ ଆଦି ପରୀକ୍ଷା ହୋଇଥିଲା। ତେବେ ଦୌଡ଼ ପରୀକ୍ଷା ବେଳେ ଜଣେ ପରୀକ୍ଷାର୍ଥୀ ପଡିଯାଇ ଆହତ ହୋଇଛନ୍ତି। ସେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ କେଳାପଙ୍କା ଗ୍ରାମର ସୁନୀଲ ପରିଡ଼ା। ତାଙ୍କର ଡାହାଣ ହାତ ଖଞ୍ଜା ଖସିଯାଇଛି। ଏସ୍‌ଡିପିଓ, ଆଇଆଇସିଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନିଆଯାଇଥିଲା। ଏଏସ୍‌ପି ରଞ୍ଜନ କୁମାର ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା ମେଡ଼ିକାଲରେ ରହି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ପରେ ଏସ୍‌ଡିପିଓ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୁନୀଲଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ସେ ସାମାନ୍ୟ ଆହତ ହୋଇଛନ୍ତି ବୋଲି ଏସ୍‌ଡିପିଓ ଡ. ମିଶ୍ର କହିଛନ୍ତି। ଗଞ୍ଜାମ ପୋଲିସ ଜିଲାର ଭଞ୍ଜନଗର, ଆସିକା, କବିସୂର୍ଯ୍ୟନଗର ଏବଂ ଛତ୍ରପୁରରେ ୨୦୦ ମିଟର ଦୌଡ ଏବଂ ଲମ୍ଫଡିଆଁ ପରୀକ୍ଷା ହୋଇଛି।

### ଗୃହରକ୍ଷୀ ପଦବୀ ପାଇଁ ଏମବିଏ, ବିଟେକ୍ ପରୀକ୍ଷାର୍ଥୀ

ଏମବିଏ, ବିଟେକ ଆବେଦନକାରୀ ମଧ୍ୟ ପରୀକ୍ଷା ଦେଉଛନ୍ତି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ମଧ୍ୟରେ ଏହି ପରୀକ୍ଷା ଚାଲିଥିଲା। ଗଞ୍ଜାମ ପୋଲିସ ଜିଲାରେ ୧୩୫ଟି ଗୃହରକ୍ଷୀ ପଦବୀ ପାଇଁ ୭୫୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଆବେଦନ କରିଥିଲେ। ଭଞ୍ଜନଗର କେନ୍ଦ୍ରରେ ୨୦୦ ମିଟର ଦୌଡ ପରୀକ୍ଷା ହେଉଥିଲେ। ଏହା ପରେ ଆଗାମୀ ଦିନରେ ଅନ୍ୟାନ୍ୟ ଟ୍ରେଡ ଯଥା କମ୍ପ୍ୟୁଟର, ଡ୍ରାଇଭର, ରୋଷେୟା ସମେତ ଅନ୍ୟାନ୍ୟ ପରୀକ୍ଷା ପରେ ଚୂଡାନ୍ତ ପରୀକ୍ଷା ଫଳ ପ୍ରକାଶିତ ହେବ। ସୂଚନାଯୋଗ୍ୟ, ୧୩୫ଟି ପଦବୀ ମଧ୍ୟରୁ ୧୦୧ ପୁରୁଷ ଏବଂ ୩୪ ମହିଳା ଗୃହରକ୍ଷୀ ଚୟନ ହେବେ। ସେଥିରୁ ସାମୁଦ୍ରିକ ଥାନା ପାଇଁ ୧୫ ଜଣ, ସାଧାରଣ ଡ୍ୟୁଟି ୫୫, କମ୍ପ୍ୟୁଟର ୪୦, ଡ୍ରାଇଭର ୧୦, ରୋଷେୟା ୬, ବୈଦ୍ୟୁତିକ ମିସ୍ତ୍ରି ୨, ମେସ ସହାୟକ ୨ ଜଣ ଓ ଧୋବା, ବାରିକ, ଦର୍ଜି, ପାଣି ପାଇପ ମିସ୍ତ୍ରି, ମୋଚି ଆଦି ପଦବୀ ପାଇଁ ଜଣେ ଲେଖାଏଁ ନିଯୁକ୍ତ ହେବେ।

## ଡଙ୍ଗା ଓଲଟି ମତ୍ସ୍ୟଜୀବୀ ମୃତ

ଗୋପାଳପୁର,୭।୨(ନବୀନ ରାଜ ଆଚାରୀ)
ଗୋପାଳପୁର ଥାନା ଅଧୀନ ଭେଙ୍କରାୟପୁର ଗ୍ରାମର ମତ୍ସ୍ୟଜୀବୀ ମାଛ ଧରିବାକୁ ସମୁଦ୍ରକୁ ଯାଉଥିବା ବେଳେ ଜୁଆର ମାଡ଼ରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଏସ୍. ରୁଦ୍ରେୟା। ଏହି ଥାନା ଅଧୀନ ଭେଙ୍କଟରାୟପୁରର ବି.ଗୁରେୟାଙ୍କ ଡଙ୍ଗାରେ ତାଙ୍କ ଭାଇ କ୍ରିଷ୍ଣା, ପି.ରୁଦ୍ରେୟା, ଏସ୍. ରୁଦ୍ରେୟାଙ୍କ ସମେତ ଡିଗିପୁର ଗ୍ରାମର ସୋମେୟା ଶନିବାର ଅପରାହ୍ନରେ ମାଛ ଧରିବାକୁ ଡଙ୍ଗା ଧରି ସମୁଦ୍ରକୁ ବାହାରିଥିଲେ। ଡଙ୍ଗା ସମୁଦ୍ରରେ କିଛି ଦୂରକୁ ଯିବା ପରେ ଉଚ୍ଚ ଜୁଆର ମାଡ଼ରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। କିଛି ସମୟପରେ ଡଙ୍ଗାରେ ଥିବା ସମସ୍ତ ମତ୍ସ୍ୟଜୀବୀ ଡଙ୍ଗାକୁ ଓଲଟାଇ ଆଗକୁ ଯିବା ନିମନ୍ତେ ଉଦ୍ୟମ କରିବା ବେଳେ ଏସ୍. ରୁଦ୍ରେୟା ନିଖୋଜ ରହିଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ଭାସମାନ ଶରୀର କିଛି ଦୂରରେ ସେମାନେ ଠାବ କରିଥିଲେ। ତୁରନ୍ତ ତାଙ୍କୁ ଡଙ୍ଗାରେ ରଖି କୂଳକୁ ଆଣିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ତେବେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ଡ଼ଙ୍ଗା ମାଲିକ ଗୁରାୟା ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଘାଟିତ

ବୁଗୁଡା,୭।୨(କାଳିଚରଣଦାଶ)
ବୁଗୁଡାର ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପାଦଦେଶରେ ଆୟୋଜିତ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବକୁ ଉଦଘାଟନ ହୋଇଛି। ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାକୁ ଉଦଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ପ୍ରଶାନ୍ତ ପାଢ଼ୀ, ଜିଲାପାଳ ଭି. କୀର୍ତ୍ତିବାସନ, ଏସପି ଶୁଭେନ୍ଦୁ ପାତ୍ର, ଭଞ୍ଜନଗର ଅତିରିକ୍ତ ଏସ୍‌ଡିପିଓ ରଞ୍ଜନ ଦେ, ଉପଜିଲାପାଳ ଉମା ଶଙ୍କର ବେହେରା, ପୂର୍ତ୍ତ ବିଭାଗ ଏସ୍‌ଇ ସତ୍ୟ ରଞ୍ଜନ ପରିଡା ଯୋଗ ଦେଇ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ବୁଗୁଡା ବ୍ଲକର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ଉଦଘାଟନୀ ଦିବସରେ ମଞ୍ଚ ଭୁବନେଶ୍ୱରଙ୍କ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅନ୍ତରପଡା, ମାଣିତରା ମା' ସରସ୍ୱତୀ ବିଦ୍ୟା ମନ୍ଦିର, ପୋଲସରା ଏସ୍‌ବିସି ଡ୍ୟାନ୍ସ ଗ୍ରୁପ, କାନକୁରୁ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୁଗୁଡା ନିୟୁ ଏରା ପବ୍ଲିକ ସ୍କୁଲ, ପୋଲସରା ନଟରାଜ କଳା କେନ୍ଦ୍ର, ମୁଁ ଜଣେ କଳାକାର ଗ୍ରୁପ, ଜଗନ୍ନାଥପ୍ରସାଦର ଶ୍ରୀ ନୃତ୍ୟ କଳାକେନ୍ଦ୍ର ଓ ପ୍ରଜ୍ଞା ନୃତ୍ୟାୟନର କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଥିଲା। । ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ଗଙ୍ଗାଧର ବିଷୋୟୀ ବିବରଣୀ ପାଠ କରିଥିଲେ।

## ଧାନ କିଣା ପ୍ରକ୍ରିୟାର ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ଧାନକିଣା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

ଛତ୍ରପୁର ୭।୨ (ଦିଲ୍ଲୀପ ସାମଲ)
ଗଞ୍ଜାମ ଜିଲାରେ ଧାନ କିଣା ପ୍ରକ୍ରିୟା ଚାଲୁ ରହିଛି। ଏହାକୁ ସୁରୁଖୁରରେ ସମ୍ପାଦନ ପାଇଁ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଶନିବାର ହୋଇଛି। ଜିଲ୍ଲାରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏଯାବତ୍ ୧୫ ପ୍ରତିଶତ ଧାନ ଅଧିକ କିଣାଯାଇଛି। ବୈଠକରେ ଜିଲାପାଳ ଜିଲାରେ ଧାନସଂଗ୍ରହ ପ୍ରକ୍ରିୟା କିପରି ଚାଲିଛି ସେ ନେଇ ସମସ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଜିଲାରେ ମୋଟ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ଧାନ କିଣିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୭ ହଜାର ୮୫୪ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ଚଳିତ ବର୍ଷ ଜିଲ୍ଲାକୁ ୩ଟି ପର୍ଯ୍ୟାୟରେ ୫୧ ଲକ୍ଷ ୫୬ ହଜାର ୩୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୮ ଲକ୍ଷ ୯୭ ହଜାର ୮୭୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୭୯ ପ୍ରତିଶତ। ବୈଠକରେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ଏଆରସିଏସ୍ ଯୋଗମାୟା ସାବତ, ଜିଲାର ସବୁ ବ୍ଲକର ବିଡିଓ, ତହସିଲଦାର, ଏମ୍‌ଆଇ, ବିପିସି, ଅତିରିକ୍ତ ଯୋଗାଣ ଅଧିକାରୀ, ଏଆରସିଏସ୍, ସିଆରସିଏସ, କର୍ପୋରେଟିଭ ସୋସାଇଟିର ସଦସ୍ୟ ଆଭାସୀ ଯୋଗେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗଞ୍ଜାମ ଜିଲାରେ ୧୨୫ ଜଣଙ୍କ ଟୋକନ ଅବଧି ଶେଷ ହୋଇଯାଇଥିବା ବେଳେ ୮୯ଟି ଟୋକନର ସମୟସୀମା ବୃଦ୍ଧି କରାଯାଇଛି। ବଳକା ଥିବା ଟୋକନଗୁଡିକ ପର୍ଯ୍ୟାୟକ୍ରମେ ସମୟସୀମା ବୃଦ୍ଧି କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମାମୁଙ୍କୁ ବ୍ଲେଡରେ ଆକ୍ରମଣ କରି ଭଣଜା ଗିରଫ

ବ୍ରହ୍ମପୁର,୭।୨ (ସୁବାସ ଚନ୍ଦ୍ର ପାଢ଼ୀ)
ନିଜ ମାମୁଙ୍କୁ ବ୍ଲେଡରେ ଆକ୍ରମଣ କରିବାରୁ ଭଣଜାଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁକୁଣ୍ଡା କୁମ୍ଭାର ସାହିର ମନୋଜ ବେହେରା। ବ୍ଲେଡକୁ ଜବତ କରାଯାଇଛି। ଲାଠି ଗ୍ରାମର ଗୌର ବେହେରା ଏବଂ ଅଭିଯୁକ୍ତ ମନୋଜଙ୍କ ମାଆ ସମ୍ପର୍କରେ ଭାଇଭଉଣୀ। କିଛି ବର୍ଷ ତଳେ ଗୌର ନିଜ ଭଉଣୀ ନିକଟରୁ କିଛି ସୁନା ବନ୍ଧକ ରଖି ୫୦ ହଜାର ଟଙ୍କା ଧାର ନେଇଥିଲେ। ପର୍ଯ୍ୟାୟକ୍ରମେ ସେ ନିଜ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଜମା କରି ଦେଇଥିଲେ। ଟଙ୍କା ସୁଝିବା ପରେ ଶୁକ୍ରବାର ଗୌର ନିଜ ଭଉଣୀ ଘରକୁ ଯାଇ ସୁନା ଅଳଙ୍କାର ଫେରାଇ ଦେବାକୁ କହିଥିଲେ। ହେଲେ ତାଙ୍କ ଭଉଣୀ ଟଙ୍କା ପାଇନଥିବା ଜଣାଇଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ତୁତୁମେମେ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗୌରଙ୍କ ଭଉଣୀର ପୁଅ ତଥା ଅଭିଯୁକ୍ତ ମନୋଜ ଏକ ବ୍ଲେଡରେ ଗୌରଙ୍କୁ ଆକ୍ରମଣ କରିଥିଲେ। ଗୌରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସେ ଚିକିତ୍ସିତ ହୋଇ ଫେରିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମନୋଜଙ୍କୁ କୋର୍ଟଚାଲାଣ କରିଛି।

## ହାଇସ୍କୁଲର ବାର୍ଷିକୋତ୍ସବ

ଆସିକା, ୭।୨ (ସୁରେନ୍ଦ୍ର ନାଥ ସାହୁ)
ଆସିକା ସ୍ଥିତ ପିଏମଶ୍ରୀ ହରିହର ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲରେ ଶନିବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ହରିହର ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ସଙ୍ଗୀତ ପାଢୀ, ପୌରାଧକ୍ଷା ବିନେତା ସ୍ୱାଇଁ, ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁ, ସତ୍ୟନାରାୟଣ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ୍ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏତଦ୍ ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ସୁଶାନ୍ତ କୁମାର ପଣ୍ଡା, ମାଟ୍ରିକ୍ ଟପ୍ପର ଅମିକା ନାୟକ ଓ ଆକାଶ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ସରକାରୀ ବାଳିକା ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ କୁମାରୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ୍ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ରାଓ ଦୋରା ପ୍ରମୁଖ ଯୋଗଦେଇଥିଲେ। ଏତଦ୍ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

## ହାଟପଦା ଜବରଦଖଲ ଜାଗା ଉଚ୍ଛେଦ କର

ଫୁଲବାଣୀ,୭।୨(ରାକେଶ କୁମାର ରାଉତ)



ଚାଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ହାଟପଦା ଜାଗାକୁ ବହୁ ବ୍ୟବସାୟୀ ଜବରଦଖଲ କରିଛନ୍ତି। ଅନେକ ପ୍ରଭାବଶାଳୀ ଲୋକ ବଡ଼ ବଡ଼ ବିଲଡିଂ ନିର୍ମାଣ କରି ରହିଛନ୍ତି। ଏହି ଅଞ୍ଚଳକୁ ଉଚ୍ଛେଦ ଦାବିରେ ଶନିବାର କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୭ ଦିନ ମଧ୍ୟରେ ଉଚ୍ଛେଦ କରିବାକୁ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନରୁ ଫୁଲବାଣୀସ୍ଥିତ ସାପ୍ତାହିକ ହାଟପଦାକୁ ଜବର ଦଖଲ ମୁକ୍ତ କରିବାକୁ ଜିଲା ପ୍ରଶାସନ ଓ ସ୍ଥାନୀୟ ତହସିଲଦାରଙ୍କୁ ଦାବି କରାଯାଇଛି। ସର୍ବସାଧାରଣଙ୍କ ଦାବି କାରଣରୁ କିଛି ଦିନ ହେବ ହାଟପଦାର ଜମି ଜବର ଦଖଲ ମୁକ୍ତ କରିବା ପାଇଁ ଜମି ସୂଚିତ କରାଯାଇଥିଲା। ହେଲେ ହାଟପଦା ଜମିକୁ ଧନୀ ଶ୍ରେଣୀର ପ୍ରଭାବଶାଳି ବ୍ୟବସାୟୀ ଗୋଷ୍ଠୀ ଜବର ଦଖଲ କରିଥିବାରୁ ପ୍ରଶାସନ ଚୁପ ରହିଗଲା। ଏବେ ସହରର ଅନ୍ୟ ସ୍ଥାନରେ ଜବରଦଖଲ ଉଚ୍ଛେଦ ଅଭିଯାନ ହାତକୁ ନିଆଯାଇଛି। ଏଣୁ ହାଟପଦା ଜମିକୁ ୭ ଦିନ ମଧ୍ୟରେ ଜବର ଦଖଲ ମୁକ୍ତ କରିବାକୁ ମିଳିତ ମଞ୍ଚ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଫୁଲବାଣୀସ୍ଥିତ ସାପ୍ତାହିକ ହାଟପଦା ହେଉଛି କନ୍ଧମାଳ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ପ୍ରଭାବଶାଳିଙ୍କ ଦ୍ୱାରା ଜବର ଦଖଲ କାରଣରୁ ସମୁଦାୟ ୧୧ ଏକରରୁ ବର୍ତ୍ତମାନ ଦେଢ଼ ଏକର ବି ନାହିଁ। ଫଳରେ ଗାଁ ଗହଳିରୁ ଆସୁଥିବା ଚାଷୀମାନେ ନିଜ ପନିପରିବା ଧରି ବ୍ୟବସାୟ କରିବା ପାଇଁ ଜାଗା ପାଉ ନାହାନ୍ତି।

### କନ୍ଧମାଳ ଜିଲା ମିଳିତ ମଞ୍ଚର ବିକ୍ଷୋଭ

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ବୁଗୁଡ଼ା,୭।୨ (କାଳିଚରଣ ଦାଶ)
ବୁଗୁଡ଼ା ଥାନା ଅନ୍ତର୍ଗତ ଅନ୍ତରପଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ସରୋଜ ବେହେରାଙ୍କ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସରୋଜ କୁମ୍ଭାରଶାଳ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଶନିବାର ସନ୍ଧ୍ୟାରେ କୁମ୍ଭାରଶାଳରୁ ନିଆଁ ବାହାରି ଘରର ଜଳି ଯାଇଥିଲା। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସରୋଜଙ୍କ ପରିବାର ବାସଶୂନ୍ୟ ହୋଇଯାଇ ଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## 'ପରିବେଶ ଓ ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଜାତୀୟ କର୍ମଶାଳା

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)
ଗୋପାଳପୁର କଲେଜରେ ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡ଼ିଶା ଏବଂ ଗୋପାଳପୁର କଲେଜର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ କର୍ମଶାଳା ଉଦଘାଟିତ ହୋଇଛି। 'ପରିବେଶ ଓ ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଖ୍ୟାତ ବୈଜ୍ଞାନିକ ତଥା ପରିବେଶବିତ ଡ. ଡି. ରଘୁନନ୍ଦନ ଯୋଗ ଦେଇ ପରିବେଶ ରକ୍ଷାର ଜରୁରୀ ଆବଶ୍ୟକତା ଉପରେ କହିଥିଲେ। ବକ୍ତା ଭାବେ ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡ଼ିଶାର ସଭାପତି ତଥା ପୂର୍ବତନ ଯୁଗ୍ମ ସଚିବ ଅରବିନ୍ଦ ବେହେରା ଯୋଗ ଦେଇ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ଉପରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଖିଳ ଭାରତୀୟ ଜନ ବିଜ୍ଞାନ ନେଟୱାର୍କର ସଭାପତି ଆଶା ମିଶ୍ର, ଗୋପାଳପୁର କଲେଜର ଅଧ୍ୟକ୍ଷ ଡ. ରାମ ପ୍ରସାଦ ପଣ୍ଡା, ଅଧ୍ୟାପକ ଡ. ମାନସ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସମିତିର ସାଧାରଣ ସମ୍ପାଦକ ଗ୍ଲୋରିନ ମହାନ୍ତି, ଆନ୍ଧ୍ରପ୍ରଦେଶ ଜନ ବିଜ୍ଞାନ ବେଦିକାର ଜି. ମୁରଲିଧର ଏବଂ ସାମାଜିକ କର୍ମୀ ଶୁଳପାଣି ଶତପଥୀ ପରିବେଶ ସୁରକ୍ଷା ଓ ଜନସଚେତନତା ଉପରେ କହିଥିଲେ। ଦ୍ୱିତୀୟ ଅଧିବେଶନକୁ ଉଷାରାଣୀ ବେହେରା ସଂଯୋଜନା କରିଥିଲେ। ପ୍ରତ୍ୟେକ ସ୍କୁଲ ଓ କଲେଜରେ ପରିବେଶ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଶୀତ ମହୋତ୍ସବ ତୁଷାର ଉଦ୍‌ଯାପିତ



ଜି.ଉଦୟଗିରି, ୭।୨
(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠି)
ଜି.ଉଦୟଗିରି କଳିଙ୍ଗ ମିନି ଷ୍ଟାଡିୟମ ଠାରେ ଗତ ୫ ଦିନ ଧରି ଚାଲିଥିବା ଶୀତ ମହୋତ୍ସବ ତୁଷାର ଶନିବାର ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାରେ ଓଡ଼ିଶାର ପୂର୍ବତନ ମହିଳା କମିଶନ ସଦସ୍ୟା ତଥା ଦିବଂଗତ ସ୍ଥାନୀୟ ବିଧାୟକ ରଂଜିତ ପ୍ରଧାନଙ୍କ ପୁତ୍ରୀ ଜାଲିନ୍ନା ପ୍ରିୟଦର୍ଶନୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା,ପୂର୍ବତନ ମନ୍ତ୍ରୀ ବିଷ୍ଣୁ ପ୍ରିୟା ବେହେରା, ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ,ଅର୍ଦ୍ଧେନ୍ଦୁ ଦାଶ, ଜିଲାପାଳ ବେଦଭୂଷଣ, ଉପଜିଲାପାଳ ପ୍ରଣିତା ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ସ୍ଥାନୀୟ ଭାରପ୍ରାପ୍ତ ବିଡ଼ିଓ ତଥା ଶୀତ ମହୋତ୍ସବ କମିଟି ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର, କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଜିଆଉଦ୍ଦିନ ଅହମ୍ମଦ ଉପସ୍ଥିତ ଥିଲେ। କମିଟିରେ ସମୀର ପାଢ଼ୀ ଅତିଥିଙ୍କ ପରିଚୟ ଦେଇଥିଲେ। କମିଟି ତରଫରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ମହାପ୍ରଭୁ ଜଗନ୍ନାଥ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶେଷ ସନ୍ଧ୍ୟା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ କଳାକାର ବିଭିନ୍ନ ସଂଗୀତ ପରିବେଷଣ କରିଥିଲେ।

### ଯୋଗ ଦେଲେ ମନ୍ତ୍ରୀ

## ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୭।୨(ଅଶେଷ ନାଥ ମିଶ୍ର)
ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମର ସିମାଞ୍ଚଳ ମହାପାତ୍ର(୨୪)ଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ସକାଳେ ଡ୍ରେନରେ ଅଳିଆ ପକାଇବାକୁ ନେଇ ଗ୍ରାମର କପିଳ ପାଢ଼ୀଙ୍କ ସହ ସିମାଞ୍ଚଳଙ୍କ ବଚସା ହୋଇଥିଲା। ସୀମାଞ୍ଚଳ ଉତ୍ତେଜିତ ହୋଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କପିଳଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ଡା କ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଏତଲା ପରେ ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୩୯/୨୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲ୍ଲୀପ ଗୋରଡ଼ା ଅଭିଯୁକ୍ତ ସିମାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଦୁଇଦିନିଆ ଅନ୍ତର୍ଜାତୀୟ ଡିଜିଟାଲ ସମ୍ମିଳନୀ ଉଦ୍‌ଘାଟିତ

ଛତ୍ରପୁର,୭।୨(ଦିଲ୍ଲୀପ ସାମଲ)
ଛତ୍ରପୁର ଓ ଓ ବାଣିଜ୍ୟ ସଂଗଠନର ମିଳିତ ସହଯୋଗରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଅଜୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଉଦ୍‌ଘାଟିତ 'ଆର୍ଥିକ ଅଭିନବତ୍ୱ ପରିଚାଳନା କ୍ଷେତ୍ରରେ ବିଶ୍ୱ ଅର୍ଥନୀତିରେ ଡିଜିଟାଲ ମାର୍କେଟିଂ, ଫିନ୍‌ଟେକ ଓ ଔଦ୍ୟୋଗିକ ପ୍ରୟାସର ସମନ୍ୱୟ' ଶୀର୍ଷକ ଏହି ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ପରିଚିତ ଶିକ୍ଷାବିତ, ଗବେଷକ, ଅର୍ଥନୀତି ବିଶାରଦ ତଥା ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ତଥା ଆଭାସୀ ମାଧ୍ୟମରେ ଯୋଗଦେଇ ଡିଜିଟାଲ ମାର୍କେଟିଂ, ଫିନ୍‌ଟେକ ଓ ଉଦ୍ୟୋଗୀକରଣ ଓ ବିଶ୍ୱ ଅର୍ଥନୀତି ସଂପର୍କରେ ଆଲୋଚନା କରିଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀର ପ୍ରଥମ ଦିବସର ଉଦ୍‌ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ଜିଲାର ସଫଳ ଉଦ୍ୟୋଗୀ ତଥା ଛତ୍ରପୁର ଯୁରୋ ସ୍କୁଲର ଅଧ୍ୟକ୍ଷ ରଞ୍ଜାନ ମହାପାତ୍ର ଯୋଗଦେଇ ଡିଜିଟାଲ ମାର୍କେଟ୍ରେ ଟେକ୍ନୋଲୋଜିକ ପ୍ରଭାବ କିପରି ରହିଛି। ବଜାରରେ ବିଜ୍ଞାପନର କିପରି ପ୍ରଭାବ ରହିଛି, ଫାଇନାନ୍ସ କମ୍ପାନିଗୁଡିକ ଏବଂ ଉଦ୍ୟୋଗୀଙ୍କ ଉପରେ ଅର୍ଥନୈତିକ କେଉଁ ପ୍ରକାର ପ୍ରଭାବ ରହୁଛି ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ମଳୟ ମହାନ୍ତି ଯୋଗଦେଇ ବର୍ତ୍ତମାନ ସମୟର ବିଶ୍ୱ ବାଣିଜ୍ୟିକ କାରବାର, ଅର୍ଥନୀତି, ଡିଜିଟାଲ ସେବା ଓ ଗ୍ଲୋବାଲ ବ୍ୟବସାୟୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ପିନାକିଲ ପ୍ରାଇଭେଟ ଲିମିଟେ ନିର୍ଦ୍ଦେଶକ ସନ୍ତୋଷ ଦାସ, ସମ୍ମାନିତ ଅତିଥି ରୂପେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର କିଶୋର ଦାଶ, ଓଡିଶା ବାଣିଜ୍ୟ ସଙ୍ଗଠନର ସମ୍ପାଦକ ଡ. ବିଶ୍ୱମୋହନ ଜେନା ପ୍ରମୁଖ ଯୋଗଦେଇ ବିଶ୍ୱ ବ୍ୟବସାୟରେ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତାର ପ୍ରଭାବ, ଇ-କମର୍ସର ବିସ୍ତାର ଆଦି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ପିଙ୍କିରାଣୀ ଦେଇ ମଞ୍ଚ ପରିଚାଳନା, ପ୍ରଶାସନିକ ଅଧିକାରୀ ସୁଶାନ୍ତ ଦାସ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ବିଶ୍ୱମୋହନ ଜେନା ଅତିଥି ପରିଚୟ ଦେଇଥିବା ବେଳେ ଡ. ଶୁଚିସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।



# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
# କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼

## ବିଜ୍ଞପ୍ତି

**No.32001/22/2526**: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ନୟାଗଡ଼ କ୍ଷୁଦ୍ର ଜଳସେଚନ ଉପ ବିଭାଜନର (ଡିମିସର) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ମୌଜା-ଡିମିସର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡିକୁ ଖାତା ରୟତଙ୍କ ଠାରୁ ସିଧାସଳଖ କ୍ରୟ କରିବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟଗୁଡିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା.୧୨.୧୦.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଅଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

### ଠିକଣା

(୧) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ ।
(୨) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ନୟାଗଡ ।

ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି ।

### ମୌଜା-ଡିମିସର, ଥାନା-ଶରଣକୁଳ, ତହସିଲ-ଓଡ଼ଗାଁ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ, ଠିକଣା |
|---|---|---|---|---|---|---|
| ୧ | ୪ | ୮୨୫ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ଅଇଁଠା ସେଠୀ, ପି-ଗଦେଇ ସେଠୀ, ଜାତି-ଧୋବା,ଗ୍ରାମ-ନିଜଗାଁ |
| ୨ | ୪୬ | ୪୯୯ | ସାରଦ ଦୋ ଫସଲି-୨ | ୦.୧୯ | ୦.୧୯ | ଆନନ୍ଦ ପରିଡା, କୈବଲ୍ୟ ପରିଡା, ପି-ଖତି ପରିଡା, ଜାତି-ଚଷା, ଗ୍ରାମ-ହରିପୁର |
| ୩ | ୬୨ | ୫୩୬<br>୫୩୭<br>୧୦୪୪<br>୧୬୭୭<br>୧୬୭୮ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୦୧<br>୦.୦୫<br>୦.୦୮<br>୦.୦୮ | ୦.୦୧<br>୦.୦୧<br>୦.୦୫<br>୦.୦୮<br>୦.୦୮ | ଉତ୍ତମ ବିଶୋଇ, ସ୍ୱା-ବୃନ୍ଦାବନ ବିଶୋଇ, ଚିନ୍ତା ବିଶୋଇ, ମାଟିଆ ବିଶୋଇ, ଅବଳା ବିଶୋଇ, ପି-ବୃନ୍ଦାବନ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୪ | ୭୭ | ୫୨୩ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| ୫ | ୭୮ | ୫୦୮<br>୫୨୨<br>୫୨୮<br>୧୮୦୦<br>୧୪୨୧<br>୫୨୮/୪୭୮୬ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୦୭<br>୦.୦୩<br>୦.୦୭<br>୦.୧୮<br>୦.୦୨ | ୦.୦୧<br>୦.୦୭<br>୦.୦୩<br>୦.୦୭<br>୦.୧୮<br>୦.୦୨ | ଶ୍ରୀ ସପନେଶ୍ୱର ମହାଦେବ ବିଜେ ନୟାଗଡ ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ ନୟାଗଡ |
| ୬ | ୮୬ | ୧୧୨୨ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଏକାଦଶୀ ମହାରଣା, ଭାଗିରଥୀ ମହାରଣା, ପି-ଜଗନ୍ନାଥ ମହାରଣା, ଗ୍ରାମ-ଡିମିସର |
| ୭ | ୮୭ | ୫୩୯ | ସାରଦ ଦୋ ଫସଲି | ୦.୦୭ | ୦.୦୭ | କନକ ଦାସ, ସ୍ୱା-ନଟବର ଦାସ, ଆଲେଖ ଦାସ, ଲକ୍ଷ୍ମୀଧର ଦାସ |
| ୮ | ୯୫ | ୧୧୨୫ | ସାରଦ ଦୋ ଫସଲି | ୦.୦୬ | ୦.୦୬ | କାଲୁ ଜେନା, ପି-କ୍ଷେତ୍ର ଜେନା, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୯ | ୧୦୧ | ୧୫୪ | ସାରଦ ଦୋ ଫସଲି | ୦.୦୮ | ୦.୦୮ | କାଶୀ ପଧାନ, ବେଙ୍ଗ ପଧାନ, ନନ୍ଦି ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୧୦ | ୧୧୦ | ୧୪୭<br>୯୬୪<br>୯୬୩<br>୯୬୫ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୧<br>୦.୦୪<br>୦.୦୫<br>୦.୦୧ | ୦.୦୧<br>୦.୦୪<br>୦.୦୫<br>୦.୦୧ | କୀର୍ତନ ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ଝର ସ୍ୱାଇଁ, ପି-ଲୋକନାଥ ସ୍ୱାଇଁ, ବାଉରୀ ସ୍ୱାଇଁ, ହାଲୁରି ସ୍ୱାଇଁ, ଦାଶରଥି ସ୍ୱାଇଁ, ପି-ଜଗବନ୍ଧୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ଗୋଡିପଡା |
| ୧୧ | ୨୫୨ | ୧୧୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଜଗନ୍ନାଥ ପରିଡା, ପି-ରାମ ବଳିଆରସିଙ୍ଘ, ଜାତି-ଚଷା, ଗ୍ରାମ-ନଗମୁଣ୍ଡୁଳି |
| ୧୨ | ୮୧୦ | ୧୧୩<br>୧୧୪<br>୧୧୫ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୯<br>୦.୦୪<br>୦.୦୬ | ୦.୦୯<br>୦.୦୪<br>୦.୦୬ | ହଜାରି ବେହେରା, ଲାବଣ୍ୟ ବେହେରା, ପି-ବାଉରୀ ବେହେରା, ଝୁମେଇ ବେହେରା, ସ୍ୱା-ବାଉରୀ ବେହେରା, ଜାତି-କାଳନ୍ଦି,ଗ୍ରାମ-ଡିମିସର |
| ୧୩ | ୮୫୫/୯୮ | ୧୨୬<br>୧୨୭ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୯<br>୦.୦୪ | ୦.୦୯<br>୦.୦୪ | ବାଳକୃଷ୍ଣ ସାହୁ, ଗୋପାଳ ଚରଣ ସାହୁ, ପି-ମଧୁସୂଦନ ସାହୁ, ଜାତି- ଗୁଡିଆ, ଗ୍ରାମ-ନଗମୁଣ୍ଡୁଳି |
| ୧୪ | ୧୪୦ | ୧୨୫ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୩<br>୦.୦୧ | ୦.୦୩<br>୦.୦୧ | କୈବଲ୍ୟ ବେହେରା, ପି-ମଙ୍ଗୁଳି ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୫ | ୭୯୪ | ୧୩୨<br>୧୩୩<br>୧୩୪ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୯<br>୦.୦୫<br>୦.୦୬ | ୦.୦୯<br>୦.୦୫<br>୦.୦୬ | ସୋଦର ସ୍ୱାଇଁ, ସ୍ୱା-କିରତନ ସ୍ୱାଇଁ, ଧୋବା ସ୍ୱାଇଁ, ସାହେବ ସ୍ୱାଇଁ, ଶେଷଦେବ ସ୍ୱାଇଁ, ଉଜାଲା ସ୍ୱାଇଁ, ନୀଳ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ହିନ ସ୍ୱାଇଁ, ପି-ଭିକାରୀ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ଡିମିସର |
| ୧୬ | ୭୧୧ | ୧୩୧ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶଙ୍କର ଜେନା, ହର ଜେନା, ପି-ଦୋଳ ଜେନା, ବୃନ୍ଦାବନ ଜେନା, ରଇବାରି ଜେନା, ପି-ଲିଙ୍ଗା ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୭ | ୩୬୪ | ୧୪୮<br>୧୦୪୬ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୬<br>୦.୨ | ୦.୦୬<br>୦.୨ | ନବୀନ ବିଶୋଇ, ପି-ବଡପାଣ୍ଡୁ ବିଶୋଇ |
| ୧୮ | ୪୫୫ | ୧୪୯ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ବନ୍ଧୁ ଜେନା, ପି-ନୀଳ ଜେନା |
| ୧୯ | ୭୦୬ | ୧୫୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଶଙ୍କର ସ୍ୱାଇଁ, ଦାସ ସ୍ୱାଇଁ, ପି-ସନିୟା ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ଡିମିସର |
| ୨୦ | ୫୩୬ | ୧୫୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଭଗବାନ ସ୍ୱାଇଁ, ପି-ଅଗାଧୁ ସ୍ୱାଇଁ, ସୁଦାମ ସ୍ୱାଇଁ, କିର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ |
| ୨୧ | ୩୨୩ | ୧୫୨<br>୧୫୧ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୧୩<br>୦.୦୩ | ୦.୧୩<br>୦.୦୩ | ଧନେଶ୍ୱର ବିଶୋଇ, ପି-ବୁଦ୍ଧି ବିଶୋଇ, ରଇବାରି ବିଶୋଇ, ସ୍ୱା-ବୁଦ୍ଧି ବିଶୋଇ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୨୨ | ୨୧୭ | ୮୩୦ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଚକ୍ରଧର ସାହୁ, ପି-ନରସିଙ୍ଘ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୩ | ୨୪୭ | ୮୨୯ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଜୟକୃଷ୍ଣ ସାହୁ, ଧନେଶ୍ୱର ସାହୁ, ପି-ଲିଙ୍ଗରାଜ ସାହୁ, ରାଜକିଶୋର ସାହୁ, ପି-ସଦା ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୨୪ | ୨୮୮ | ୭୩୪<br>୮୨୩<br>୧୦୪୫ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୬<br>୦.୧୨ | ୦.୦୫<br>୦.୦୬<br>୦.୧୨ | ଦଣ୍ଡୁ ସ୍ୱାଇଁ, ପି-କଣ୍ଡୁରି ରଣସିଂ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୨୫ | ୧୬୩ | ୮୨୪ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ଖଲି ନାୟକ, ବାସୁ ନାୟକ, ପି-ଜେନା ନାୟକ, କୈବଲ୍ୟ ନାୟକ, ପି-ସଇତା ନାୟକ, ଲକ୍ଷ୍ମଣ ନାୟକ, ଜାତି-ଓଡ ଖଣ୍ଡାୟତ |
| ୨୬ | ୮୫୫/୫୯ | ୮୧୪ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ଦାଶରଥି ମଲିକ, ପି-ଜଗନ୍ନାଥ ମଲିକ, ଜାତି-କଣ୍ଡରା, ଗ୍ରାମ-ନିଜଗାଁ |
| ୨୭ | ୫୧୪ | ୮୮୬/୪୮୨୩ | ସାରଦ ଦୋ ଫସଲି-୨ | ୦.୦୨ | ୦.୦୨ | ବୁଦ୍ଧି ବିଶୋଇ, ପି-ପଞ୍ଚୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୨୮ | ୪୫୬ | ୯୦୦<br>୯୦୧<br>୯୧୬<br>୧୮୧୪ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୪<br>୦.୦୪<br>୦.୦୩<br>୦.୦୧ | ୦.୦୪<br>୦.୦୪<br>୦.୦୩<br>୦.୦୧ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ସ୍ୱା-ଖଲି ବିଶୋଇ, ପଦି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୨୯ | ୭୬୩ | ୯୦୨<br>୯୨୦<br>୮୨୧ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୫<br>୦.୦୯<br>୦.୦୪ | ୦.୦୫<br>୦.୦୯<br>୦.୦୪ | ସୁକୁରୀ ପଧାନ, ସ୍ୱା-କୀର୍ତନ ପଧାନ, ବିଶିକା ସ୍ୱାଇଁ, ସ୍ୱା-ଅର୍ଜୁନ ସ୍ୱାଇଁ |
| ୩୦ | ୧୬୦ | ୯୦୩<br>୯୦୪ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୫<br>୦.୦୨ | ୦.୦୫<br>୦.୦୨ | ଖଲି ନାୟକ, ପି-କେଳା ନାୟକ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୩୧ | ୫୯୦ | ୯୨୧<br>୯୨୨<br>୬୦୮ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୧ | ୦.୦୭<br>୦.୧<br>୦.୧୩ | ୦.୦୭<br>୦.୧<br>୦.୧୩ | ମଙ୍ଗୁଳି ରାଉତ, ପି-କେଳା ରାଉତ, ମୁକୁନ୍ଦ ରାଉତ, ପି-ଭୀମ ରାଉତ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୩୨ | ୭୧୦ | ୯୨୩<br>୧୭୪୧ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୬<br>୦.୦୫ | ୦.୦୬<br>୦.୦୫ | ଶଙ୍କର ବେହେରା, ପି-ଶ୍ରୀଧର ବେହେରା, ମଣ୍ଡା ବେହେରା, ସ୍ୱା-ଶ୍ରୀଧର ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୩୩ | ୬୬୦ | ୯୨୪<br>୧୭୪୭<br>୧୭୮୮ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୮<br>୦.୦୮ | ୦.୦୫<br>୦.୦୮<br>୦.୦୮ | ରଇବାରି ବେହେରା, କୁସୁନ ବେହେରା, ସମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧି ବେହେରା, ପି-ଗଦେଇ ବେହେରା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୩୪ | ୩୭୦ | ୯୩୮<br>୯୩୯ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୭<br>୦.୦୬ | ୦.୦୭<br>୦.୦୬ | ନରସିଂହ ମହାରଣା, ଜଗନ୍ନାଥ ମହାରଣା, ପି-କଣ୍ଡ ମହାରଣା, ଜାତି-କମାର, ଗ୍ରାମ-ନିଜଗାଁ |
| ୩୫ | ୨୧୧ | ୯୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଗୌରୀ ଦାସ, ସ୍ୱା-ଭିକାରି ଦାସ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୩୬ | ୬୫୦ | ୯୩୬<br>୯୪୦ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୧୪<br>୦.୦୩ | ୦.୧୪<br>୦.୦୩ | ମୋଚି ବିଶୋଇ, ବଇକ୍ଷମ ବିଶୋଇ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୩୭ | ୩୦୧ | ୯୪୧ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ଦ୍ୱାରି ମାଝି, ପି-ଗୋବିନ୍ଦ ମାଝି, ଜାତି-ପାଣ, ଗ୍ରାମ-ନିଜଗାଁ |
| ୩୮ | ୩୪୮ | ୯୬୧<br>୯୬୭ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୯<br>୦.୦୮ | ୦.୦୯<br>୦.୦୮ | ନଟବର ସାହୁ, ପି-ରାମ ସୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୩୯ | ୮୪୯ | ୧୧୨୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ହୀନା ପଧାନ, ପି-ମୋଚି ପଧାନ, ସୋଦରି ପଧାନ, ସ୍ୱା-ମୋଚି ପଧାନ, ରାମା ପଧାନ, ମାଟିଆ ପଧାନ, ପି-ପାଣ୍ଡୁ ପଧାନ, ଜାତି-କାଳନ୍ଦି, ଗ୍ରାମ- |
| ୪୦ | ୮୩୬ | ୧୧୨୪ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ରଇବାରି ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୧ | ୬୩୪ | ୬୧୫<br>୧୧୨୭<br>୧୮୦୨<br>୧୮୦୩ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି | ୦.୦୨<br>୦.୦୬<br>୦.୦୯<br>୦.୦୧ | ୦.୦୨<br>୦.୦୬<br>୦.୦୯<br>୦.୦୧ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ହଜାରି ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁ, ଚନ୍ଦ୍ର ସ୍ୱାଇଁ, ସତୁରା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ,ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୪୨ | ୮୫୫/୪୬୦ | ୫୫୬<br>୫୫୮<br>୫୫୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୨<br>୦.୦୨<br>୦.୦୪ | ୦.୦୨<br>୦.୦୨<br>୦.୦୪ | ବଳଭଦ୍ର ନାୟକ, ବୁଲୁ ନାୟକ, ପି-ବଳଭଦ୍ର ନାୟକ, ଜାତି-ଚଷା, ଗ୍ରାମ-ହରିପୁର |
| ୪୩ | ୫୭୧ | ୧୧୨୧ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଭିକାରି ଦାସ, ପି-ମାଧବ ପ୍ରହରାଜ, ଜାତି-ବ୍ରାହ୍ମଣ, ଗ୍ରାମ-ନିଜଗାଁ |
| ୪୪ | ୩୨୯ | ୯୨୮<br>୧୧୨୮ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୪<br>୦.୦୬ | ୦.୦୪<br>୦.୦୬ | ଧୋବା ସ୍ୱାଇଁ,ଭୋବନୀ ସ୍ୱାଇଁ, ମଣ୍ଡା ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ: ନିଜଗାଁ |
| ୪୫ | ୩୩୧ | ୬୧୧<br>୬୧୨<br>୧୧୨୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୧୩<br>୦.୦୭ | ୦.୦୧<br>୦.୧୩<br>୦.୦୭ | ଧୋବା ଜେନା, ପି-କେଳା ଜେନା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୬ | ୩୯୫ | ୧୧୧୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ପଞ୍ଚୁ ବିଶୋଇ, ପି-ମାଗତା ସୁନ୍ଦରା, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୪୭ | ୭୭୮ | ୧୧୬୦<br>୧୪୩୨<br>୧୦୩୦ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୪<br>୦.୦୯<br>୦.୦୫ | ୦.୦୪<br>୦.୦୯<br>୦.୦୫ | ସୁଭାଷ ଚନ୍ଦ୍ର ସାହୁ, ନିଶା ସାହୁ, ସରସ ସାହୁ, ବିକାଶ ସାହୁ, ପି-ଲୋକନାଥ ସାହୁ, ସେବତୀ ସାହୁ, ସ୍ୱା-ଲୋକନାଥ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୪୮ | ୭୪୬ | ୧୨୮୪ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ସାବିତ୍ରୀ ପାତ୍ର, ସ୍ୱା-ଶତ୍ରୁଘନ ପାତ୍ର, ଜାତି- କୁମୁଟି, ଗ୍ରାମ-ନିଜଗାଁ |
| ୪୯ | ୬୭୧ | ୧୨୮୫ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ରାଜ କିଶୋର ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୫୦ | ୬୨୮ | ୧୨୮୩<br>୧୨୯୦<br>୧୨୯୧<br>୧୨୮୨/୪୮୩୪ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୭<br>୦.୦୧<br>୦.୦୪<br>୦.୦୪ | ୦.୦୭<br>୦.୦୧<br>୦.୦୪<br>୦.୦୪ | ମାଗି ସ୍ୱାଇଁ, ସ୍ୱା-ଖଲି ସ୍ୱାଇଁ, ଅଇଁଠା ସ୍ୱାଇଁ, ପି-ଖଲି ସ୍ୱାଇଁ, ଦୁଲା ସ୍ୱାଇଁ, ରଇବାରି ସ୍ୱାଇଁ, ପି-ଲକ୍ଷ୍ମଣ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୧ | ୮୩୫ | ୧୨୬୧ | ସାରଦ ଦୋ ଫସଲି-୨ | ୦.୦୭ | ୦.୦୭ | ହଳ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୨ | ୪୬୪ | ୧୨୬୨ | ସାରଦ ଦୋ ଫସଲି-୨ | ୦.୧୨ | ୦.୧୨ | ବନମାଳି ସାହୁ, ପି-ନରସିଂହ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୩ | ୩୫୦ | ୧୨୬୩ | ସାରଦ ଦୋ ଫସଲି-୨ | ୦.୧୧ | ୦.୧୧ | ନଟବର ସାହୁ, ରାମ ଶୁବୁଦ୍ଧି, କଇଁଛ ସାହୁ, ସ୍ୱା-ନଟବର ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୫୪ | ୮୪୧ | ୧୨୬୪<br>୧୨୬୫ | ସାରଦ ଦୋ ଫସଲି-୨<br>ସାରଦ ଦୋ ଫସଲି-୨ | ୦.୦୭<br>୦.୦୧ | ୦.୦୭<br>୦.୦୧ | ହାଲୁରି ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୫୫ | ୬୩୬ | ୧୨୬୮<br>୧୨୬୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୨୩<br>୦.୦୬ | ୦.୨୩<br>୦.୦୬ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅଟଙ୍ଗ ସ୍ୱାଇଁ, କ୍ଷେତ୍ର ଜେନା, ପି-ପୁନିୟା ଜେନା, ହଟ ବିଶୋଇ, ପି-ଗୁରୁ ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୬ | ୫୫୧ | ୧୨୭୩<br>୧୨୭୫<br>୧୩୦୬<br>୧୩୦୭ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୦୯<br>୦.୦୨<br>୦.୦୨ | ୦.୦୧<br>୦.୦୯<br>୦.୦୨<br>୦.୦୨ | ଭାଗିରଥୀ ସ୍ୱାଇଁ, ପି-ଚିନ୍ତାମଣି ସ୍ୱାଇଁ, ତପୋଇ ସ୍ୱାଇଁ, ସ୍ୱା-ଚିନ୍ତାମଣି ସ୍ୱାଇଁ, ଶେଷଦେବ ସ୍ୱାଇଁ, ପି-ଆମିନ ସ୍ୱାଇଁ, ଭରତ ସ୍ୱାଇଁ, ପି-ପାଇକରା ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୫୭ | ୫୪୨ | ୧୨୭୪<br>୧୩୧୨<br>୧୩୧୩ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୮<br>୦.୦୧<br>୦.୦୨ | ୦.୦୮<br>୦.୦୧<br>୦.୦୨ | ଭରତ ସ୍ୱାଇଁ, ପାଇକରା ସ୍ୱାଇଁ, ଧୋବା ସ୍ୱାଇଁ, ଭୋବନୀ ସ୍ୱାଇଁ, ପି-ପଞ୍ଚୁ ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ଭୀମ ସ୍ୱାଇଁ, ଉଦିଆ ସ୍ୱାଇଁ, ପାବନ ସ୍ୱାଇଁ, ପି-ବାସୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୮ | ୪୧୦ | ୧୨୭୭<br>୧୩୦୫<br>୧୪୨୬ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୪<br>୦.୦୬ | ୦.୦୫<br>୦.୦୪<br>୦.୦୬ | ପତି ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୫୯ | ୪୭୯ | ୧୩୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବାଞ୍ଛାନିଧି ସ୍ୱାଇଁ, ଭିକାରି ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୦ | ୮୦୦ | ୧୨୭୯<br>୧୨୮୦<br>୧୩୦୧ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୪<br>୦.୦୪ | ୦.୦୫<br>୦.୦୪<br>୦.୦୪ | ହଜାରି ସ୍ୱାଇଁ, ପି-ସଙ୍କରା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ହୀନ ସ୍ୱାଇଁ, ପି-ହଟ ସ୍ୱାଇଁ, ଅଲେଖ ସ୍ୱାଇଁ, ମଦନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରସ ସ୍ୱାଇଁ, ଜାତି-ଖଣ୍ଡାୟତ |
| ୬୧ | ୮୫୫/୯୭ | ୧୩୦୨ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ସରସ ସ୍ୱାଇଁ, ସ୍ୱା-ସାହେବ ସ୍ୱାଇଁ, ସାହେବ ସ୍ୱାଇଁ, ପି-କୀର୍ତନ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୨ | ୩୩୯ | ୧୩୧୧ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ନଟବର ସ୍ୱାଇଁ, ସମ୍ବାରୀ ସ୍ୱାଇଁ, ପବନା ସ୍ୱାଇଁ, ପି-ସନିଆ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୬୩ | ୬୦୩ | ୧୪୨୩ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ମଧୁ ସାହୁ, ପି-ମଦନ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୬୪ | ୪୧୪ | ୧୪୨୭<br>୧୪୨୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୧ | ୦.୦୫<br>୦.୦୧ | ପତି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ମହନ୍ତ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୫ | ୮୫୪ | ୧୪୩୦ | ସାରଦ ଦୋ ଫସଲି-୧ | ୦.୦୫ | ୦.୦୫ | ହେଙ୍ଗୁଳା ସ୍ୱାଇଁ, ସାହସ ସ୍ୱାଇଁ, ପି-ମଙ୍ଗୁଳି ସ୍ୱାଇଁ, ଉଚ୍ଛବ ସ୍ୱାଇଁ, ପି-ପାଣ୍ଡୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୬ | ୬୨୬ | ୧୪୩୧ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ମାଗି ମଲ୍ଲିକ, ପି-ମହନ ମଲ୍ଲିକ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୭ | ୬୪୯ | ୧୧୬୧<br>୧୧୬୧/୪୭୮୩ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୨ | ୦.୦୪<br>୦.୦୪ | ୦.୦୪<br>୦.୦୪ | ମୋଚି ବିଶୋଇ, ପି-ମଙ୍ଗୁଳି ବିଶୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୮ | ୨୦୩ | ୫୦୦<br>୫୦୧ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୦୮ | ୦.୦୧<br>୦.୦୮ | ଗୋବିନ୍ଦ ପଧାନ, ପି-ସୁକୁରୀ ପଧାନ, କାଶୀ ପଧାନ, ପି-ବୁଦ୍ଧି ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୬୯ | ୨୩୪ | ୫୦୭<br>୫୧୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୨<br>୦.୦୬ | ୦.୦୨<br>୦.୦୬ | ଚିନ୍ତା ପଧାନ, ପି-ଆନନ୍ଦ ପଧାନ, ସୁକୁରି ପଧାନ, ସ୍ୱା-ଚିନ୍ତା ପଧାନ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୭୦ | ୪୧୬ | ୫୨୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ପଦ୍ମଲାଭ ନାୟକ, ପି-ଅରକ୍ଷିତ ନାୟକ, ଜାତି-ଧୋବା, ଗ୍ରାମ-ହରିପୁର |
| ୭୧ | ୬୪୦ | ୫୨୧<br>୫୨୧/୪୯୦୮ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୮<br>୦.୦୧ | ୦.୦୮<br>୦.୦୧ | ମନ ଦଳବେହେରା, ପି-ଅମିନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| ୭୨ | ୬୯୨ | ୫୩୮ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଲିଙ୍ଗରାଜ ପଧାନ, ଅନ୍ତର୍ଯାମୀ ପଧାନ, ପି-ଚିନ୍ତାମଣି ପଧାନ, ଜାତି-ଚଷା, ଗ୍ରାମ-ହରିପୁର |
| ୭୩ | ୫୯୬ | ୫୫୪ | ସାରଦ ଦୋ ଫସଲି-୧ | ୦.୧୩ | ୦.୧୩ | ମଦନ ଷଣ୍ଢ, ପି-ଚିନ୍ତା ଷଣ୍ଢ, ଜାତି-ଚଷା, ଗ୍ରାମ-ହରିପୁର |
| ୭୪ | ୮୫୫/୧୮ | ୫୫୫<br>୫୮୨ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୬<br>୦.୦୭ | ୦.୦୬<br>୦.୦୭ | ଚିରଞ୍ଜୀବି ଦଳବେହେରା, ଯୋଗେନ୍ଦ୍ର ଦଳବେହେରା, ପି-ସୁଦର୍ଶନ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| ୭୫ | ୪୪୪ | ୫୬୦ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ପୁଣି ସ୍ୱାଇଁ, ସ୍ୱା-ଦଣ୍ଡୁ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ବିକାଶ ସ୍ୱାଇଁ, ସୁଲେଇ ସ୍ୱାଇଁ, ମନ୍ଦି ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଖଦଳ ସ୍ୱାଇଁ, ସ୍ୱା-ହଟ ସ୍ୱାଇଁ, ସୁଶୀଳା ସ୍ୱାଇଁ, ପି-ହଟ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୭୬ | ୧୪୨ | ୫୮୧<br>୫୮୬ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୫<br>୦.୦୩ | ୦.୦୫<br>୦.୦୩ | କୈବଲ୍ୟ ସ୍ୱାଇଁ, ବତୀ ସ୍ୱାଇଁ, ମାଟିଆ ସ୍ୱାଇଁ, ପି-ଯୋଗୀ ସ୍ୱାଇଁ, ଜାତି-ଚଷା, ଗ୍ରାମ-ନିଜଗାଁ |
| ୭୭ | ୧୫୨ | ୫୮୩<br>୬୦୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୩<br>୦.୦୧ | ୦.୦୩<br>୦.୦୧ | ଖଲିଆ ଜେନା, ସ୍ୱା-ଧନୀ ଜେନା, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୭୮ | ୮୫୫/୧୦ | ୮୨୨ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | ସତ୍ୟା ପଧାନ, ଇନ୍ଦିରା ପଧାନ, ପି-କୀର୍ତନ ପଧାନ, ଜାତି-ଓଡ ଖଣ୍ଡାୟତ |
| ୭୯ | ୫୪୮ | ୫୮୫<br>୧୭୪୮ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୪<br>୦.୦୪ | ୦.୦୪<br>୦.୦୪ | ଭାଗବତ ପଧାନ, ପି-ଖତି ପଧାନ, ଭଗବାନ ପଧାନ, ପି-ବୈଦ୍ୟନାଥ ପଧାନ, ଦୁଲା ପଧାନ, ସ୍ୱା-ନରସିଂହ ପଧାନ, ଗ୍ରାମ-ହରିପୁର |
| ୮୦ | ୯୨ | ୬୧୦ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | କାଳିକା ଦଳବେହେରା, ସ୍ୱା-କାଶୀନାଥ ଦଳବେହେରା, ଜାତି-ଚଷା, ଗ୍ରାମ-ହରିପୁର |
| ୮୧ | ୮୫୯ | ୬୧୪ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ, ନୟାଗଡ |
| ୮୨ | ୬୦୫ | ୬୧୮<br>୧୪୨୮ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୧<br>୦.୦୧ | ୦.୦୧<br>୦.୦୧ | ମହନ୍ତ ସ୍ୱାଇଁ, ପି-ବନମାଳି ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୮୩ | ୧୫୦ | ୧୭୪୫ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଖଲି ରାଉତ, ପି-କାଶୀ ରାଉତ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୪ | ୪୨୦ | ୧୭୪୪ | ସାରଦ ଦୋ ଫସଲି-୧ | ୦.୨୪ | ୦.୨୪ | ପଦ୍ମଚରଣ ସ୍ୱାଇଁ, ଲବଙ୍ଗ ସ୍ୱାଇଁ, ପି-ଘନଶ୍ୟାମ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ, ପି-ରଘୁ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୮୫ | ୬୧୬ | ୧୭୪୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ମହନ ଜେନା, ତପୋଇ ଜେନା, ପି-ଆନନ୍ଦ ଜେନା, ଝୁମେଇ ଜେନା, ସ୍ୱା-ଆନନ୍ଦ ଜେନା, କୈବଲ୍ୟ ଜେନା, ସନ୍ତରା ଜେନା |
| ୮୬ | ୭୪୭ | ୧୭୪୨ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଶ୍ରୀ ଭାଗବତ ଗୋସ୍ୱାମୀ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ସାମ ସାହୁ, ପି-ଅର୍ଜୁନ ସାହୁ |
| ୮୭ | ୭୦୧ | ୧୭୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୭ | ଲୋକନାଥ ଦାସ, ପି-ଋଷି ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୮ | ୨୭୭ | ୧୭୮୯ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ତ୍ରିଲୋଚନ ଦାସ, ପି-ଲୋକନାଥ ଦାସ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୮୯ | ୨୨୪ | ୧୭୯୨<br>୧୭୯୩<br>୯୮୬ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୬<br>୦.୦୫<br>୦.୦୧ | ୦.୦୬<br>୦.୦୫<br>୦.୦୧ | ଚାନ୍ଦ ସ୍ୱାଇଁ, ସ୍ୱା-ମାଗତା ସ୍ୱାଇଁ, ମହନ ସ୍ୱାଇଁ, କୋକିଳ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଲୋଚନ ସ୍ୱାଇଁ, ପି-ଚଇତନ ସ୍ୱାଇଁ, ବାନା ସ୍ୱାଇଁ, ପି-ବରଜୁ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୯୦ | ୬୩୨ | ୧୭୯୯/୪୭୯୩ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ମାଟିଆ ସ୍ୱାଇଁ, ପି-ଅନନ୍ତ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୯୧ | ୧୩୦ | ୧୮୦୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | କୃପାସିନ୍ଧୁ ସାହୁ, ପି-ସଦାଶିବ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୨ | ୩୬୬ | ୧୮୧୫<br>୧୮୧୭ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୭<br>୦.୧୫ | ୦.୦୭<br>୦.୧୫ | ନରସିଂହ ନାୟକ, ପି-କଣ୍ଡ ନାୟକ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୩ | ୩୧୧ | ୧୮୧୬ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଦୁଖୀ ବିଶୋଇ, ସ୍ୱା-ରଘୁ ବିଶୋଇ, ଅରକ୍ଷିତ ବିଶୋଇ, ପି-ରଘୁ ବିଶୋଇ |
| ୯୪ | ୬୪୪ | ୧୮୧୮ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ମୁଳି ସାହୁ, ପି-ଲିଙ୍ଗରାଜ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୯୫ | ୮୫୫/୧୨୯ | ୮୮୨ | ସାରଦ-୨ | ୦.୧୪ | ୦.୧୪ | ଗୋବର୍ଦ୍ଧନ ନାୟକ, ସୁଦର୍ଶନ ନାୟକ, ପି-ଭୀମ ନାୟକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୬ | ୪୫୬ | ୯୦୧ | ସାରଦ ଦୋ ଫସଲି-୨ | ୦.୦୪ | ୦.୦୪ | ବନ୍ଧୁ ବିଶୋଇ, ପି-କ୍ଷେତ୍ର ବିଶୋଇ, ଡମ୍ବରୁଧର ବିଶୋଇ, ପି-ଖଲି ବିଶୋଇ, ପଡି ବିଶୋଇ, ସ୍ୱା-ଖଲି ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୭ | ୮୫୫/୧୫୭ | ୧୩୦୦ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ବଳରାମ ବିଶୋଇ, ବଶ୍ଚରାମ ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୯୮ | ୮୫୫/୨୨୨ | ୧୨୭୮ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ଗୌରାଙ୍ଗ ସାହୁ, ପି-ଦିନବନ୍ଧୁ ସାହୁ, ଜାତି-ରଙ୍ଗଣୀ, ଗ୍ରାମ-ନିଜଗାଁ |
| ୯୯ | ୮୩୮ | ୫୨୯ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ହଟ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ପି-ପୁନିୟା ସ୍ୱାଇଁ, ରାଇବାରି ସ୍ୱାଇଁ, ସ୍ୱା-ପୁନିୟା ସ୍ୱାଇଁ |
| ୧୦୦ | ୮୫୫/୨୩୩ | ୧୭୪୬ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ହୀନା ବିଶୋଇ, ପି-ସମ୍ବରୀ ବିଶୋଇ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୧ | ୮୫୫/୨୫୬ | ୯୨୯ | ସାରଦ ଦୋ ଫସଲି-୧ | ୦.୧ | ୦.୧ | ରବିନ୍ଦ୍ର ବିଶୋଇ, ପି-ଛାଟିଆ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୦୨ | ୮୫୫/୧୫୩ | ୧୭୮୧ | ସାରଦ ଦୋ ଫସଲି-୧ | ୦.୨ | ୦.୨ | କୀର୍ତନ ସ୍ୱାଇଁ, ପି-ଦଣ୍ଡୁ ସ୍ୱାଇଁ, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୩ | ୨୦୪ | ୧୪୨୨ | ସାରଦ ଦୋ ଫସଲି-୧ | ୦.୧୭ | ୦.୧୭ | ଗୋବିନ୍ଦ ଜେନା, ପି-କ୍ଷେତ୍ର ଜେନା, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୪ | ୪୬୩ | ୧୭୮୫ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ବନମାଳି ସ୍ୱାଇଁ, ଚିନ୍ତାମଣି ସ୍ୱାଇଁ, ପି-ନାରଣ ସ୍ୱାଇଁ, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୫ | ୬୫୨ | ୯୩୦ | ସାରଦ ଦୋ ଫସଲି-୨ | ୦.୦୬ | ୦.୦୬ | ମୋହନ ସ୍ୱାଇଁ, ପି-ସୁକୁରୀ ସ୍ୱାଇଁ, ଜାତି- ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୦୬ | ୬୩୭ | ୯୩୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ମାଟିଆ ସ୍ୱାଇଁ, ପି-ନନ୍ଦ ସ୍ୱାଇଁ, ମନ୍ଦ ସ୍ୱାଇଁ, ସ୍ୱା-ନନ୍ଦ ସ୍ୱାଇଁ, ବନ୍ଧୁ ସ୍ୱାଇଁ, ପି-ଅଟଙ୍ଗ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୭ | ୩୭୫ | ୧୦୩୧ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ନରସିଂହ ସ୍ୱାଇଁ, ହଜାରି ସ୍ୱାଇଁ, ସୁବଳ ସ୍ୱାଇଁ, ଦେବରାଜ ସ୍ୱାଇଁ, ସାବି ସ୍ୱାଇଁ, ସିତା ସ୍ୱାଇଁ, ପି-ଭୀମ ସ୍ୱାଇଁ, ଅଡେଇ ସ୍ୱାଇଁ, ସ୍ୱା-ଭୀମ ସ୍ୱାଇଁ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୮ | ୭୫୯ | ୧୦୩୨ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ସୁକୁରି ବିଷୋଇ, ପି-ମଙ୍ଗୁଳି ବିଷୋଇ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୦୯ | ୬୪୨ | ୧୦୩୩ | ସାରଦ ଦୋ ଫସଲି-୧ | ୦.୧୪ | ୦.୧୪ | ମହାଲି ପଲେଇ, ସ୍ୱା-ନୀଳ ପଲେଇ, ହେମ ସ୍ୱାଇଁ, ପି-ଭଗତ ସ୍ୱାଇଁ, ରଘୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୦ | ୧୪୭ | ୧୦୩୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଖଦାଳ ବିଷୋଇ, ସ୍ୱା-ମହେଶ୍ୱର ବିଷୋଇ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୧ | ୬୬୧ | ୧୦୩୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ରଇବାରି ବେହେରା, କୁସୁନ ବେହେରା, ଶାମ୍ବରୀ ବେହେରା, ଚକ୍ରଧର ବେହେରା, ବୁଦ୍ଧିନାଥ ବେହେରା, ପି-ଗଦେଇ ବେହେରା, ଶ୍ରୀଧର ବେହେରା, ପି-ସଇତା ବେହେରା, ଜାତି-ଓଡ ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୧୧୨ | ୬୦୪ | ୧୦୩୭ | ସାରଦ ଦୋ ଫସଲି-୨ | ୦.୦୩ | ୦.୦୩ | ମନୁ ସ୍ୱାଇଁ, ପି-ସନ୍ତରା ସ୍ୱାଇଁ, ଗଦାଧର ସ୍ୱାଇଁ, ପି-ରତନ ସ୍ୱାଇଁ, ଜାତି-କାଳନ୍ଦି, ଗ୍ରାମ-ନିଜଗାଁ |
| ୧୧୩ | ୧୬୧ | ୧୦୪୩ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ଖଲି ନାୟକ, ପି-କେଲା ନାୟକ, ଅଗାଧୁ ବିଷୋଇ, ସନ୍ତରା ବିଷୋଇ, ବଳି ବିଷୋଇ, ପି-ସୁକୁରି ବିଷୋଇ, ଖଦାଳ ମଲ୍ଲିକ, ସ୍ୱା-ଧୋବା ମଲ୍ଲିକ, ଜାତି-କଳନ୍ଦି, ଗ୍ରାମ-ନିଜଗାଁ |
| ୧୧୪ | ୮୫୮ | ୧୬୭୧ | ସାରଦ ଦୋ ଫସଲି-୧ | ୦.୧୮ | ୦.୧୮ | ଶ୍ରୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ଼ |
| ୧୧୫ | ୮୧ | ୧୬୭୨ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ଶ୍ରୀ ଗ୍ରାମଦେବତୀ ଭଗବତୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ ସେବା ସୂତ୍ରେ ଦଖଲ ଅରକ୍ଷିତ ମହାପାତ୍ର, ପି-ବସୁଦେବ ମହାପାତ୍ର, ଜାତି-ମାଳୀ, ଗ୍ରାମ-ଗୋଡିପଡା |
| ୧୧୬ | ୮୫୭ | ୧୬୭୩ | ସାରଦ ଦୋ ଫସଲି-୧ | ୦.୧୫ | ୦.୧୫ | ଶ୍ରୀ ପଣ୍ଡୁକେଶ୍ୱର ମହାଦେବ ବିଜେ ବଉଳ ସାହି, ମାର୍ଫତ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ, ନୟାଗଡ |
| ୧୧୭ | ୮୬୧ | ୧୬୮୮<br>୧୬୮୯ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୩<br>୦.୦୨ | ୦.୦୩<br>୦.୦୨ | କୀର୍ତନ ସ୍ୱାଇଁ,ପି-କେଳା ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, କୁସୁନ ସ୍ୱାଇଁ, ପି-ପତି ସ୍ୱାଇଁ |
| ୧୧୮ | ୮୫୫/୩୬୮ | ୧୬୯୦<br>୧୬୯୧<br>୧୬୯୨<br>୧୬୯୩ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୪<br>୦.୦୩<br>୦.୦୩<br>୦.୦୭ | ୦.୦୪<br>୦.୦୩<br>୦.୦୩<br>୦.୦୭ | ନିଧି ବିଶୋଇ, ପି-ମହେଶ୍ୱର ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୧୯ | ୮୧୨ | ୧୬୯୬ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ହଟ ବିଶୋଇ, ପି-ଗୌରୀ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୦ | ୨୯୩ | ୭୩୩ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଦର୍ପଣୀ ବିଶୋଇ, ସ୍ୱା-ଅର୍ଜୁନ ବିଶୋଇ, ମହେଶ୍ୱର ବିଶୋଇ, ଭଗବାନ ବିଶୋଇ, ଜାତି-କାଳାଙ୍ଗି, ଗ୍ରାମ-ନିଜଗାଁ |

# ୯ ହଜାର ବୋତଲ କଫ୍ ସିରପ୍ ଜବତ

■କାର୍, ପିକ୍ଅପ୍ ଭ୍ୟାନ୍ ଜବତ
■ବରଗଡ଼ରୁ ଆଣି ରାମପୁରରେ ବିକ୍ରି ଯୋଜନା ଥିଲା

ସୋନପୁର/ଡୁଙ୍ଗୁରିପାଲି, ୭।୨ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ରାମପୁର ପୋଲିସ ଶନିବାର ସକାଳେ ଚଢ଼ାଉକରି ବିପୁଳ ପରିମାଣର କଫ୍ ସିରପ୍ ଜବତ୍ କରିଛି। ଏହି ଘଟଣାରେ ପରିବହନକାରୀ ତଥା ବରଗଡ଼ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍ସନ ସାହୁ(୨୪)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କଫ୍ ସିରପ୍ ବୋଝେଇ ହୋଇଥିବା ପିକ୍ଅପ୍ ଭ୍ୟାନ୍ ଓ ଏକ କାର୍‌କୁ ପୋଲିସ ଜବତ କରିଛି। ବରଗଡ଼ ପଟୁ ଏହି କଫ୍ ସିରପ୍ ଆସିଥିଲା।


ପୋଲିସ ଭ୍ୟାନ୍ ଓ କାର୍‌ରୁ କଫ୍‌ସିରପ୍ ଜବତ କରୁଛି।

ଗୁଲସନଙ୍କ କାର୍‌ରେ ସେଗୁଡ଼ିକୁ ରାମପୁର ଅଞ୍ଚଳରେ ବିକ୍ରି କରାଯିବାର ଯୋଜନା ଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାମପୁର ଥାନା ମାୟାବାହାଁ ପଞ୍ଚାୟତ ସାହାଜବାହାଲ ପଡ଼ିଆରେ ଶନିବାର ସକାଳେ କେତେଜଣ ଲୋକଙ୍କ ଦ୍ୱାରା କଫ୍ ସିରପ୍ କାରବାର ଚାଲିଥିବା ନେଇ ଏସ୍‌ପି ନାୟକଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାମପୁର ଥାନା ଏସ୍‌ଆଇ ପ୍ରକାଶ ନନ୍ଦ ଓ ଟିମ୍ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ପିକ୍ଅପ୍ ଭ୍ୟାନ୍ ଓ କାର୍ ଥିବା ଦେଖିବାକୁ ମିଳିଥିଲା।

## ଜଣେ ଗିରଫ

ପୋଲିସ ଟିମ୍‌କୁ ଦେଖି ସେଠାରେ ଥିବା ୩ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ପିଛା କରିବାକୁ ଯାଇ ପୋଲିସ ଟିମ୍ କାର୍ (ନଂ. ଓଡି଼୦୩-ଏବି-୧୭୯୦) ଓ କାର୍ ମାଲିକ ଗୁଲସନଙ୍କୁ ଅଟକ ରଖିଥିଲା। ପିକ୍ଅପ୍ ଭ୍ୟାନ୍ (ନଂ.ଓଡି଼୧୭ଏଫ-୬୬୬୬) ଓ କାର୍ ତନଖି ସମୟରେ ସେଥିରୁ କଫ୍ ସିରପ୍ ଠାବ ହୋଇଥିଲା। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ସାକ୍ଷୀ ଓ ମାଜିଷ୍ଟ୍ରେଟ୍ ତଥା ରାମପୁର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଉପସ୍ଥିତିରେ ଉଭୟ ଗାଡ଼ି ତନଖି ସମୟରେ ମୋଟ ୬୮ଟି ବ୍ୟାଗ୍ ମିଳିଥିଲା। ପ୍ରତି ବ୍ୟାଗ୍‌ରେ ୬ଟି ପ୍ୟାକେଟ୍ ଥିଲା। ସେହିଭଳି ପ୍ରତି ପ୍ୟାକେଟ୍‌ରେ ୨୫ଟି ଲେଖାଏ ୧୦୦ମିଲିଲିଟର ବିଶିଷ୍ଟ ସର୍ବ ମୋଟ ୯୦୦୦ ବୋତଲ ଏସ୍‌କଫ୍ କୋଡିନ୍ ଫୋସଫେଟ୍ ଓ ଟ୍ରିପ୍ରୋଲାଇଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ ବୋତଲ ମିଳିଥିଲା। ଏହି ଘଟଣାରେ ରାମପୁର ଥାନା ପୋଲିସ ଏନ୍‌ଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ଏକ ମାମଲା(ନଂ.୪୪/୨୬)ରୁଜୁ କରିଛି। ସେହିପରି କଫ୍‌ସିରପ, କାର୍ ଓ ପିକ୍ଅପ୍‌କୁ ପୋଲିସ ଜବତକରି ଅଧିକ ଅନୁସନ୍ଧାନ ଜାରି ରଖିଛି। ଜବତ କଫ୍‌ସିରପ୍‌ର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ୮୨ ହଜାର ଟଙ୍କା ହେବ ବୋଲି ଏସ୍‌ପି ନାରାୟଣ ନାୟକ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ବରଗଡ ଜିଲାରୁ କଫ୍ ସିରଫ ଆଣି ଚାହିଦା ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳକୁ ଯୋଗାଉଥିଲେ। ତଦନ୍ତ ଜାରି ରହିଥିବା ରାମପୁର ଆଇଆଇସି ଡୋଲାମଣି ନାଏକ କହିଛନ୍ତି। ଭାରପ୍ରାପ୍ତ ସୋନପୁର ଏସ୍‌ଡିପିଓ ରେଣୁକା ସୁନା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଡକାୟତି ଘଟଣାରେ ୧୦ ଗିରଫ

ହିଞ୍ଜିଳିକାଟୁ, ୭।୨ (ଦ୍ୱିତୀକୃଷ୍ଣ ପଣ୍ଡା)

## ଲୁଟ ସାମଗ୍ରୀ ସହ ମାରଣାସ୍ତ୍ର ଜବତ

ହିଞ୍ଜିଳି ଥାନା ଶରଧାପୁର ଶ୍ମଶାନ ନିକଟରେ ମଙ୍ଗଳବାର ରାତିରେ ଏକ ନିର୍ବନ୍ଧ ଭୋଜିରୁ ଫେରୁଥିବା ବେଳେ ଏକ ଗ୍ୟାଙ୍ଗ ରାସ୍ତାରେ ୩ ଜଣଙ୍କୁ ଆକ୍ରମଣ କରି ଡକାୟତି କରିଥିଲେ। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ(୧୯), ଗଣେଶ ପ୍ରଧାନ(୨୪), ସଦାଶିବ ପ୍ରଧାନ(୧୯), ପୋଲସରା ଥାନା ମଥୁରା ଗ୍ରାମର ଶୁଭମ ରାଉତ (୧୯), ମନଶିଳା ଗ୍ରାମର ବିନାୟକ ଖଟାଇ ଓରଫ କାଳିଆ(୨୨), ଆସିକା ଥାନା ଗବନଳା ଗ୍ରାମର ସୁଦାମ ରାଉତ ଓରଫ ରାଜ(୨୪) ଓ ଚୋରି ସାମଗ୍ରୀ କିଣିଥିବା ୪ ଯୁବକ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ମୋହନ ଗୌଡ(୨୭), ସେୱତା ଖଟାଇ ଓରଫ ପାଣ୍ଡା(୨୫), ସୁନାପାଲ୍ଲୀ ଗ୍ରାମର ଚନ୍ଦନ ସେଠୀ(୨୩) ଓ ପୋଲସରା ଗ୍ରାମର ତୁଷାର ସାହୁ(୧୯)। ସେମାନଙ୍କ ଠାରୁ ସୁନାମୁଦି, ୩ଟି ମୋବାଇଲ ଫୋନ, ୫ ହଜାର ଟଙ୍କା ସହ ଅନ୍ୟ ୧୭ଟି ମୋବାଇଲ, ଡକାୟତିରେ ବ୍ୟବହୃତ ବହୁ ମାରଣାସ୍ତ୍ର ଓ ୩ଟି ବାଇକ (ଓଡି଼୦୭ବିସି ୦୯୨୨, ଓଡି଼୩୧ଏଲ ୪୦୨୪ ଓ ଓଡି଼୦୭ଏକେ ୪୦୯୧) ପୋଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେଶ୍ ନଂ ୭୫/୨୬ରେ ଏକ ମାମଲା କରି ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ବେଳେଗାଁ ଥାନା ଦୁର୍ଗିଷ୍ଟ ଗ୍ରାମର ଅମିର ସାହୁ, ତାଙ୍କ ଭଣଜା ସୁମନ ସାହୁ ଓ କ୍ୟାମେରା


ଜବତ ହୋଇଥିବା ସାମଗ୍ରୀ।

ମ୍ୟାନ ଅଜିତ ମହାନ୍ତି ହିଞ୍ଜିଳି ଥାନା ପିତଳ ଗ୍ରାମରୁ ପୁଅର ନିର୍ବନ୍ଧ କାର୍ଯ୍ୟ ସାରି ବାଇକରେ (ଓଡି଼୦୭ଏଆର ୩୯୨୫) ଘରକୁ ଫେରୁଥିଲେ। ହିଞ୍ଜିଳି ଥାନା ଶରଧାପୁର ଗ୍ରାମ ଶ୍ମଶାନ ନିକଟରେ ୬ ଜଣ ଅମିରଙ୍କ ବାଇକ ଅଟକାଇ ନିସ୍ଥୁକ ମାଡ ମାରିଥିଲେ। ପରେ ସେମାନେ ଧରିଥିବା ସୁନା ମୁଦି, ୫ ହଜାର ଟଙ୍କା, ୩ଟି ମୋବାଇଲ ଫୋନ, କ୍ୟାମେରା ଓ କ୍ୟାମେରା ଲାଇଟ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ନେଇ ଅମିର ବୁଧବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଶନିବାର ବ୍ରହ୍ମପୁର ଅଞ୍ଚଳରୁ ୬ ଜଣଙ୍କୁ କାବୁ କରିଥିଲା। ପରେ ଲୁଟ ସାମଗ୍ରୀକୁ ଜବତ କରିଛି।

# ଷ୍ଟିଲ୍ ସିଟିରେ ଚା’ ଦୋକାନୀଙ୍କୁ ହତ୍ୟା

## ଅଭିଯୁକ୍ତ ଫେରାର, ପୋଲିସର ତନାଘନା

ରାଉରକେଲା,୭।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ରାତିରେ ଜଣେ ଚା ଦୋକାନୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପୋଲିସ ପାଇପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଥାନାଧିକାରୀଙ୍କୁ ଭେଟି ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ଅପରପକ୍ଷେ, ପୋଲିସ ଏ ନେଇ ଏକ ମାମଲା (ନଂ.୧୨୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଳିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତେବେ ନିକଟସ୍ଥ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ଅବିନାଶଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ନରେ ମୃତଦେହ


ଅବିନାଶ ଯାଦବ। (ଫାଇଲ ଫଟୋ)

ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ କାମ କରୁଥିବା ଚା’ ଦୋକାନ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେଲା ଅବିନାଶ ତାଙ୍କ ଦୋକାନରେ କାମ କରିଆସୁଥିଲେ। ଗତବର୍ଷ ଗଣେଶ ବିସର୍ଜନ ସମୟରେ ଗୀତ ବଜାଇବାକୁ ନେଇ ଅନ୍ୟମାନଙ୍କ ସହ ଝଗଡ଼ା ହୋଇଥିଲା। ତାଙ୍କୁ ଜୀବନରୁ ମାରିବାକୁ ଯୋଜନା କରାଯାଉଥିବା ଶୁଣିବାକୁ ମିଳିଥିଲା। ଅବିନାଶଙ୍କ ସହ ଝଗଡ଼ା ହୋଇଥିବା ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟା ସାଢ଼େ ୮ଟାରେ ଷ୍ଟେଶନ ପରିସରରେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖାଯାଇଛି। ଅବିନାଶଙ୍କୁ ହତ୍ୟା କରାଯିବା ଘଟଣାରେ ଉକ୍ତ ଯୁବକଙ୍କୁ ସନ୍ଦେହ କରାଯାଉଛି ବୋଲି ଦୋକାନ ମାଲିକ ଯାଦବ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିବସ୍ୱ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ସେମାନେ ପୋଲିସ ହାତରେ ଧରାପଡିବେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ପ୍ରଧାନ କହିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ, ୪ ଗିରଫ

ଯୋଡ଼ା,୭।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଜରିବାହାଲ ରୁଙ୍ଗ୍‌ଟା ଛକଠାରେ ଚାଲିଥିବା ଏଏମ୍‌ଏନ୍‌ଏସ୍ ସ୍ଲରି ପାଇପ୍‌ଲାଇନ କମ୍ପାନୀର କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଜରିବାହାଲ ଅଞ୍ଚଳର ଦୀପକ ଗିରି, ଧୀରଜ ନାଗ, ସଦାନନ୍ଦ ସର୍ଦ୍ଦାର ଓ ଟୁକୁନା ମୁଣ୍ଡା।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ୪ ଅଭିଯକ୍ତ ୨ଟି ବାଇକ୍‌ରେ ଆସି ପାଇପ୍‌ଲାଇନ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସୁରକ୍ଷା କର୍ମୀ ବିରୋଧ କରିବାରୁ ସେମାନଙ୍କୁ ମଧ ମାଡ଼ ମାରି ସେମାନଙ୍କଠାରୁ ଟଙ୍କା ଲୁଟ୍ କରିଥିଲେ। ଦାୟିତ୍ୱରେ ଥିବା କମ୍ପାନୀର କନିଷ୍ଠ ଯନ୍ତ୍ରୀ କୁମାର ବିଶାଲ ଜିତ୍‌ଙ୍କୁ ବାଇକ୍‌ରେ ବସାଇ ଅପହରଣ କରି ଜଙ୍ଗଲ ମଧ୍ୟକୁ ନେଇଯାଇ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ଜାଣିପାରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ମୋବାଇଲ ନମ୍ବରର ଲୋକେଶନ ଟ୍ରାକ୍ କରି ଚଢ଼ାଉ କରି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ କାବୁ କରିଥିଲା। ପରେ କନିଷ୍ଠ ଯନ୍ତ୍ରୀଙ୍କ ଏତଲା କ୍ରମେ ଏକ ମାମଲା (ନଂ.୨୬/୨୦୨୬)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଯଶକେତନ ଭୋଇ କହିଛନ୍ତି।

# ରୁପାଚେନ୍ ମାଗିବାରୁ ଯୁବକଙ୍କ ଗଳାକାଟି ହତ୍ୟା କରିଥିଲେ

ବ୍ରଜରାଜନଗର, ୭।୨ (ବିଜୟ ବରାଡ଼

## ଜଙ୍ଗଲରୁ ଗଳିତ ମୃତଦେହ ଜବତ ଘଟଣା

### ୫ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୫ଜଣ ନାବାଳକଙ୍କୁ ଧରି ଶନିବାର ରାଉରକେଲାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ସେମାନଙ୍କ ଘର ରାମପୁର ଫାଣ୍ଡି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ଜବତ କରାଯାଇଛି। ତେବେ ରୁପାଚେନ୍ ମାଗିବାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ବ୍ରଜରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସାହିଲ ସହିସ(୧୯) ଗତ ୧ ତାରିଖ ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ଗତ ବୁଧବାର ଅପରାହ୍ନରେ ସାହିଲଙ୍କ ବାପା ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ କେତେଜଣ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ସକାଳେ ରାମପୁର ଫାଣ୍ଡି ଅନ୍ତର୍ଗତ ଟାଙ୍ଗରଘାଟ ଜଙ୍ଗଲରୁ ସାହିଲଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ରୁପାଚେନ୍ ମାଗିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଥିଲା। ସାହିଲଙ୍କ ଏକ ରୁପାଚେନ୍‌କୁ ଜଣେ ନାବାଳକ ସାଙ୍ଗ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ଫେରାଇ ନ ଥିଲେ। ସାହିଲ ବାରମ୍ବାର ମାଗିବା ପରେ ସମ୍ପୃକ୍ତ ନାବାଳକ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତଦନୁଯାୟୀ ଗତ ୧ ତାରିଖରେ ନାବାଳକ ତାଙ୍କ ସାଙ୍ଗମାନଙ୍କ ସହାୟତାରେ ସାହିଲଙ୍କୁ ଟାଙ୍ଗରଘାଟ ଜଙ୍ଗଲକୁ ଡାକିଥିଲେ। ସେ ସେଠାରେ ପହଞ୍ଚିବା ପରେ ରୁପା ଚେନ୍ ନେଇଥିବା ନାବାଳକ ଏକ ଭୁଜାଲିରେ ସାହିଲଙ୍କ ଗଳା କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାହିଲଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅନ୍ୟ ସାଙ୍ଗଙ୍କ ସହାୟତାରେ ମୃତଦେହକୁ ଏକ କଳାଜରିରେ ବାନ୍ଧି ଜଙ୍ଗଲ ଭିତରେ ଫିଙ୍ଗି ପକାଇ ଯାଇଥିଲେ। ସାହିଲ କାଳେ ବଞ୍ଚିଯାଇଥିବେ ସନ୍ଦେହ କରି ମୁଖ୍ୟ ଅଭିଯୁକ୍ତ ପୁନର୍ବାର ଗତ ୧ ତାରିଖ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଉପରେ ତାଳପତ୍ର ପକାଇ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲା। ସେମାନଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨ ଜଣଙ୍କୁ କାବୁ କରିଥିବା ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଓ ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ।


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ ଠିକଣା |
|---|---|---|---|---|---|---|
| ୧୨୧ | ୧୫୪ | ୯୯୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଖଲି ସେଠୀ, ପି-ବୀର ସେଠୀ, ହରି ସେଠୀ, ରାଜ ସେଠୀ, ମାଲତୀ ସେଠୀ, ପି-ମୋଚି ସେଠୀ, ମାଟିଆ ସେଠୀ, ଜାତି-ଧୋବା, ଗ୍ରାମ-ନିଜଗାଁ |
| | | ୯୯୧ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | |
| ୧୨୨ | ୬୧୩ | ୯୯୨ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ମହନ ସ୍ୱାଇଁ, କସ୍ତୁରି ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ନିଜଗାଁ |
| ୧୨୩ | ୨୭୮ | ୧୦୦୪ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ତୋଫାନ ବିଶୋଇ, କୁମାରୀ ବିଶୋଇ, ନବନ ବିଶୋଇ, ପି-ଅରକ୍ଷିତ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |
| ୧୨୪ | ୮୫୫/୨୪୪ | ୧୬୯୬/୫୬୦୩ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ନାରାୟଣ ପାତ୍ର, ପି-ଘନଶ୍ୟାମ ପାତ୍ର, ଜାତି-କୁମୁଟି, ଗ୍ରାମ-ନିଜଗାଁ |
| ୧୨୫ | ୮୫୫/୨୨୬ | ୭୩୪/୫୫୪୨ | ସାରଦ ଦୋ ଫସଲି-୧ | ୦.୦୯ | ୦.୦୯ | ମହେଶ୍ୱର ବିଶୋଇ, ପି-ଅର୍ଜୁନ ବିଶୋଇ, ଜାତି-କଳାଙ୍ଗି, ଗ୍ରାମ-ନିଜଗାଁ |

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
OIPR-32001/32260/3/25-26/0022



OFFICE OF THE MUNICIPAL COUNCIL, BELPAHAR
Ph. : 06645-356292, Fax : 06645-250236, Email : municipalitybelpahar@gmail.com
NOTICE INVITING EXPRESSION OF INTEREST (EOI)
No.13001/37/2526 EOI Notice No.299 Dt.05.02.2026

The details may be accessed and the EOI can be seen & downloaded from www.belpaharmunicipality.co.in & Jharsuguda District website i.e. www.jharsuguda.odisha.gov.in

| | | |
|---|---|---|
| Name of the Work | : | Expression of Interest (EOI) for Arrival of rates of Vehicles & Machineries Required for Belpahar Municipality |
| Submission of Rates by Regd. Post/Speed Post only | : | On or before dt.12.02.2026 upto 5.00 P.M. on working days |
| Name & address of the officer inviting EOI | : | Executive Officer, Belpahar Municipality |

Sd./- Executive Officer
Belpahar Municipality
OIPR-13001/13050/1/25-26/0037



ODISHA LIVESTOCK RESOURCES DEVELOPMENT SOCIETY (OLRDS),
OBPI Campus, Bhubaneswar-751003
Email: olrdsahd@gmail.com, Website:olrds.odisha.gov.in
Invitation for Expression of Interest
For
LIVESTOCK INSURANCE UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS) for the year 2026-27

No.6001/5/2526: Odisha Livestock Resources Development Society (OLRDS) invites Expression of Interest from eligible IRDAI approved Insurance Companies for the implementation of Livestock Insurance Scheme for the year 2026-27. Last date of receipt of EoI is 16.02.2026 upto 5.00 PM. The details in this regard can be downloaded from the OLRDs website: olrds.odisha.gov.in Directorate of Animal Husbandry & Veterinary Services, Odisha: dahvs.odisha.gov.in and NIC, Khordha: khordha.odisha.gov.in
The tender will open on 17.02.2026 at 11 AM.
Sd./-
OIPR-6001/6061/1/25-26/0005 Chief Executive Officer, OLRDS



ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖୋର୍ଦ୍ଧା
ବେଗୁନିଆ, ଓଡ଼ିଶା - 752062 19001/12/2526
OSRTC ଅଟଳ ବସଷ୍ଟାଣ୍ଡ ଦୋକାନ ଗୃହ ଆବଣ୍ଟନ ସମ୍ବନ୍ଧୀୟ ବିଜ୍ଞପ୍ତି
ପତ୍ର ସଂଖ୍ୟା : 319 ତାରିଖ : ୨୮.୦୧.୨୦୭୬

ବେଗୁନିଆ ପଞ୍ଚାୟତ ସମିତି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବେଗୁନିଆ ବ୍ଲକ OSRTC ଅଟଳ ବସଷ୍ଟାଣ୍ଡ ପରିସରରେ ଥିବା ୮ଟି (ଆଠଗୋଟି) ଦୋକାନ ଘର ଭଡ଼ାସୂତ୍ରରେ ଦିଆଯିବା ନିମନ୍ତେ ସ୍ଥିର ହୋଇଅଛି। ଏହି ଆବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ଲଟେରି ମାଧ୍ୟମରେ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବେଦନ କରିପାରିବେ।
ଆବେଦନ ଫର୍ମ ମିଳିବା ସ୍ଥାନ : ବ୍ଲକ କାର୍ଯ୍ୟାଳୟ (କାର୍ଯ୍ୟ ଦିବସରେ)
ଆବେଦନ ଦାଖଲ କରିବାର ଶେଷ ତାରିଖ : ୧୬.୦୨.୨୦୭୬ (ସମୟ : ୪ ଘଟିକା)
ଲଟେରି ଉଠାଣ ତାରିଖ : ୧୮.୦୨.୨୦୭୬
ଯୋଗ୍ୟତା ଓ ସର୍ତ୍ତାବଳୀ : ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ସମସ୍ତ ଗ୍ରାମପଞ୍ଚାୟତ ଓ ଅଟଳ ବସଷ୍ଟାଣ୍ଡ ବିଜ୍ଞପ୍ତି ବୋର୍ଡରେ ଉପଲବ୍ଧ।
ବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :
କୁମାରୀ ବନିତା ପ୍ରଧାନ OSRTC ବ୍ଲକ ପର୍ଯ୍ୟବେକ୍ଷକ। ମୋ- 91 7978769433
OIPR-19001/19302/1/25-26/0012 ସ୍ୱା./- ବ୍ଲକ ଉନ୍ନୟନ ଅଧିକାରୀ, ବେଗୁନିଆ, ଖୋର୍ଦ୍ଧା



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା
ଜିଲ୍ଲା-ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୧୬
NOTIFIED AREA COUNCIL, TARBHA
Dist.- Subarnapur, Odisha-767016
nactarbha@gmail.com
No.144/Date 03.02.2026
TENDER CALL NOTICE

No.13001/35/2526: The Executive Officer, NAC, Tarbha, Dist-Subarnapur inviting sealed Tenders in conformity with Detailed Tender Called Notice (DTCN) from the intending eligible Registered Contractors registered with PHEO/RWSS/RD/WR/PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No.04 drawn in favour of Executive Officer, NAC Tarbha payable at Tarbha on working days during office hours as mentioned below. Other terms & conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 21 (Twenty One) Nos. |
| Value of Works | Rs.0.78 Lakhs to 04.23 Lakhs |
| Last date & time of sale of Tender Paper | Upto 05.00 P.M. of 19.02.2026 |
| Last date & time of Receipt of BID | Upto 05.00 P.M. of 20.02.2026 |
| Date & Time of Opening BID | At 11.30 A.M. of 21.02.2026 |

OIPR-13001/13199/1/25-26/0035 Sd./- Executive Officer, N.A.C., Tarbha



Government of Odisha, "e"-Procurement Notice
WORKS DEPARTMENT
E-mail : ceworldbankprojects@gmail.com
Bid Identification No. CE-BRIDGES-15/2025-26 No.34001/29/2526

1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge Work
3. No. of work : 01 No.
4. Tender paper cost : Rs.10,000.00 (on-line)
5. Class of Contractor : A/Special Class Contractor
6. Available of bid document in the website : From 10.00 A.M. of 10.02.2026 to 5.00 P.M of 26.02.2026
7. Date of opening of Bid : Dt.27.02.2026 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer, Bridges, Odisha, Bhubaneswar
OIPR-34001/34174/1/25-26/0029



यूनियन बैंक ऑफ इंडिया Union Bank of India
मध्युपाटଣା ଶାଖା
ମଧୁପାଟଣା ଶାଖା
ଶ୍ରମିକ ଭବନ, ନିଶାମଣୀ ରେଷ୍ଟୁରାଣ୍ଟ ନିକଟ, କଟକ-୭୫୩୦୧୨, ଇ-ମେଲ: ubin0551422@unionbankofindia.bank
ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ ଟ.୪୩,୦୦୦/- (ତେୟାଳିଶ ହଜାର ଟଙ୍କା ମାତ୍ର)ର ପେ ଅର୍ଡର କିମ୍ବା ବ୍ୟାଙ୍କର୍ସ ଚେକ୍ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସପକ୍ଷରେ ଏବଂ କଟକକୁ ପୈଠ ଦର୍ଶାଇ ଦାଖଲ କରିବେ।
ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡି ନଂ.: OD 05 BQ 5963 କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା.୦୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ ତା.୧୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।
ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ ୧୦ (ଦଶ)ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।
ଗାଡିଟି "ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki Swift VXI 2023 | OD 05 BQ 5963 | ଟ.୪,୩୦,୦୦୦/- / ଟ.୪୩,୦୦୦/- |

ସ୍ଥାନ: କଟକ
ତାରିଖ: ୦୭.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍ ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧
ଡିମାଣ୍ଡ ନୋଟିସ୍

ଆମ ଶାଖାର ଋଣଗ୍ରହୀତାମାନଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଅସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

| ଶାଖା / ଋଣର ପ୍ରକାର / ଆକାଉଣ୍ଟ ନଂ. / ନୋଟିସ୍ ତାରିଖ | ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଛତ୍ରପୁର ଶାଖା / ଏଚ୍‌ଏଲ୍ ଆରଇପି/ଆରଇଏନ୍ ଆକାଉଣ୍ଟ ନଂ.: ୬୯୦୨୪୦୩୦୫୯ (ଟ.୧୦,୩୦,୦୦୦/-) / ୨୯.୦୧.୨୦୨୬ | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଗାଣାଗାଲା କାମାୟା, ପିତା: ଶ୍ରୀ ଜି. ଲୋକାୟା / ସହ-ଋଣଗ୍ରହୀତା: ଶ୍ରୀ ଗାଣାଗାଲା ଶ୍ରୀନିବାସ ରାଓ, ପିତା: ଶ୍ରୀ ଗାଣାଗାଲା କାମାୟା, ଉଭୟଙ୍କ ଠିକଣା: ପାର୍କ ଷ୍ଟ୍ରିଟ, ୨ୟ ଲେନ୍, ପୋ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ୨୮.୦୧.୨୦୨୬ ସୁଦ୍ଧା ଟ.୮,୮୬,୧୯୦.୦୦ + ୨୯.୦୧.୨୦୨୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀ ଗାଣାଗାଲା କାମାୟାଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁତି ଗୋପାଳପୁର, ପାର୍କ ଷ୍ଟ୍ରିଟ, ୨ୟ ଲେନ୍, ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୮୩/୮୯୮, ପ୍ଲଟ୍ ନଂ.: ୭୭/୧୫୪୨, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଡ୍ରେନ୍, ପଶ୍ଚିମ: ରାସ୍ତା, ଉତ୍ତର: ସିଏଚ୍. ଶକୁନ୍ତଳା ଦେବୀଙ୍କ ଗୃହ, ଦକ୍ଷିଣ: ଉଦୟନାଥ ସାହୁଙ୍କ ଗୃହ, ସିଇଆର୍‌ଏସ୍‌ଏଆଇ ଆସେଟ୍ ଆଇଡ଼ି- ୨୦୦୦୫୦୦୧୨୭୨୮ |

ଉପର ସାରଣୀର ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ବକେୟା ଋଣ ରାଶି ପରିଶୋଧ କରିବାରେ ଆପଣମାନେ ବିଫଳ ହୋଇଛନ୍ତି। ଉପରଲିଖିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଆପଣମାନଙ୍କ ଋଣ ଆକାଉଣ୍ଟ ତା୦୮.୦୧.୨୦୨୬ରିଖ ଠାରୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଯାଇଛି। ଏଣୁ ଏହି ନୋଟିସ୍ ପ୍ରକାଶନ ତାରିଖର ୬୦ଦିନ ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପ୍ରଦାନ କରିବା ପାଇଁ ଆପଣମାନଙ୍କୁ କୁହାଯାଉଛି। ଏଥିରେ ଖିଲାପ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ ଅନୁଯାୟୀ ବ୍ୟାଙ୍କ ସମସ୍ତ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ବ୍ୟାଙ୍କର ପୂର୍ବ ଲିଖିତ ସହମତି ବିନା ଆପଣମାନେ ସୁରକ୍ଷିତ ସମ୍ପତ୍ତିକୁ (ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀରେ ପ୍ରଦତ୍ତ) ଏହି ନୋଟିସ୍ ପ୍ରକାଶନ ପରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।
ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୨.୨୦୨୬ ସ୍ୱା- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:.......................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଆର୍‌ସିଟିସି ପକ୍ଷରୁ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍

## ୧୦ଦିନରେ ୪ ରାଜ୍ୟକୁ ଯାତ୍ରା

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି), ରେଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ନବରତ୍ନ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜ, ପୂର୍ବ ଭାରତ ପାଇଁ ଏକ ନୂଆ ପର୍ଯ୍ୟଟନ ସର୍କିଟ ଡିଭାଇନ ଇଷ୍ଟ ଟେମ୍ପଲ ଟୁର୍ ଆରମ୍ଭ କରିଛି। ଏହି ବିଶେଷ ଯାତ୍ରା ଭାରତ ଗୌରବ ଡିଲକ୍ସ ଟୁରିଷ୍ଟ ଟ୍ରେନରେ ପରିଚାଳିତ ହେବ, ଯାହା ଭକ୍ତ ଏବଂ ପର୍ଯ୍ୟଟକମାନଙ୍କୁ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡର କେତେକ ପ୍ରସିଦ୍ଧ ତୀର୍ଥସ୍ଥଳ ଏବଂ ସାଂସ୍କୃତିକ ଐତିହ୍ୟ ସ୍ଥଳକୁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ଏହି ୧୦ ଦିନିଆ ରେଳ ଯାତ୍ରା ଦିଲ୍ଲୀ ସଫଦରଜଙ୍ଗ ରେଳଷ୍ଟେଶନରୁ ମାର୍ଚ୍ଚ ୯ରେ ଆରମ୍ଭ ହେବ ଏବଂ ବାରାଣସୀ, କୋଲକାତା, ଗଙ୍ଗାସାଗର, ପୁରୀ, ଭୁବନେଶ୍ୱର, କୋଣାର୍କ, ଚିଲିକା ଏବଂ ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) ଆଦି ସ୍ଥଳକୁ ଆଚ୍ଛାଦନ କରିବ। ମାର୍ଚ୍ଚ ୧୮ରେ ଏହି ଯାତ୍ରା ଶେଷ ହେବ। ଯାତ୍ରାର ମୁଖ୍ୟ ଆକର୍ଷଣ ମଧ୍ୟରେ ବାରାଣସୀରେ କାଶୀ ବିଶ୍ୱନାଥ ମନ୍ଦିର (ଜ୍ୟୋତିର୍ଲିଙ୍ଗ) ଦର୍ଶନ ଏବଂ ଗଙ୍ଗା ଆରତି, କୋଲକାତାରେ ଭିକ୍ଟୋରିଆ ମେମୋରିଆଲ ସହ କାଳୀଘାଟ (ଶକ୍ତିପୀଠ) ଏବଂ ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଗଙ୍ଗାସାଗରରେ ପବିତ୍ର ସାଗର ସଙ୍ଗମରେ ସ୍ନାନ ଏବଂ କପିଳ ମୁନି ମନ୍ଦିର ଦର୍ଶନ ରହିଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସହ ଭୁବନେଶ୍ୱର, ଧଉଳି ଶାନ୍ତି ସ୍ତୂପ, ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ସୁଯୋଗ ମିଳିବ। ଶେଷରେ ଦେଓଘରର ବୈଦ୍ୟନାଥ ଧାମ ଦର୍ଶନ ହେବ। ଏହି ଟ୍ରେନରେ ୧୫୦ ପର୍ଯ୍ୟଟକଙ୍କୁ ରଖିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏସି ଫାଷ୍ଟ କ୍ଲାସ (୧ଏସି), ଏସି ସେକେଣ୍ଡ କ୍ଲାସ (୨ଏସି) ଏବଂ ଏସି ଥାର୍ଡ କ୍ଲାସ (୩ଏସି) ସହ ଦୁଇଟି ରେଷ୍ଟୁରାଣ୍ଟ କାର୍ ରହିଛି। ଟ୍ରେନରେ ଆଧୁନିକ ସୁବିଧା ରହିଛି। ସୁସଜ୍ଜିତ କ୍ୟାବିନ, ସ୍ୱାସ୍ଥ୍ୟକର ଶାକାହାରୀ ଭୋଜନ, ସୁରକ୍ଷା ବ୍ୟବସ୍ଥା, ଫୁଟ ମସାଜର୍, ଇନ୍ଫୋଟେନମେଣ୍ଟ ସିଷ୍ଟମ ରହିଛି। ଏହି ଅଲ-ଇନ୍‌କ୍ଲୁସିଭ ପ୍ୟାକେଜ ମୂଲ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ୧ଏସି କ୍ଲାସ ପ୍ରତି ୧,୦୬,୯୪୦ ଟଙ୍କା, ୨ଏସି କ୍ଲାସ ୯୮,୯୨୫ ଟଙ୍କା, ୩ଏସି କ୍ଲାସ ୭୯,୨୮୫ ଟଙ୍କା ରହିଛି।



# ସିଜିୟୁର ବାର୍ଷିକ ଉତ୍ସବ 'ସେଲିଗାନ୍ସ'




## ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା

ଭୁବନେଶ୍ୱର, ୭।୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥ ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୫ରେ ଅନୁଷ୍ଠିତ ଓଡ଼ିଶା ସ୍କିଲ ପ୍ରତିଯୋଗିତାରେ ସିଜିୟୁ ସର୍ବାଧିକ ୬୩ ପଦକ ହାସଲ କରି ରାଜ୍ୟସ୍ତରରେ ଶୀର୍ଷସ୍ଥାନରେ ପହଞ୍ଚାଇଥିବା କହିଥିଲେ। ଏହି ସମାରୋହରେ ବେଦାନ୍ତ ଆଲୁମିନିୟମର ମେଟାଲ ବିଭାଗର ସିଇଓ ଯଜ୍ଞେଶ୍ୱର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଏଆଇ ଇଣ୍ଟିଗ୍ରେଶନର ଆବଶ୍ୟକତା ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଓଡ଼ିଶା ସରକାରଙ୍କ ବିଭିନ୍ନ ଦକ୍ଷତା ଶିକ୍ଷାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱବିଦ୍ୟାଳୟର ସକ୍ରିୟ ସଂଯୋଗ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି। ସିଜିୟୁର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଭାଇସ୍ ପ୍ରେସିଡେଣ୍ଟ ଶୈଳଜା ରାଉତ, ଭାଇସ୍ ଚାନ୍ସେଲର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ଡ. ଗୁଡ଼ା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ସାହିଲ କୁମାର ସିଂହଙ୍କୁ 'ବିଶ୍ୱବିଦ୍ୟାଳୟ ଅଲ୍ ରାଉଣ୍ଡର ସ୍ନାତକ' ପୁରସ୍କାର ପ୍ରଦାନ କରାଯାଇଥିଲା। ୨ଦିନରେ କଣ୍ଠଶିଳ୍ପୀ ଅନନ୍ୟା ଚକ୍ରବର୍ତ୍ତୀ ଏବଂ ଋଷି ସିଂହଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ରୁଦ୍ର ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅରୁନ୍ଧତୀ ଜୁଏଲର୍ସର 'ଅଭ୍ରନିକା' କଲେକ୍ସନ




କଟକ,୭।୨(କାର୍ତ୍ତିକ ସାହୁ)

ଭାଲେଣ୍ଟାଇନ୍ ସପ୍ତାହ ଏବଂ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର କଟକ ଶାଖାରେ ନୂଆ 'ଅଭ୍ରନିକା' କଲେକ୍ସନ ଉନ୍ମୋଚନ କରାଯାଇଛି। ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ମିଶ୍ରଣ ଏଥିରେ ଦେଖିବାକୁ ମିଳିଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏଥିରେ ସୁନା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବାବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଡାଇମଣ୍ଡ ନୋଜ୍‌ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଏହାର ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଘୋଷଣା କରାଯାଇଛି। ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକ୍‌ଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ୧.୪୯ ଲକ୍ଷ ଟଙ୍କା ଥିବାବେଳେ ବିଭିନ୍ନ କାନଫୁଲ ଓ ମୁଦି ୩୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଅଭ୍ରନିକା କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ।

# ସେଣ୍ଟ୍ରାଲ ବ୍ୟାଙ୍କର କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ

ସମ୍ବଲପୁର,୭।୨(ବି.ଶଙ୍କର)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମ ଶନିବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଅଞ୍ଚଳର କ୍ଷୁଦ୍ର, ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକୁ ଋଣ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଯୋଜନା ବିଷୟରେ ଆଲୋକପାତ କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଋଣଗ୍ରହୀତା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ଋଣଗ୍ରହୀତାମାନଙ୍କୁ ଋଣ ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଶାଖା ପ୍ରବନ୍ଧକ ସ୍ନେହା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ ରିଚ୍ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାହକମାନେ ଅଛନ୍ତି।

# କାକଟପୁର ମଙ୍ଗଳାମନ୍ଦିରରେ ବିଓବି ଏଲ୍‌ଇଡି



## ପ୍ରଦର୍ଶନ ହେବ ମା'ଙ୍କ ଦୈନିକ ରୀତିନୀତି

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ପୁରୀସ୍ଥିତ କାକଟପୁର ମା' ମଙ୍ଗଳା ମନ୍ଦିରରେ ପ୍ରଦାନ କରାଯାଇଥିବା ଏଲ୍‌ଇଡି ସ୍କ୍ରିନ୍‌ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ, ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏବଂ ଉପ-ମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁ (କମ୍ପ୍ଲିୟାନ୍ସ ଆଣ୍ଡ୍ ଆସ୍ୟୁରାନ୍ସ), ଉପ-ମହାପ୍ରବନ୍ଧକ ଶରତ ପାଣିଗ୍ରାହୀ (ବିଜ୍‌ନେସ୍ ଡେଭେଲପମେଣ୍ଟ), ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜମେଣ୍ଟ ଟ୍ରଷ୍ଟି ତଥା ତହସିଲଦାର ଅଙ୍କିତା ଅନିନ୍ଦିତା, ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ଏକ୍‌ଜିକ୍ୟୁଟିଭ ଅଫିସର କୈଳାସ ଚନ୍ଦ୍ର ଦାଶ ଏବଂ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଡ. ଚାନ୍ଦ ଜନସାଧାରଣଙ୍କ ପ୍ରତି ବ୍ୟାଙ୍କ୍‌ର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏହି ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ଐତିହ୍ୟ ଓ ଦୈନନ୍ଦିନ ରୀତିନୀତି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ। ବ୍ୟାଙ୍କ ତରଫରୁ ପେମେଣ୍ଟ ଗେଟ୍‌ୱେ ସିଷ୍ଟମକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭକ୍ତମାନଙ୍କୁ ସୁବିଧାର ସହ ଅନ୍‌ଲାଇନ୍ ଦାନ କରିବାରେ ସାହାଯ୍ୟ କରିବ।

# ଟାଟା ପାୱାର ପକ୍ଷରୁ ଭିଜିଲାନ୍ସ କର୍ମଶାଳା

ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ୪ ଡିସକମ ପକ୍ଷରୁ ବରମୁଣ୍ଡାସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ୩ ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ୍ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ, ଟିପି ସଦର୍ନ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)ର ସିଇଓ ପ୍ରବୀଣ କୁମାର ବର୍ମା ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଟାଟା ପାୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବେଶାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ, ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।


# Classified Everyday

0674-2580101, 9692975378



MATRIMONIAL

GROOM WANTED

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact- 9078494524. D-3262



REAL ESTATE

SALE

Plot for sale: Area- 41dcml, Mouza- Ankuli, BERHAMPUR, Beside Pole Factory, 50 meter from NH, Phone: 7788862475. D-3331

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।

LOST

I, BHAGIRATHI SENAPATI, aged about 59 years, S/o. Baban Senapati, resident of At- Hasanpur, Post- Bhaganai, P.S.- Ramachandrapur, Dist.- Keonjhar, Odisha, PIN- 758043, Aadhaar No.- xxxx xxxx 1679, Mobile No.- 9438372895. Wish to create a mortgage on the property Dist.- Jajpur, Tahasil- Byasanagar, P.S.- Korei, P.S. No.- 37, Sub-Registrar- Dolipur, Mouza- Chandama, Mutation Khata No.- 771/178, Plot No.- 473/2689, Area Ac.0.060 decs, Status- Sthitiban (Freehold), Kisam- Gharabari (Homestead) Loan from AU Small Finance Bank Ltd. the previous link deeds are as follows: 1). Original Regd. Sale Deed bearing Document No.- 10821103573, dated 12.08.2011, executed by Smt. Juli Dash, wife of Sri Bhagirathi Senapati, in favour of Sri Himansu Sekhar Dwibedi, S/o. Sri Rajkishore Dwibedi & 2). Original Mutation ROR of Mouza- Chandama issued in the name of Sri Himansu Sekhar Dwibedi, S/o.- Sri Rajkishore Dwibedi in respect of Khata No.- 771/178 of my property, Dist.- Jajpur, Tahasil- Byasanagar, P.S.- Korei, P.S. No.-37, Sub-Registrar- Dolipur, Mouza-Chandama was lost on dtd. 30.01.2026 at KOREI area in this regard, I filed a Lost Report at KOREI Police Station, Jajpur, vide GD No.- 031 dtd.- 05.02.2026. D-3329

MIS NEOTECH SPECIALITY STRUCTURES PRIVATE LIMITED (formerly MIS NEOTECH OILS PVT. LTD.) has lost/misplaced the Original Sale Agreement Certificate No. IN-AP45878316539289V dated 07.12.2023 (116/2024) from its Bhubaneswar Office on 05.02.2026. Any claim/ objection may be raised within 15 days from publication, failing which a duplicate/certified copy shall be obtained.
Sd./- Balankeswar Patnaik
Kondavalasa, GM
Place: Bhubaneswar
D-3330

ଶ୍ରୀ ମୋତିଲାଲ ସାହୁଙ୍କ ନାମରେ ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. 1914 ବରପାଲିରୁ ଅଇଁଲାପାଲି ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ଯୋଗାଯୋଗ କରନ୍ତୁ: ୭୭୪୯୮୪୧୮୮୮। ଧ-୩୩୩୪

AFFIDAVIT

I am SUKAMANI BHAKTA, aged about 48years, W/o.- Gopi Bhakta, Resident of At/P.O.- Patharchakuli, P.S.- Baripada Sadar, Dist.- Mayurbhanj, PIN- 757107 declare by this affidavit No. 95 dtd.- 27.1.26, my original name is SUKAMANI BHAKTA but in my Aadhaar card my name is wrongly mentioned as SHUKA BHAKTA. D-3327

By virtue of an affidavit sworn before Executive Magistrate, Aul dated- 19.01.2026 affidavit No.-124. I, Baidhar Behera, At- Kothabruti, P.O.- Palimi, P.S.- Aul, Dist.- Kendrapara, State- Odisha, PIN- 755061 declare that I have changed the name of my daughter from Trushnarani Behera to Saisampurna Behera. Henceforth, she shall be known as Saisampurna Behera for all purposes.
Baidhar Behera
D-3326

I, Khalid Iqbal, S/o.- Iqbal Kadar Ansari, resident of At- Razamiya Building, Nimasahi, Dist.- Cuttack, PIN- 753001, Odisha declare by this affidavit No.- 586, Dated- 02.02.2026, that now onwards I shall be known as Khalid Bin Iqbal for all future purposes. D-3333

I, Geetika Bag, D/o.- Bikram Singh Bag, born on 23.01.2004 residing at Saraswati Nagar, Semiliguda, P.O.- Semiliguda, P.S.- Sunabeda, Dist.- Koraput, Odisha, PIN- 764036 have changed my name to Geetika Naik vide affidavit dated 06.02.2026 at Semiliguda, Koraput, Odisha. D-3328


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ଡକ୍ଟର ସୁରେଖା ଓଝା**

ବରୀ- ବାଗଦା, ଯାଜପୁର

ଆବିର୍ଭାବ : ୨୩।୧୨।୧୯୪୨

ତିରୋଧାନ : ୨୯।୦୧।୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକାତୁର ବୃନ୍ଦ:- ପୁଅ- ସମରେଶ, ଅମରେଶ, ବିମଳେଶ, ବୋହୂ- ଶୁଭଶ୍ରୀ, ଶିବାନୀ, ଲିପ୍ତିମୟୀ, ନାତି/ନାତୁଣୀ- ଶୀବୁନି, ଶାକି, ନୀତିନ, ରୁଦ୍ରାଭି, ଶିୟା, ନାତୁଣୀ ବୋହୂ- ସିନି, ବନ୍ଧୁ ଓ ପରିବାରବର୍ଗ।

ଧ-୩୩୨୫

# ପ୍ରଥମ ପ୍ରେମ ନିବେଦନ



**ଆଜି ହେଉଛି ଭାଲେଣ୍ଟାଇନ୍ସ ୱିକ୍‌ର ୨ୟ ଦିନ ଅର୍ଥାତ୍ ପ୍ରପୋଜ୍ ଡେ'। ବହୁ ପ୍ରତୀକ୍ଷିତ ଏହି ଦିନଟିରେ ନିଜର ପ୍ରିୟ ମଣିଷକୁ ପ୍ରେମ ନିବେଦନ କରିବାକୁ ଉତ୍କଣ୍ଠାରେ ଚାହିଁ ରହିଥା'ନ୍ତି ଅନେକେ। ଯଦିଓ ବର୍ତ୍ତମାନ ଏହି ଦିନଗୁଡ଼ିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି, ହେଲେ ସେତେବେଳେ ନା ଥିଲା କାହାକୁ ମନର କଥା ଜଣାଇବା ଲାଗି କୌଣସି ନିର୍ଦ୍ଦିଷ୍ଟ ଦିନ ନା ଭଲିକି ଭଲି ଉପହାର ଦେଇ କରାଯାଉଥିଲା ପାଳନ। ତେବେ କେତେଜଣ ସଫଳ ଦମ୍ପତିଙ୍କ ସେ ସମୟରେ ନିଜ ମନର ମଣିଷକୁ ପ୍ରଥମ ପ୍ରେମ ନିବେଦନର ଅଭୁଲା ଅନୁଭୂତିକୁ ନେଇ ଏଥରର ବିଶେଷ ଉପସ୍ଥାପନା ...**

## ବଡ଼ ଅସଲଖ ଥିଲା ଭଲପାଇବାର ରାସ୍ତା

**ହିରଣ୍ମୟୀ ମିଶ୍ର**(ପ୍ରାଧ୍ୟାପିକା ଓ ସାହିତ୍ୟିକା)– ଆଜି ଏତେବର୍ଷ ଏକାଠି ବଞ୍ଚିବା ପରେ ମୁଁ ବିଶ୍ୱାସ କରେ ଯେ, ବିବାହର ସିଦ୍ଧାନ୍ତ ଆମ ହାତରେ ନ ଥାଏ। ଅରୁଣ ଓ ମୁଁ ଦୁଇ ଭିନ୍ନ ପୃଥିବୀର ମଣିଷ। ମୋର ଚାକିରି କରିବା ପରେ ତାଙ୍କ ସହ ଦେଖା। ଆମ ଦୁହିଁଙ୍କର କିଛି ବି ମିଶେ ନାହିଁ, କେବଳ ମନ ଛଡ଼ା। ବହୁତ ଅଭାବୀ ପରିବାରରେ ଓ ନିପଟ ମଫସଲରେ ବଢ଼ିଥିବା ସେ ଓ ବିଶେଷ କିଛି ଜୀବନର ଅସୁବିଧାକୁ ଚିହ୍ନି ନ ଥିବା ଓ ବାପାଙ୍କ ଚାକିରି ସହ ବିଭିନ୍ନ ସହରରେ ବଡ଼ ହେଇଥିବା ମୁଁ। କେହି କାହାକୁ କହିବାର ନ ଥିଲା ଯେ– 'ମୁଁ ତମକୁ ଭଲପାଏ।' ଭଲ ଲାଗୁଥିଲା ଉଭୟଙ୍କୁ ଗପିବାକୁ। ଆମ ଗପ ଭିତରେ ତାଙ୍କର ପିଲାଦିନର କଥା ଓ ମୋର ଗପ, କବିତାର କଥା ବେଶି ଆସୁଥିଲା। କେହି କାହା ମନ ଜିଣିବା ପାଇଁ କିଛି ଉପହାର ଦେବା ବା ସାଂଗ ହୋଇ ବୁଲିବାକୁ ଯିବା ଭଳି କିଛି ସୁଯୋଗ ନଥିଲା। ଗୋଟିଏ ଗ୍ରାମୀଣ ମହାବିଦ୍ୟାଳୟରେ ଚାକିରି କରିଥିବାରୁ ନିଜେ ବହୁତ ସୀମା ଟାଣିଥିଲୁ ନିଜ ପାଇଁ। ତାଙ୍କର ଡର ଥିଲା କାଳେ କିଛି କଥାରେ କଲେଜ କର୍ତ୍ତୃପକ୍ଷ ଅସନ୍ତୁଷ୍ଟ ହେଲେ ତାଙ୍କର ଚାକିରିର ଅସୁବିଧା ହେବ। ମୋର ଡର ଥିଲା ଆମ ଘରେ କେହି କିଛି ଶୁଣିଲେ ସେଇଠି ଚାକିରି ଶେଷ। ଧୀରେ ଧୀରେ ପରସ୍ପରକୁ ଜାଣିବାର ସୁଯୋଗ ପାଇବା ପରେ ଶ୍ରଦ୍ଧା ଓ ସମ୍ମାନ ପରିଣତ ହେଇଥିଲା ଭଲପାଇବାରେ। ମୋ ପରିବାର ପ୍ରବଳ ବିରୋଧ କରୁଥିବାରୁ ଆମର ବାହାଘର ହେଇ ନ ଥିଲା ତଥାକଥିତ ରୀତିନୀତିରେ। ସଂକ୍ରାନ୍ତିର ତିଥିକୁ ବିବାହ ପାଇଁ ଅନୁକୂଳ ମାନନ୍ତି ନାହିଁ। ଆମେ ଗୋଟିଏ ତାରିଖ ଠିକ୍ କରିଥିଲୁ ବାହା ହେବା ପାଇଁ, ଜାଣିନଥିଲୁ ଯେ ସେଦିନ ସଂକ୍ରାନ୍ତି। କିଏ କହିଥିଲା ? ସମ୍ଭବତଃ ମୁଁ ପ୍ରଥମେ କହିଥିଲି। ପରେ ସେ ମତେ କହିଥିଲେ ଯେ, ସେ କହିବାକୁ ବହୁତ ଚାହୁଁଥିଲେ, କିନ୍ତୁ ସାହସ କରି ପାରିନଥିଲେ। ଆଜି ପଛକୁ ଚାହିଁଲେ ଓ ଆଜିକାଲିର ପିଲାମାନଙ୍କୁ ଦେଖିଲେ ବଡ ଅଦ୍ଭୁତ ଲାଗେ ଆମ ସମୟ। ଏକା ଜାଗାରେ ଚାକିରି କରିଥିଲେ ବି ମନର କଥା କହିବା ପାଇଁ ସବୁଦିନ ଚିଠି ଲେଖୁଥିଲି ମୁଁ। ସେ ଚିଠିରେ ବି ସିଧାସଳଖ କିଛି ଭଲପାଇବାର କଥା ରହୁନଥିଲା। ବଡ଼ ଅସଲଖ ଭଲପାଇବାର ରାସ୍ତା ଥିଲା ଆମ ସମୟରେ। ସେ ୮୦୦ ଟଙ୍କା ଓ ମୁଁ ୬୦୦ ଟଙ୍କା ପାଉଥିଲୁ। ତେଣୁ ପ୍ରପୋଜ ନୁହେଁ, ବାହା ହେଇ ସବୁଦିନ ପାଇଁ ଏକାଠି ରହିବା ହିଁ ଶେଷ କଥା ଥିଲା। ସେ ଏଯାଏଁ ବି ବଡ଼ ବାସ୍ତବବାଦୀ। ମୁଁ ଏଯାଏଁ ବି ସ୍ୱପ୍ନରେ ବଞ୍ଚୁଥିବା ମଣିଷ। କିନ୍ତୁ ଆମେ ଜୀବନର ବହୁତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପରସ୍ପରର ସହଯୋଗ ଓ ସମର୍ଥନ କରିଛୁ।



ସ୍ୱାମୀ ଅରୁଣଙ୍କ ସହ ହିରଣ୍ମୟୀ

## ମନର କଥା କହିବା ପାଇଁ ଲେଖୁଥିଲି ଚିଠି

**ମାନମୟୀ ରଥ**(ସାହିତ୍ୟିକା ଓ ଚିତ୍ରଶିଳ୍ପୀ)– କଳ୍ପନାର ପୃଥିବୀରେ ବଞ୍ଚୁଥିବା ମଣିଷ ମୁଁ, ମୋ ମୁତାବକ ମୁହୂର୍ତ୍ତ ପଛରେ ମାତିଥାଏ। କାହା ଅରୋପିତ ବିଚାରରେ ଅଣନିଃଶ୍ୱାସୀ ହୋଇଯାଏ ବୋଲି ଚିଠି ସହ ମୋର ଥାଏ ନିବିଡ଼ ବନ୍ଧୁତା। ଏକୁଟିଆ ସମୟ ମିଳିଲା ମାନେ ଚିଠି ଲେଖା। କହିପାରୁ ନ ଥିବା କଥାକୁ ଉତାରୁଥିଲି ଚିଠିରେ। ଅଭିମାନ, ଅଭିଯୋଗ, ପ୍ରାପ୍ତିର ଉଲ୍ଲାସ ଓ ଅବସୋସ ସବୁ ଗାରେଇ ଦେଉଥିଲି ଚିଠିରେ ସେ ରୁକ୍ଷତା ଦେଖାଉଥିବା ଅଧ୍ୟାପକ ହୁଅନ୍ତୁ କି ବିରକ୍ତ ହେଉଥିବା ସହପାଠୀ, ପହଡ଼ ଭିତରେ ପାହାଡ଼ ହୋଇ ବସିଥିବା ଜଗନ୍ନାଥ ଅଥବା ବୁଲା କୁକୁରକୁ ହଇରାଣ କରୁଥିବା ଦୁଷ୍ଟ କିଶୋର। ସବୁଦିନ ଲେଖାହୁଏ ଚିଠି। ଏମିତି ଚିଠି ଲେଖିବସିଲି ପବିତ୍ର ମୋହନ ଦାଶଙ୍କୁ ତାଙ୍କ ସୁନ୍ଦର ବ୍ୟକ୍ତିତ୍ୱ ବିଷୟରେ ସୁବିଖ୍ୟାତ ସର୍ଜକ ଦମ୍ପତି ବିଜୟକୃଷ୍ଣ ମହାନ୍ତି ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କଠାରୁ ଶୁଣି ଶୁଣି। ଶୁଣୁଥିବା ସୁନ୍ଦର ଗୁଣବତ୍ତାର ଆଧାରରେ କଳ୍ପନାରେ ଯେଉଁ ଚିତ୍ରଙ୍କୁ ଗଢ଼ିଥିଲି, ଚିଠି ଲେଖୁଥିଲି, ଖୋଜି ହେଉଥିଲି ସେଠାରେ ବିବାହ, ପ୍ରେମ ବୋଲି କିଛି ମନରେ ନଥିଲା । ଲମ୍ବା ଲମ୍ବା ଚିଠି ଲେଖିଲାବେଳେ ପବିତ୍ର ନାମକ ଯେଉଁ ବ୍ୟକ୍ତିସତ୍ତା ସହ ମୁଁ ଏକାତ୍ମ ହେଉଥିଲି ଲୁହରେ ଓଦା ହେଉଥିଲି, ବିଭୋର ହେଉଥିଲି, ପୁଲକର ସ୍ନିଗ୍ଧତାରେ ଅନେକ ଜହ୍ନରାତିକୁ ବିନିଦ୍ର କାଟୁଥିଲି ତାଙ୍କୁ କେବଳ ଭେଟିବାକୁ ଚାହୁଁଥିଲି। ଚାହୁଁଥିଲି ଥରୁଟିଏ ପାଇଁ ବି ହେଉ ସେ ମୋର ବ୍ୟାକୁଳତାକୁ ବୁଝନ୍ତୁ , ମୋର ଆବେଗକୁ ମୂଲ୍ୟ ଦେଇ ମୋତେ ମୋ' ଭଳି ଗ୍ରହଣ କରନ୍ତୁ, ହେଲେ ସାହସ କରିପାରୁନଥିଲି। ମୋର ଜଣେ ସାଙ୍ଗ ତାଙ୍କ ଠିକଣା ଖୋଜି ଜଣେଇ ଦେଇଥିଲା ଯେ, ମୁଁ ରହୁଥିବା ଘରଠାରୁ ତାଙ୍କ ବସାଘର ମାତ୍ର ପଚାଶ ମିଟର ଦୂରରେ। ବର୍ଷେ ପାଖାପାଖି ତାଙ୍କୁ ଚିଠି ଲେଖି ନିଜ ଭିତରେ ନିଜକୁ ବାନ୍ଧି ରଖୁଥିବା 'ମୁଁ' ଦିନେ ଖୁବ୍ ଅସୁସ୍ଥ ହୋଇପଡ଼ିଲି। ଏକୁଟିଆ ରହୁଥାଏ। ପରିସ୍ଥିତି ସହ ଲଢ଼ିବା ଶିଖୁଥାଏ। ଲାଗିଲା ଏଇ ହିଁ ପ୍ରକୃଷ୍ଟ ସମୟ ଚିଠିତକ ତାଙ୍କ ପାଖରେ ପହଞ୍ଚେଇ ମୋର ଲୋଡ଼ିବାପଣକୁ ଜଣେଇ କିଛି ଖୁସି ସାଉଁଟି ଆଣିବା। ସଂକୋଚକୁ ସାଥି କରି ଚିଠିତକ ନେଇଗଲି, ତାଙ୍କୁ ଅତମତ ହୋଇ କ'ଣ କ'ଣ କହି ଦେଇଆସିଲି। ଭାବିଥିଲି ରାତି ଅନିଦ୍ରା ହୋଇ ଚିଠିତକ ପଢ଼ି ସେ ସକାଳୁ ଆସି ମୁଁ ରହୁଥିବା ଘରେ ପହଞ୍ଚିବେ। କାହିଁ ଆସନ୍ତେ ! ପାଞ୍ଚ ଦିନର ଲମ୍ବା ଅପେକ୍ଷା ପରେ ବରଂ ମୁଁ ତାଙ୍କୁ ଗୋଟିଏ ଜଳଖିଆ ଦୋକାନରୁ ବାହାରୁଥିବା ଦେଖି ନିଜ ଆଡୁ ପଚାରିଲି– ଚିଠି ପଢ଼ିଲେ ? ସେ କହିଲେ– ହଁ। କାହିଁ କିଛି କହିଲେନି ତ ମୁଁ ଅପେକ୍ଷା କରିଥିଲି, ମୁହଁ ପୋତି ମୁଁ କହିଲି। ସେ କହିଲେ– ପଢ଼ିବାକୁ ଦେଇଥିଲ ପରା ! ଲୁହରେ ଭର୍ତ୍ତି ହୋଇଯାଇଥିଲା ମୋ ଆଖି। ଫେରି ଆସିଥିଲି ତାଙ୍କୁ ଜୀବନସାଥୀ କରିବାର 'ଜିଦ୍'କୁ ସାଥିରେ ଧରି। ଘରେ ଜଣେଇଲି। ମୋର ସ୍ୱଷ୍ଟତା ଓ ପିଲାଳିଆମିକୁ ସମର୍ଥନ କଲେ ନନା, ଭାଇନା , ଗୁରୁଜନ। 'ମାନୁର ପସନ୍ଦ ଆମର ପସନ୍ଦ' କହିଲେ ସିନା, ହେଲେ ପ୍ରସ୍ତାବ ପକେଇବ କିଏ ! ବଡ଼ ଭାଇ ଗଲେ। ସିଧା ଶୁଣେଇ ଦେଲେ ପବିତ୍ର– 'ଭଉଣୀ ଆପଣଙ୍କର ଶସ୍ତା ସିନେମା ଏବଂ ଉପନ୍ୟାସ ଦେଖି ଏମିତି ହେଉଛି, ମୁଁ ମୋ ଭାଇ ଭଉଣୀଙ୍କ ଭବିଷ୍ୟତ ପାଇଁ ସହରରେ ଆସି ଖଟୁଛି। ଆପଣଙ୍କ ଭଉଣୀର ଭବିଷ୍ୟତ ଆପଣ ଭଲରେ ଦେଖନ୍ତୁ।' ଭାଇ ହତାଶ ହୋଇ ଫେରିଲେ। ହେଲେ ମୁଁ ହାର୍ ମାନିଲିନି। ସେ ପଢ଼ନ୍ତୁ କି ନ ପଢ଼ନ୍ତୁ ତାଙ୍କ ପାଇଁ ପ୍ରତିଦିନ ଲେଖୁଥିବା ଚିଠି ତାଙ୍କୁ ଦେଇଆସୁଥିଲି। ତହିଁରେ ତାଙ୍କ ସହ ବନ୍ଧୁ ଭଳି ରହିବାର ଅକ୍ଳାନ୍ତ ଚେଷ୍ଟା କରୁଥିଲି। ପରିଶେଷରେ ତାଙ୍କୁ ନେଇ ମୋ' ଆବେଗ ଜିତିଲା। ଛଅ ମାସ ପରେ ସେ ମାନିଗଲେ ଜୀବନସାଥୀ କରିବା ପାଇଁ ମୋତେ।



ସ୍ୱାମୀ ପବିତ୍ରଙ୍କ ସହ ମାନମୟୀ

## ଜୀବନସାଥୀ ହେବାକୁ ପ୍ରଥମେ ସମ୍ମତି ଲୋଡ଼ିଥିଲି

**ଓଁ ଅଭିଜ୍ଞାନ ସାହୁ(ବ୍ୟଙ୍ଗକାର)–** ସ୍କୁଲ କଲେଜ ପିଲାଙ୍କ ଭିତରେ ଭାରତୀୟ କଳା ସଙ୍ଗୀତ ତଥା ସାହିତ୍ୟର ପ୍ରଚାର ପ୍ରସାର ପାଇଁ କାମ କରୁଥିବା ଏକ ସର୍ବଭାରତୀୟ ଅନୁଷ୍ଠାନ ସ୍ପିକ୍ ମାକେର ରାଜ୍ୟ ସଂଯୋଜକ ଥିବା ସମୟରେ ବବିତାଙ୍କ ବିଷୟରେ ଜାଣିବାକୁ ପାଇଲି। ସେତେବେଳକୁ ସେ ଓଡ଼ିଶା ଲଳିତ କଳା ଏକାଡେମୀ ସହ ଜାତୀୟ ନେତାଜୀ ଯୁବ ପୁରସ୍କାର ମଧ୍ୟ ପାଇ ସାରିଥାନ୍ତି। ଏକଦା ମହିଳାଙ୍କ ପାଇଁ ନିଷିଦ୍ଧ ଥିବା ପୁରୁଷପ୍ରଧାନ ପଟଚିତ୍ରରେ ବହୁ ସାମାଜିକ ପ୍ରତିକୂଳ ବାଧାବିଘ୍ନ ସତ୍ତ୍ୱେ ଏତେ ସୁନାମ ଅର୍ଜିଥିବା ବବିତାଙ୍କ ବିଷୟରେ ଜାତୀୟ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆରେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଇଥିଲା। ତାଙ୍କ ସହ ମୋର ପ୍ରଥମ ପରିଚୟ ଏହି ପୃଷ୍ଠାରୁ। ସାମାଜିକ ବାସନ୍ଦ ସତ୍ତ୍ୱେ ନିଜ ଗୁରୁ ଓ ମା'ବାପାଙ୍କ ସହଯୋଗରେ ସେ ପଟଚିତ୍ରରେ ଅର୍ଜିଥିବା ଖ୍ୟାତି ପାଇଁ ଭାରତ ସରକାରଙ୍କ ହସ୍ତକଳା ଓ ବୟନ ଶିଳ୍ପ ବିଭାଗ ତରଫରୁ ପଟଚିତ୍ରର ପ୍ରଥମ ମହିଳା ଭାବେ ପ୍ରଶସ୍ତିପତ୍ର ମଧ୍ୟ ପାଇ ସାରିଥାନ୍ତି। ଅଧିକରୁ ଅଧିକ ଝିଅ ଓ ଛାତ୍ରୀଛାତ୍ରମାନେ କିପରି ଆମ ଶାସ୍ତ୍ରୀୟ ଚିତ୍ରକଳା ବିଷୟରେ ଅଧିକ ଜାଣିବେ ଓ ଶିଖିବେ ଚିନ୍ତାକରି ଆମ ଅନୁଷ୍ଠାନ ତରଫରୁ ଏକ କର୍ମଶାଳାର ଆୟୋଜନ କରି ତାଙ୍କୁ ଯୋଗାଯୋଗ କରିଥିଲୁ। ସେ ଖୁସିରେ ଗ୍ରହଣ କରି ଆମକୁ ସହଯୋଗ କରିଥିଲେ। ତାଙ୍କୁ ପ୍ରଥମେ ଦେଖି ବିଶ୍ୱାସ ଆସୁନଥିଲା ଯେ ଏତେ କମ୍ ବୟସରୁ ଜାତୀୟ ସ୍ତରରେ ନାଁ କରିଥିବା ଝିଅଟି ଏଇ ବୋଲି। ତେଲମରା ଲମ୍ବା ବେଣୀ ସହ ଫ୍ରକ୍‌ରୁ ନୂଆ ନୂଆ ସାଲ୍‌ୱାର କୁର୍ତ୍ତା ପିନ୍ଧି ଅଳ୍ପବୟସ୍କା ସାଧାରଣ ଝିଅକୁ ଦେଖି ସେହି ଆଭିଜାତ୍ୟ ସମ୍ପନ୍ନ ସ୍କୁଲର ପ୍ରିନ୍ସିପାଲଙ୍କ ମୁହଁ ଆମ୍ଳିଲା ହେଇଯାଇଥିଲା। କିନ୍ତୁ ପ୍ରଥମ ସ୍ୱାଗତ ସଭାରେ ଯେତେବେଳେ ତାଙ୍କ ପରିଚୟ ସମୟରେ ସମସ୍ତ ବଡ଼ ବଡ଼ ଜାତୀୟ ଖବରକାଗଜ ସହ ଟେଲିଭିଜନରେ ତାଙ୍କ ଉପରେ ହୋଇଥିବା ସ୍ୱତନ୍ତ୍ର ଉପସ୍ଥାପନା ବିଷୟରେ ପଢ଼ାଗଲା, ସେତେବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ସେଠାରେ ଉପସ୍ଥିତ ଅଭିଭାବକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସାତ ଦିନ ଧରି ଚାଲିଥିବା ଏହି କର୍ମଶାଳାକୁ ମୁଁ ପ୍ରଥମ ଓ ଶେଷଦିନ ଯାଇଥିଲି। ମୂଳରୁ ଆମ ପରିଚୟ କେବଳ ପରସ୍ପର ପ୍ରତି ଆକର୍ଷଣ ଥିଲା, ଯାହାକୁ ପ୍ରେମ କୁହାଯିବ କି ନା ଜାଣେ ନାହିଁ। ସେହି ସମୟରେ ମୁଁ ବିଭିନ୍ନ କାର୍ଯ୍ୟକ୍ରମ ନେଇ ତାଙ୍କ ବାପା ଓ ତାଙ୍କ ସହ କଥା ହୋଇଛି ଓ ସେହି କଥାବାର୍ତ୍ତା ଭିତରେ ଯାହା ଅଳ୍ପ କିଛି ବ୍ୟକ୍ତିଗତ ଭଲ ମନ୍ଦ କଥା ହେଇଛୁ। ତାଙ୍କ ପ୍ରତିଭା, ନମ୍ରତା ଓ ରୁଚିପୂର୍ଣ୍ଣ ଆଚରଣରୁ ମୋତେ ଲାଗିଥିଲା ସେ ମୋ ଜୀବନସାଥୀ ହେଲେ ମୁଁ ଖୁସି ରହିବି। ତାଙ୍କୁ ଏକଥା ଜଣାଇଲି ଓ ସମ୍ମତି ପରେ ବିବାହ କରିବା ପାଇଁ ମୁଁ ପ୍ରଥମେ ଆମ ଘରେ ପ୍ରସ୍ତାବ ଦେଇଥିଲି। ଉଭୟ ପରିବାରର ସମ୍ମତିରେ ପ୍ରଥମେ ପୁରୀ କୋର୍ଟରେ ବିବାହ କଲା ପରେ ବୈଦିକ ରୀତିରେ ଆମେ ପରସ୍ପରକୁ ବରି ନେଇଥିଲୁ।



ପତ୍ନୀ ବବିତାଙ୍କ ସହ ଓଁ ଅଭିଜ୍ଞାନ

## ମୋ ପ୍ରସ୍ତାବ ପରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିଲା

**ଦିଲୀପ କୁମାର ବେହେରା** (ଡାକ୍ତର ଓ ଲେଖକ)– ସେତେବେଳକୁ ରୋଜାଲିନ୍‌କୁ ଜାଣିବାର ବେଶ୍ କିଛି ମାସ ହେଇଯାଇଥିଲା। କଥାବାର୍ତ୍ତା ତଥା ଭାବଦିଆନିଆରେ ଅନ୍ତରଙ୍ଗତା ବଢ଼ିଯାଇଥିଲା। ହୁଏତ ପରସ୍ପରକୁ ଆମେ କିଛିମାତ୍ରାରେ ବୁଝିସାରିଥିଲୁ। ମୋତେ ଲାଗେ ମୁଁ ଜମା ରୋମାଣ୍ଟିକ୍ ମଣିଷ ନୁହଁ କି ରୋମାଣ୍ଟିସିଜିମ ମୋତେ ଆସେନି। ମୋ ଦୃଷ୍ଟିରେ ପାରସ୍ପରିକ ସମ୍ମାନ ଆଉ ଭଲ ବୁଝାମଣା ହିଁ ପ୍ରେମ। ମୋତେ ଲାଗେ ମଣିଷର ଚିନ୍ତାଧାରା, ତା'ର ଚାଲିଚଳନ ସହ ଅଞ୍ଚଳଗତ ପାରିବାରିକ ତଥା ସାଂସ୍କୃତିକ ବିସଙ୍ଗତି ସତ୍ତ୍ୱେ ଯଦି ଦୁଇଟି ମଣିଷଙ୍କ ବିଚାରଧାରା ତଥା ଆଦର୍ଶଗତ ସଙ୍ଗତି ଅଛି, ତେବେ ସଂସାର ସୁରୁଖୁରୁରେ ଚାଲିପାରିବ। ସେତେବେଳକୁ ମୋର ବାହାଘର ପାଇଁ ପ୍ରସ୍ତାବ ଦେଖାଦେଖି ଚାଲିଥାଏ। ମୁଁ ଦୋଳାୟମାନ ସ୍ଥିତିରେ ଥାଏ। ଏମିତି ଦିନେ କଥା ହେଉହେଉ ମୁଁ ରୋଜାଲିନ୍‌କୁ ପ୍ରସ୍ତାବ ଦେଲି– ମୋତେ ବାହା ହେବୁ ? ହଠାତ୍ କେମିତି ଗୋଟେ ଗମ୍ଭୀର ସ୍ଥିତି ସୃଷ୍ଟି ହେଲା। ସେ ବାହାଘର କଥା କିଛି ଭାବିନଥାଏ। ସେ ସମୟ ମାଗିଲା। ଘର ଲୋକଙ୍କୁ ପଚାରିଲା। ପାରିବାରିକ ବିଚାରବିମର୍ଶ ପରେ ଯାହା କିଛି ନିଷ୍କର୍ଷ ବାହାରିଲା, ସେଥିରେ ଥିଲା ଅଳ୍ପ ରାଜି ଆଉ ଅନେକ ଅରାଜି। ତା'ରି ଭିତରେ ବାହାଘର ସ୍ଥିର ହେଲା।

– ପୌର୍ଣ୍ଣମାସୀ



ପତ୍ନୀ ରୋଜାଲିନ୍‌ଙ୍କ ସହ ଦିଲୀପ

## ଏ ସପ୍ତାହର ପ୍ରଶ୍ନ ?

୧– ଏସିଆ ମ୍ୟାନୁଫାକ୍ଚରିଂ ଇଣ୍ଡେକ୍ସ ୨୦୨୬ରେ ଭାରତର ସ୍ଥାନ.......... ?
୨– ନମ୍ୱେଓ ଗ୍ଲୋବାଲ୍ ସେଫ୍ଟି ଇଣ୍ଡେକ୍ସ–୨୦୨୬ ରିପୋର୍ଟ ଅନୁଯାୟୀ ପୃଥିବୀର ସବୁଠୁ ସୁରକ୍ଷିତ ସହର ............. ?
୩– ...........ଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଏ ?
୪– ଲାମ୍ବାଡା ସମ୍ପ୍ରଦାୟ ମୁଖ୍ୟତଃ ଭାରତୀୟ ରାଜ୍ୟ ........... ଏବଂ ......... ରାଜ୍ୟରେ ବସବାସ କରନ୍ତି ?
୫– ଅଲିମ୍ପିକ୍ ଇସ୍ପୋର୍ଟ୍ସ ଗେମ୍ସ ୨୦୨୭ ..........ଠାରେ ଅନୁଷ୍ଠିତ ହେବ ?

## ଗତ ଥରର ଉତ୍ତର

୧ ଆରାବଳୀ ପର୍ବତମାଳା
୨ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍
୩ ସୁଇଡେନ୍
୪ ଗୋଆ ଶିପ୍‌ୟାର୍ଡ ଲିମିଟେଡ୍
୫ ଯମୁନା

## ଉତ୍ତରଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର



ସୁଶାନ୍ତ ନାଏକ, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବବୃହତ୍ ବୌଦ୍ଧ ମୂର୍ତ୍ତି

୧. ସ୍ପ୍ରିଙ୍ଗ୍ ବୁଦ୍ଧ ଟେମ୍ପଲ୍ (ଚାଇନା).................. ୪୨୦ ଫୁଟ୍
୨. ଲେକ୍ୟୁନ୍ ସେକ୍ୟା (ମ୍ୟାନ୍‌ମାର୍) .................. ୩୮୧ ଫୁଟ୍
୩. ଉଶିକୁ ଡାଇବୁତ୍ସୁ (ଜାପାନ) .................. ୩୩୦ଫୁଟ୍
୪. ସେଣ୍ଡାଇ ଡାଇକାନନ୍ (ଜାପାନ).................. ୩୩୦ ଫୁଟ୍
୫. ଗୁଇଶାନ୍ ଗୁଆନିନ୍ (ଚାଇନା).................. ୩୨୫ ଫୁଟ୍
୬. ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ .................. ୩୦୨ ଫୁଟ୍
୭. ଡାଇ କ୍ୟାନନ୍ ଅଫ୍ କାଇଟା (ଜାପାନ).................. ୨୮୯ ଫୁଟ୍
୮. ଗ୍ରାଣ୍ଡ ବୁଦ୍ଧ ଆଟ୍ ଲିଙ୍ଗ୍ ଶାନ୍ (ଚାଇନା).................. ୨୮୯ ଫୁଟ୍
୯. ଆୱାଜି କ୍ୟାନନ୍ (ଜାପାନ) .................. ୨୬୦ ଫୁଟ୍
୧୦. ଗୁଆନିନ୍ ଅଫ୍ ମାଉଣ୍ଟ ଜିକିଆଓ (ଚାଇନା).................. ୨୫୩ ଫୁଟ୍

## ୟୁଥ୍ ଆଲର୍ଟ

# ବୁଲିବା ପାଇଁ ଏଆଇ ସାହାଯ୍ୟ ନେଉଥିଲେ

**ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ସାହାଯ୍ୟରେ ଅନେକ କାର୍ଯ୍ୟ ଖୁବ୍ ସହଜ ଏବଂ ସରଳ ଭାବେ କରାଯାଇପାରୁଛି। ଠିକ୍ ଯେମିତି କେଉଁ ନୂଆ ଜାଗାକୁ ବୁଲିବାକୁ ହେଲେ ବି ଅଧିକାଂଶ ଯୁବପିଢ଼ି ଏଆଇର ସାହାଯ୍ୟ ନେଉଛନ୍ତି। ହେଲେ ଜାଣନ୍ତି କି ଏଆଇ ସାହାଯ୍ୟରେ ଟ୍ରିପ୍ ପ୍ଲାନିଂ କରିବା ଦ୍ୱାରା ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜାଣନ୍ତୁ କିପରି ରହିବେ ସତର୍କ...**

← ଏଆଇ ଦ୍ୱାରା କେବେକେବେ ଏଭଳି ମଡେଲ୍ ପ୍ରସ୍ତୁତ ହୋଇଯାଏ, ଯାହା ଅବାସ୍ତବ ହୋଇଥାଏ ; ଯାହାକୁ ହ୍ୟାଲୁସିନେଶନ୍ ବୋଲି କୁହାଯାଏ। ତେଣୁ ଏଆଇ ଦ୍ୱାରା ଟ୍ରିପ୍ ବୁକ୍ କଲାବେଳେ କେବେକେବେ ଏମିତି କିଛି ହୋଟେଲ୍ ବା କୌଣସି ମ୍ୟୁଜିୟମ୍ ଆଦିର ଆଡ୍ରେସ୍ ମିଳିଥାଏ, ଯାହାକି ଦୀର୍ଘଦିନରୁ ବନ୍ଦ ହୋଇଯାଇଥାଏ କିମ୍ବା ଆଦୌ ନ ଥାଏ। ତେଣୁ ଏହା ଉପରେ ବିଶ୍ୱାସ କରି ଯିବା ଅପେକ୍ଷା ଗୁଗୁଲ୍ ମ୍ୟାପ୍ କିମ୍ବା ଉକ୍ତ ସ୍ଥାନର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଯାଇ ଚେକ୍ କରନ୍ତୁ ଏବଂ ତାହା ଠିକ୍ ଥିଲେ ଟ୍ରିପ୍ ପ୍ଲାନ୍ କରନ୍ତୁ।

← ଏଆଇରେ ଅପ୍‌ଡେଟ୍ ବା ରିଅଲ୍‌ଟାଇମ୍ ତଥ୍ୟ ମିଳିବା କଷ୍ଟ। କାରଣ ଏଥିରେ ଯେଉଁ ସମୟରେ ଯେଉଁ ଡାଟା ଅପ୍‌ଲୋଡ୍ ହୋଇଥାଏ, ତାହା ପୁନର୍ବାର ଅପ୍‌ଡେଟ୍ କରିବା ପର୍ଯ୍ୟନ୍ତ ସେହିପରି ରହିଥାଏ। ତେଣୁ ଟ୍ରପ୍ ସମୟରେ କେଉଁ ସ୍ଥାନକୁ ଯିବାକୁ ଚାହୁଁଥିଲେ ଯଦି ସେଠାରେ କୌଣସି କାରଣରୁ ଷ୍ଟ୍ରାଇକ୍, କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଦି ହୋଇଥାଏ, ତେବେ ତାହା ଏଆଇରେ ଜଣା ପଡ଼ି ନ ଥାଏ। ତେଣୁ କେଉଁଆଡ଼େ ଯିବା ପୂର୍ବରୁ ଗମନାଗମନ ସୁବିଧା, ସେଠାକାର ପାଣିପାଗ ଏବଂ ରହିବା ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ଏଆଇ ବଦଳରେ ସରକାରୀ ୱେବ୍‌ସାଇଟ୍, ରେଲ୍‌ୱେ ଆପ୍, ଟ୍ରାଭେଲ୍ ଆଣ୍ଡ ଟୁରିଜମ୍ ଆପ୍, ଗୁଗୁଲ୍ ଆଦିର ସାହାଯ୍ୟ ନିଅନ୍ତୁ।

← କେଉଁ ସ୍ଥାନକୁ କିଭଳି ଡ୍ରେସ୍ ପିନ୍ଧି ଯିବା ଦରକାର, ଅବା କେତେକ ସ୍ଥାନରେ କେବଳ ସ୍ଥାନୀୟ ଲୋକଙ୍କୁ ଯିବା ଅନୁମତି ରହିଥାଏ, ଆଦି ଭଳି ଏସବୁ କଥା ଏଆଇରୁ ଜଣା ପଡ଼ି ନ ଥାଏ। ଯେଉଁଥିପାଇଁ ଏହା ଜରିଆରେ ଟୁର୍ ପ୍ଲାନିଂ କରି ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ ୱେବ୍‌ସାଇଟ୍‌ରେ ପ୍ରଥମେ ପୂର୍ବରୁ ସେହି ସ୍ଥାନକୁ ଯାଇଥିବା ଲୋକଙ୍କ ଫିଡ୍‌ବ୍ୟାକ୍ ପଢ଼ନ୍ତୁ କିମ୍ବା ପରିଚିତ କେହି ଯାଇଥିଲେ ତାଙ୍କଠାରୁ ଭଲ ଭାବେ ଜାଣିବା ପରେ ହିଁ ଟ୍ରିପ୍ ପ୍ଲାନ କରନ୍ତୁ।






# ଟି୨୦ ବିଶ୍ୱକପ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରୁଛନ୍ତି ରାପର୍ ବାଦ୍‌ଶା(ବାମ)। ନୃତ୍ୟରତା ନୋରା ଫତେହୀ।

**ମୁମ୍ବାଇ, ୭।୨**

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଶନିବାର ସନ୍ଧ୍ୟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ଆରମ୍ଭ ହୋଇଛି। ଭାରତ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍ ଟ୍ରଫି ସହ ଜେଟ୍‌ପ୍ୟାକ୍ ପର୍‌ଫର୍ମର ଷ୍ଟାଡିୟମରେ ପ୍ରବେଶ ଅନ୍ୟତମ ହାଇଲାଇଟ୍ ଥିଲା। ଏହି କାର୍ଯ୍ୟକ୍ରମ ପ୍ରସିଦ୍ଧ ତବଲା ବାଦକ ଶିବମନି ଓ ସିତାର ବାଦକ ରିଶବ ଶର୍ମାଙ୍କ ପରଫର୍ମାନ୍ସ ସହ ଆରମ୍ଭ ହୋଇଥିଲା। ଏଥିରେ ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହୀ ଓ ର୍‌ୟାପର୍ ବାଦ୍‌ଶା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ଉତ୍ସବରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ପୂର୍ବତନ ଭାରତୀୟ ଅଧିନାୟକ ତଥା ଚଳିତ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରୋହିତ୍ ଶର୍ମା ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ।

## ମ୍ୟାଚ୍ ଦେଖିଲେ ଆମେରିକା ରାଷ୍ଟ୍ରଦୂତ

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଭାରତ ଓ ୟୁଏସ୍‌ଏ ମଧ୍ୟରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବେଳେ ଉପସ୍ଥିତ ଥିଲେ ଭାରତରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରଦୂତ ତଥା ଦକ୍ଷିଣ ଓ କେନ୍ଦ୍ରାଞ୍ଚଳ ଏସିଆର ସ୍ୱତନ୍ତ୍ର ଦୂତ ସର୍ଗିଓ ଗୋର୍। ସେ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କ ସହିତ ମ୍ୟାଚ ପୂର୍ବରୁ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କାରିଥିଲେ। ଏହି ଅବସରରେ ଭାରତର ପୂର୍ବତନ ଅଧିନାୟକ ତଥା ଟି୨୦ ବିଶ୍ୱକପ୍‌ର ଏହି ସଂସ୍କରଣର ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଜାତୀୟ ସଙ୍ଗୀତ ଗାନ ବେଳେ ଶାହାଙ୍କ ପାର୍ଶ୍ୱରେ ଗୋର୍ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ ସେ ୟୁଏସ୍‌ଏ ଖେଳାଳିଙ୍କୁ ଯାଇ ସାକ୍ଷାତ୍ କରିଥିଲେ। ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଦୁଇ ଦେଶ ମଧ୍ୟରେ ଏହା ଥିଲା ଦ୍ୱିତୀୟ ମୁକାବିଲା। ପୂର୍ବରୁ ଦୁଇ ଦଳ ଟି୨୦ ବିଶ୍ୱକପ୍‌ର ୨୦୨୪ ସଂସ୍କରଣରେ ପରସ୍ପରକୁ ଭେଟିଥିଲେ। ଏଥିରେ ଭାରତ ୭ ଉଇକେଟରେ ବିଜୟଲାଭ କରିଥିଲା। ନାମ୍ବିଆ, ନେଦରଲାଣ୍ଡସ୍, ପାକିସ୍ତାନ ସହ ଭାରତ ଓ ଆମେରିକା ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି।

## ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ

**ମୁମ୍ବାଇ,୭।୨**

ଚଳିତ ଟି୨୦ ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ଭାରତ ଓ ଆମେରିକା ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ୮୪ ରନ୍‌ର ପାଳି ଯୋଗୁ ଭାରତ ପ୍ରତିପକ୍ଷ ଆମେରିକା ଆଗରେ ୧୬୨ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଆମେରିକା ରିପୋର୍ଟ ଲେଖା ହେଲା ବେଳକୁ ୪ ଓଭରରେ ୩ ଉଇକେଟ ହରାଇ ୧୫ ରନ କରିଛି। ଏହି ମ୍ୟାଚ୍ ଜରିଆରେ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ମହମ୍ମଦ ସିରାଜ ଭାରତୀୟ ଟି୨୦ ଦଳକୁ ଫେରିଛନ୍ତି। ଅସୁସ୍ଥତା କାରଣରୁ ମ୍ୟାଚ୍ ଲାଗି ଉପଲବ୍ଧ ନ ଥିବା ଯଶପ୍ରୀତ ବୁମରାଙ୍କ ବଦଳରେ ସିରାଜଙ୍କୁ ସାମିଲ କରାଯାଇଛି।

ମ୍ୟାଚ୍‌ରେ ଭାରତୀୟ ବ୍ୟାଟରଙ୍କଠାରୁ ବିସ୍ଫୋରକ ବ୍ୟାଟିଂ ଆଶା କରାଯାଉଥିବା ବେଳେ ଦଳ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଫୁଲ ଫର୍ମରେ ଥିବା ଅଭିଷେକ ବିନା ରନରେ ଆଉଟ୍ ହେବା ପରେ ଇଶାନ କିଶନ ଓ ତିଲକ ବର୍ମା ଦ୍ୱିତୀୟ ଉଇକେଟରେ ୩୭ ରନ ଯୋଡ଼ିଥିଲେ। ହେଲେ ଭ୍ରମଣକାରୀ ଦଳର ପେସର ଶାଡଲି ଭାନ ସ୍କାଲକ୍ୱିକ ପାୱାରପ୍ଲେର ଅନ୍ତିମ ଓଭରରେ କିଶନ ୨୦ (୧ ଚୌକା ଓ ୨ ଛକା), ତିଲକ ୨୫ (୩ ଚୌକା ଓ ୧ ଛକା) ଓ ଶିବମ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏ ପଟେ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ କ୍ରମାଗତ ବ୍ୟବଧାନରେ ରିଙ୍କୁ ସିଂ (୬), ହାର୍ଦ୍ଦିକ ପାଣ୍ଡ୍ୟା (୫) ଓ ଅକ୍ଷର ପଟେଲ (୧୪) ଆଉଟ୍ ହୋଇଥିଲେ। କ୍ରିଜ୍‌ରେ ସେଟ୍ ଥିବା ଅଧିନାୟକ ସୂର୍ଯ୍ୟ ଅନ୍ତିମ ଓଭରରେ ୨ ଲେଖାଏ ଚୌକା ଓ ଛକା ସହିତ ୨୧ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ସୂର୍ଯ୍ୟକୁମାର ୪୯ ବଲରେ ୧୦ ଚୌକା ଓ ୪ ଛକା ସହାୟତାରେ ୮୪ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୬୧/୯ (ସୂର୍ଯ୍ୟକୁମାର ଯାଦବ-୮୪*, ତିଲକ ବର୍ମା-୨୫, ଶାଡଲି ଭାନ ସ୍କାଲକ୍ୱିକ-୪/୨୫)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ।

## ଅଳ୍ପକେ ବର୍ତ୍ତିଗଲା ପାକିସ୍ତାନ

**କଲମ୍ବୋ, ୭।୨(ପି.ଟି.)**

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍ ଉଦ୍‌ଘାଟନୀରେ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି ପାକିସ୍ତାନ। ଟେଲ୍‌ଏଣ୍ଡର ଫହିମ ଅଶ୍ରଫ୍‌ଙ୍କ ୧୧ ବଲ୍‌ରେ ୨୯ ରନ୍ ସହାୟତାରେ ପାକିସ୍ତାନ ନେଦରଲାଣ୍ଡସ୍ ବିପକ୍ଷ ମ୍ୟାଚ୍‌ରେ ଶେଷ ମୁହୂର୍ତ୍ତରେ ୩ ଉଇକେଟ ହରାଇ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନେଦରଲାଣ୍ଡସ୍ ଭଲ ଆରମ୍ଭ କରିଥିଲେ ମଧ୍ୟ ୧୯.୫ ଓଭରରେ ୧୪୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଏକଦା ୨ ଉଇକେଟ ବିନିମୟରେ ୯୦ ରନ୍ କରି ସୁବିଧାଜନକ ସ୍ଥିତିରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୧ ଓଭରରେ ୧୧୪ ରନ୍ ସ୍କୋର୍‌ରେ ଏହାର ୭ ବ୍ୟାଟରଙ୍କୁ ହରାଇଥିଲା। ଏପରିକି ଦଳ ଶେଷ ୨ ଓଭରରେ ବିଜୟ ପାଇଁ ୨୯ ରନ୍ ଆବଶ୍ୟକ କରୁଥିଲା। ଏହି ପରିସ୍ଥିତିରେ ଅଶ୍ରଫ୍ ବିସ୍ଫୋରକ ବ୍ୟାଟିଂକରି ଲୋଗାନ ଭାନ୍ ବିକ୍‌ଙ୍କ ବୋଲିଂରେ ୩ ଛକା ଓ ଗୋଟିଏ ଚୌକା ଲଗାଇଥିଲେ ଏବଂ ଅନ୍ତିମ ଓଭରରେ ଏକ ଚୌକା ମାରିଥିଲେ। ପାକିସ୍ତାନ ୩ଟି ବଲ୍ ବାକିଥାଇ ୭ ଉଇକେଟ ହରାଇ ୧୪୮ ରନ୍‌କରି ମ୍ୟାଚ୍ ଜିତିନେଇଥିଲା। ପାକିସ୍ତାନର ଟପ୍ ସ୍କୋରର ଥିଲେ ଓପ୍‌ନର ଶାହିବଜାଦା ଫର୍‌ହାନ। ସେ ୪୭ ରନ୍(୩୧ ବଲ୍) କରିଥିଲେ। ନେଦରଲାଣ୍ଡସ୍ ତରଫରୁ ସଫଳ ବୋଲର ଭାବେ ପଲ୍ ଭାନ୍ ମିକ୍‌ରେନ(୨/୨୦) ଓ ଆର୍ଯ୍ୟନ ଦତ୍ତ(୨/୩୩) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡସ୍: ୧୯.୫ ଓଭରରେ ୧୪୭/ଅଲ୍‌ଆଉଟ(ସ୍କଟ୍ ଏଡ୍‌ୱାର୍ଡ୍ସ-୩୭, ବାସ୍ ଡି' ଲିଡ୍-୩୦ ; ସଲମନ ମିର୍ଜା- ୩/୨୪, ସଇମ ଆୟୁବ-୨/୭, ମହମ୍ମଦ ନୱାଜ-୨/୩୮, ଅବ୍ରାର ଅହମଦ-୨/୨୩)।

ପାକିସ୍ତାନ: ୧୯.୩ ଓଭରରେ ୧୪୮/୭ (ସାହିବଜାଦା ଫରହାନ୍-୪୭, ଫାହିମ ଅଶ୍ରଫ୍-୨୯* ; ପଲ୍ ଭାନ୍ ମିକ୍‌ରେନ-୨/୨୦, ଆର୍ଯ୍ୟନ ଦତ୍ତ-୨/୩୩)।

## ଶେଫର୍ଡଙ୍କ ହ୍ୟାଟ୍ରିକ୍ : ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

**କୋଲ୍‌କାତା, ୭।୨**

ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ଉଇକେଟ ସଫଳତା ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟ୍‌ଲାଣ୍ଡକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍‌ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପାଇଁ ସିମରନ ହେଟମେୟର ୩୬ ବଲରେ ୬୪(୨ ଚୌକା ଓ ୬ ଛକା) ଓ ବ୍ରାଣ୍ଡନ କିଙ୍ଗ୍ ୩୫ (୪ ଚୌକା ଓ ୧ ଛକା) ରନ୍‌କରିଥିଲେ। ଜବାବରେ ସ୍କଟ୍‌ଲାଣ୍ଡ ପାୱାର ପ୍ଲେ ମଧ୍ୟରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା। ଅଧିନାୟକ ରିଚି ବେରିଙ୍ଗଟନ ୪୨ (୩ ଚୌକା ଓ ୨ ଛକା) ଓ ଟମ୍ ବ୍ରୁସ୍ ୩୫(୧ ଚୌକା ଓ ୨ ଛକା) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ ୧୭ତମ ଓଭରରେ



ରୋମାରିଓ ଶେଫର୍ଡ

ଶେଫର୍ଡ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇ ୱେଷ୍ଟଇଣ୍ଡିଜ୍‌ର ବିଜୟ ନିଶ୍ଚିତ କରିଥିଲେ। ସେ ଓଭରର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲ୍‌ରେ ଯଥାକ୍ରମେ ମାଥ୍ୟୁ କ୍ରସ୍, ମାଇକେଲ ଲିସ୍କ ଓ ଓଲିଭର ଡାଭିଡ୍‌ସନ୍‌ଙ୍କୁ ଆଉଟ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ। ଫଳରେ ସ୍କଟ୍‌ଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ୍ ପାଇଁ ଶେଫର୍ଡ ୫ ଓ ଜାସନ ହୋଲ୍ଡର ୩ ଉଇକେଟ ନେଇଥିଲେ।

### ଆଜିର ମ୍ୟାଚ

**ନ୍ୟୁଜିଲାଣ୍ଡ** ବନାମ **ଆଫଗାନିସ୍ତାନ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ** ବନାମ **ନେପାଳ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା

**ଶ୍ରୀଲଙ୍କା** ବନାମ **ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: **ଷ୍ଟାରସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

## ଶ୍ରୀଲଙ୍କାର ଅନୁରୋଧ: ସରକାରଙ୍କ ସହ ପିସିବି ପରାମର୍ଶ କରିବ

**କରାଚୀ, ୭।୨(ପି.ଟି.)**

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ଟି୨୦ ମ୍ୟାଚ୍‌କୁ ବର୍ଜନ କରିବା ନିଷ୍ପତ୍ତି ଉପରେ ପାକିସ୍ତାନ ପୁନଃ ବିଚାର କରିପାରେ। ଭାରତ-ପାକିସ୍ତାନ ବହୁ ପ୍ରତୀକ୍ଷିତ ମ୍ୟାଚ୍ ଖେଳା ନ ଗଲେ ହେବାକୁ ଥିବା କ୍ଷତିକୁ ଦର୍ଶାଇ ଶ୍ରୀଲଙ୍କା ପକ୍ଷରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ପିସିବି ସରକାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି।

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ସର୍ବଦା ସରକାରୀ ଓ କ୍ରିକେଟ ସ୍ତରରେ ଭଲ ସମ୍ପର୍କ ରହି ଆସିଛି। ଏଣୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଇଥିବା ମେଲ୍‌କୁ ଅଣଦେଖା କରାଯାଇପାରିବ ନାହିଁ। ଶ୍ରୀଲଙ୍କା କ୍ରିକେଟ ମୁଖ୍ୟ ଶାମି ସିଲ୍‌ଭା ସିଧାସଳଖ ପିସିବି ମୁଖ୍ୟ ମହସିନ ନକ୍‌ଭିଙ୍କୁ ଯୋଗାଯୋଗ କରି ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍‌ରୁ ଅତିରିକ୍ତ ଆୟ କରିପାରିବନାହିଁ। ଏଥିଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ସରକାରଙ୍କ ସହ ପୁନଃ ବିଚାର ଲାଗି ଆଲୋଚନା କରିବେ ବୋଲି ନକ୍‌ଭି ଆଶ୍ୱାସନା ଦେଇଛନ୍ତି। ନକ୍‌ଭି ଏବେ ପାକିସ୍ତାନରେ ନାହାନ୍ତି। ସେ ଦେଶକୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ କଥାହେବେ। ତା' ପରେ ସୋମବାର ସୁଦ୍ଧା ନିଷ୍ପତ୍ତି ହୋଇପାରେ ବୋଲି ପିସିବି ସୂତ୍ରରୁ ଜଣାପଡ଼ିଛି।

## ଏଲାଭେନିଲଙ୍କୁ ଏୟାର ରାଇଫଲରେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୭।୨ (ପି.ଟି.)**

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଏସିଆନ ଚାମ୍ପିୟନଶିପ୍‌ରେ ଭାରତର ମହିଳା ଶୁଟରଙ୍କ ଲାଗି ଶନିବାର ଥିଲା ଏକ ସ୍ମରଣୀୟ ଦିବସ। ଜାପାନର ମିସାକି ନୋବାତାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ସୁଦ୍ଧା ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନ ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ମେଘନା ସାଜାନର ଏକ ବ୍ରୋଞ୍ଜ ପଦକ ସହ ପୋଡିୟମ ଚଢ଼ିଛନ୍ତି। ଏହାଛଡ଼ା ଏଲାଭେନିଲ ଭାଲାରିଭାନ, ଆର୍ଯ୍ୟା ବୋର୍ସେ ଓ ମେଘନା ସାଜାନରଙ୍କୁ ନେଇ ଭାରତୀୟ ମହିଳା



ପଦକ ସହ ଏଲାଭେନିଲ ଭାଲାରିଭାନ(ମଝି), ମେଘନା ସାଜାନର(ଡାହାଣ)।

### ଏସିଆନ ଶୁଟିଂ ଚାମ୍ପିୟନଶିପ୍

ଦଳ ଟିମ୍ ଇଭେଣ୍ଟ ଜିତିବାରେ ସଫଳ ହୋଇଛି। ଜୁନିୟର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସମ୍ଭାବୀ କ୍ଷୀରସାଗର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟର ଅନ୍ୟ ଦୁଇ ପଦକ ମାନ୍ୟତା ସିଂ ଓ ଅନିଶା ଶର୍ମା ଜିତିଛନ୍ତି।

## ଜୟନ୍ତୀଙ୍କୁ ଡବଲ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୭।୨(ଅନାଦି କର)**

ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲାର ପାରା ଆଥ୍‌ଲେଟ୍ସ ଭାଗ ନେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଜୟନ୍ତୀ ବେହେରା ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଟି-୪୭ କାଟେଗୋରି ୧୦୦ମି. ଓ ୪୦୦ମି.ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସୁଚିତ୍ର ପରିଡ଼ା ଓ ପ୍ରଫୁଲ୍ଲ ଖଣ୍ଡାୟତରାୟ ଯଥାକ୍ରମେ

### ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଆରମ୍ଭ

ମହିଳା ଓ ପୁରୁଷ ଶଟ୍‌ପୁଟ(ଏଫ୍-୫୫ କାଟେଗୋରି)ରେ ସ୍ୱର୍ଣ୍ଣ ହାସଲ କରିଛନ୍ତି। ସେହିଭଳି ଲଙ୍ଗ୍‌ଜମ୍ପ୍ ଟି-୪୭ କାଟେଗୋରିରେ ସ୍ୱାଧୀନ ମେହେର ପୋଡିୟମରେ ଶୀର୍ଷସ୍ଥାନ ଅକ୍ତିଆର କରିଛନ୍ତି। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୪୧୩ ପାରା ଆଥ୍‌ଲେଟ୍ ଓ ୧୦୦ରୁ ଊର୍ଦ୍ଧ୍ୱ ଏସ୍କର୍ଟ ଯୋଗ ଦେଇଛନ୍ତି।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ